# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in


♦VOLUME- 43 ♦ISSUE-144 ♦THURSDAY ♦20 NOVEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୪୪ ♦ଗୁରୁବାର ♦୨୦ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




ଟେନିସ୍ ହଲ୍ ଅଫ୍ ଫେମ୍‌ରେ ଫେଡେରର୍

▶ପୃଷ୍ଠା ୧୦ ଦେଖନ୍ତୁ...

## ବିପଦରେ ୩୫୦ କୋଟି ହ୍ୱାଟ୍ସଆପ୍ ୟୁଜର୍ସଙ୍କ ଡାଟା



ଭାରତର ୭୪.୯ କୋଟି ବ୍ୟବହାରକାରୀ

ପ୍ରୋଫାଇଲ ପିକ୍ଚର ଷ୍ଟାଟସ୍ ପ୍ରଘଟ ହୋଇପାରେ

■ ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ବିପଦରେ ବିଶ୍ୱର ୩.୫ ବିଲିୟନ ଅର୍ଥାତ୍ ୩୫୦ କୋଟିରୁ ଅଧିକ ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ। ଏଥିରେ କେବଳ ଭାରତର ସର୍ବାଧିକ ୭୪.୯ କୋଟି ବ୍ୟବହାରକାରୀଙ୍କ ଆକାଉଣ୍ଟ ରହିଛି। ସୁରକ୍ଷାରେ ବଡ଼ ତ୍ରୁଟି ଯୋଗୁ ହ୍ୱାଟ୍ସଆପ୍‌ରେ ବ୍ୟବହାରକାରୀଙ୍କ ପ୍ରୋଫାଇଲ୍ ପିକ୍ଚର ଏବଂ ଷ୍ଟାଟସ୍ ଆଦିରେ ଥିବା ତଥ୍ୟ ଲିକ୍ ହୋଇଯାଇପାରେ।ଭିଏନା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହି ତ୍ରୁଟିକୁ ଧରିଛନ୍ତି। ଗବେଷକଙ୍କ ଅନୁଯାୟୀ, ଏହି ଦୁର୍ବଳତା ଯେକୌଣସି ବ୍ୟକ୍ତିଙ୍କୁ ଯାଞ୍ଚ କରିବାକୁ ଅନୁମତି ଦିଏ ଯେ ଜଣେ ବ୍ୟକ୍ତି ହ୍ୱାଟ୍ସଆପ୍‌ରେ ସକ୍ରିୟ ଅଛନ୍ତି କି ନାହିଁ। ତା'ପରେ ସେମାନଙ୍କ ପ୍ରୋଫାଇଲ୍ ପିକ୍ଚର ଓ ଷ୍ଟାଟସ୍‌ର ବିବରଣୀ ସହଜରେ ବାହାର କରାଯାଇପାରିବ। ପରେଏହାର ସମ୍ଭାବ୍ୟ ଅପବ୍ୟବହାର କରାଯାଇପାରେ ବୋଲି ଗବେଷକମାନେ କହିଛନ୍ତି। ଏହି ସମସ୍ୟାଟି ହ୍ୱାଟ୍ସଆପ୍‌ର କନେକ୍ଟ ଡିସ୍କଭରି ଫିଚରର ବୈଶିଷ୍ଟ୍ୟରେ ରହିଛି। ଏହା ବ୍ୟବହାରକାରୀଙ୍କ ଫୋନ୍ ଠିକଣା ପୁସ୍ତିକାକୁ ସିଙ୍କ୍ କରି ଲୋକଙ୍କୁ ସର୍ଚ୍ଚ ସହଜ କରିବା ପାଇଁ ଡିଜାଇନ୍ କରାଯାଇଥିଲା, କିନ୍ତୁ ଏହା ଅଜାଣତରେ ୟୁଜରଙ୍କ ଡାଟାର ବଡ଼ ପରିମାଣରେ ଚୋରି ପାଇଁ ଦ୍ୱାର ଖୋଲି ଦେଇଥିଲା। ଗବେଷକମାନେ ରିପୋର୍ଟ କରିଛନ୍ତି ଯେ ଏଥିରେ ବିଶ୍ୱର ୩୫୦ କୋଟି ବ୍ୟବହାରକାରୀଙ୍କ ମଧ୍ୟରୁ ଭାରତର ୭୪.୯ କୋଟି (୨୧.୬୭%), ଇଣ୍ଡୋନେସିଆର ୨୩୫ନିୟୁତ (୬.୮୧%), ବ୍ରାଜିଲର ୨୦୭ ନିୟୁତ ▶ପୃଷ୍ଠା-୭

## ଟ୍ରିବ୍ୟୁନାଲ ସଂସ୍କାର ଆଇନ ରଦ୍ଦ କଲେ ସୁପ୍ରିମ୍‌କୋର୍ଟ



ବିଚାର ବିଭାଗର କ୍ଷମତାରେ ହସ୍ତକ୍ଷେପ ନକରିବାକୁ ଚେତାବନୀ

■ ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଟ୍ରିବ୍ୟୁନାଲ ସଂସ୍କାର ଆଇନ, ୨୦୨୧କୁ ଆଜି ରଦ୍ଦ କରିଦେଇଛନ୍ତି ସୁପ୍ରିମ କୋର୍ଟ। ଏହି ଆଇନକୁ ଅସାମ୍ବିଧାନିକ ବର୍ଣ୍ଣନା କରି ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ସଂସଦରେ ଗୃହୀତ ଏହି ଆଇନ କ୍ଷମତାର ପୃଥକୀକରଣ ଏବଂ ବିଚାର ବିଭାଗର ନିରପେକ୍ଷତା ସଂକ୍ରାନ୍ତ ନିୟମରର ଉଲ୍ଲଂଘନ କରୁଛି। ବିଚାର ବିଭାଗର ସ୍ୱୟଂଶାସନ ପାଇଁ ସମ୍ବିଧାନରେ ଯେଉଁ ବ୍ୟବସ୍ଥା ରହିଛି, ସେଥିରେ କୌଣସି ପ୍ରକାର ହସ୍ତକ୍ଷେପ ନକରିବା ଲାଗି କେନ୍ଦ୍ର ସରକାରଙ୍କୁ କୋର୍ଟ ଚେତାବନୀ ଶୁଣାଇଛନ୍ତି। ସଂପୃକ୍ତ ଟ୍ରିବ୍ୟୁନାଲ ଆଇନକୁ ଚାଲେଞ୍ଜ କରି ଆଗତ ଏକାଧିକ ପିଟିସନର ବିଚାର କରି ଆଜି ଏହି ରାୟ ଶୁଣାଇଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର. ଗଭାଇ ଏବଂ ଜଷ୍ଟିସ କେ. ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ବେଞ୍ଚ। ରାୟ ଶୁଣାଇ ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ ▶ପୃଷ୍ଠା-୭

# ବିହାରରେ ପୁଣି ନୀତୀଶ ସରକାର

## ରାଜ୍ୟପାଳଙ୍କୁ ଭେଟି ଦେଲେ ଇସ୍ତଫା; ଆଜି ୧୦ମ ଥର ମୁଖ୍ୟମନ୍ତ୍ରୀ ରୂପେ ନେବେ ଶପଥ



ଯୋଗ ଦେବେ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, କୃଷିମନ୍ତ୍ରୀ

ଶପଥ ଉତ୍ସବରେ ଉପସ୍ଥିତ ରହିବେ ୧୧ ମୁଖ୍ୟମନ୍ତ୍ରୀ

■ ପାଟନା, ୧୯।୧୧ (ଏଜେନ୍ସି): ଯାହା ଆଶା କରାଯାଉଥିଲା, ତାହା ହିଁ ଘଟିଛି । ଆଜି ବିହାର ମୁଖ୍ୟମନ୍ତ୍ରୀ ନୀତିଶକୁମାର ରାଜ୍ୟପାଳଙ୍କୁ ଭେଟି ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି ଓ ଆସନ୍ତାକାଲି ପୁଣି ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବାକୁ ଯାଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ୍ ଶାହା, ବିଜେପି ଜାତୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା, କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାଣ, ୧୧ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ୧୫୦ ବିଶିଷ୍ଟ ଅତିଥିଙ୍କ ଉପସ୍ଥିତିରେ ନୀତିଶ ୧୦ମଥର ବିହାରର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବେ ବୋଲି ସୂଚନା ମିଳିଛି ।

ଆଜି ସକାଳେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ଦଳୀୟ ପର୍ଯ୍ୟବେକ୍ଷକ ତଥା ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ, ସହ ପର୍ଯ୍ୟବେକ୍ଷକ ଅର୍ଜୁନରାମ ମେଘୱାଲ ଓ ସାଧ୍ୱୀ ନିରଞ୍ଜନ ଜ୍ୟୋତିଙ୍କ ଉପସ୍ଥିତିରେ ସମ୍ରାଟ ଚୌଧୁରୀଙ୍କୁ ବିଜେପି ବିଧାୟକ ଦଳ ନେତା ଓ ବିଜୟ ସିହ୍ନାଙ୍କୁ ବିଧାୟକ ଦଳ ଉପନେତା ମନୋନୟନ କରାଯାଇଥିଲା। ଅନ୍ୟପକ୍ଷରେ ଜେଡିୟୁ ବିଧାୟକ ଦଳ ବୈଠକରେ ନୀତିଶକୁମାର ବିଧାୟକ ଦଳ ନେତା ନିର୍ବାଚିତ ହୋଇଥିଲେ। ପରେ ଏନ୍‌ଡ଼ିଏ ବିଧାୟକ ଦଳ ବୈଠକ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା ଏବଂ ନୀତିଶକୁମାର ସର୍ବସମ୍ମତିକ୍ରମେ ନେତା ନିର୍ବାଚିତ ହୋଇଥିଲେ। ତେଣୁ ଆସନ୍ତାକାଲି ନୀତିଶ ମୁଖ୍ୟମନ୍ତ୍ରୀ ଏବଂ ସମ୍ରାଟ ଚୌଧୁରୀ ଓ ବିଜୟ ସିହ୍ନା ଉପମୁଖ୍ୟମନ୍ତ୍ରୀ ରୂପେ ଶପଥ ନେବା ପ୍ରାୟ ଚୂଡ଼ାନ୍ତ ହୋଇଛି । ବିଧାୟକ ଦଳ ନେତା ନିର୍ବାଚନର ଔପଚାରିକତା ଶେଷ ପରେ ନୀତିଶକୁମାର ରାଜ୍ୟପାଳଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ।

ଆସନ୍ତାକାଲି ନୀତିଶଙ୍କ ସହ ଶପଥ ନେବାକୁ ଥିବା ସମ୍ଭାବ୍ୟ ମନ୍ତ୍ରୀମାନଙ୍କର ନାମ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଥିଲେ ହେଁ ତାହା ଚୂଡ଼ାନ୍ତ ହୋଇପାରି ନାହିଁ । ଆଜି ରାତିରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ପାଟନାରେ ପହଞ୍ଚିବା ପରେ ନୀତିଶକୁମାରଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବେ। ଏହି ବୈଠକରେ ମନ୍ତ୍ରୀମାନଙ୍କ ସୂଚୀ ଚୂଡ଼ାନ୍ତ ହେବ ବୋଲି ▶ପୃଷ୍ଠା-୭

## ଆସୁଛି ଲଘୁଚାପ — ପୁଣି ବାତ୍ୟା ଭୟ

- ଆନ୍ଧ୍ର-ଓଡ଼ିଶା ପ୍ରତି ରହୁଛି ବିପଦ
- ଉଜାଡ଼ି ଦେବ ଉପକୂଳର ଚାଷ

■ ଭୁବନେଶ୍ୱର, ୧୯ ।୧୧ (ସମିସ): ଚଳିତ ମାସ ଶେଷ ବେଳକୁ ରାଜ୍ୟକୁ ଆସୁଛି ବଡ଼ ବର୍ଷା। ରାଜ୍ୟର ସମଗ୍ର ଉପକୂଳବର୍ତ୍ତୀ ଜିଲ୍ଲା ସମେତ ଅଧିକାଂଶ ଆଭ୍ୟନ୍ତରୀଣ ଜିଲ୍ଲା ପାଇଁ ସୃଷ୍ଟି ହୋଇଛି ବର୍ଷା ବିପଦ। ସମ୍ଭାବ୍ୟ ଲଘୁଚାପ ଓ ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହେବାର ପୂର୍ବାନୁମାନକୁ ଆଧାର କରି ଆଉ ଏକ ସମ୍ଭାବ୍ୟ ବାତ୍ୟାର ମଧ୍ୟ ଆକଳନ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ପୂର୍ବାନୁମାନ କରାଯାଇଛି ଯେ ଆସନ୍ତା ୨୨ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତିକରି ଘନୀଭୂତ ହୋଇ ୨୪ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରର କେନ୍ଦ୍ରୀୟ ଅଞ୍ଚଳରେ ଏକ ଅବପାତରେ ପରିଣତ ହେବ। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ସମାନ ଦିଗରେ ଗତି ବଜାୟ ରଖିବା ସହ ଦକ୍ଷିଣ- ▶ପୃଷ୍ଠା-୭

## ଲଜ୍ଜା! ଦାଦନ ଫେରନ୍ତା ମହିଳାଙ୍କୁ ବସ୍‌ଷ୍ଟାଣ୍ଡରୁ ଟେକିନେଇ ଦୁଷ୍କର୍ମ !

■ ରାୟଗଡ଼ା,୧୯।୧୧(ସମିସ): ଜଣେ ଦାଦନ ଫେରନ୍ତା ବିବାହିତ ମହିଳାଙ୍କୁ ରାୟଗଡ଼ାରେ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ପୀଡିତା ମହିଳାଙ୍କ ଏତଲା ପ୍ରକାରେ ରାୟଗଡ଼ା ଥାନା ପୋଲିସ ଜଣକୁ ଅଟକ ରଖି ତଦନ୍ତ ଜାରି ରଖିଛି। ସୂଚନା ଯୋଗ୍ୟ ଯେ, ବିବାହିତ ମହିଳା ଜଣକ ନିଜ ସ୍ୱାମୀ ସହିତ ଗତକାଲି ଏ ନେଇ ବିଳମ୍ବିତ ରାତିରେ ରାୟଗଡ଼ା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଏସଡିପିଓ ଗୌରହରି ସାହୁଙ୍କ ନେତୃତ୍ୱରେ ପୋଲିସ ତଦନ୍ତ ଆରମ୍ଭ କରି ବଳାତ୍କାର କରିଥିବା ସନ୍ଦେହରେ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି। ତେବେ ପୀଡ଼ିତାଙ୍କ ସ୍ୱାମୀଙ୍କ କହିବାନୁସାରେ କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକରୁ ସେମାନେ ତାମିଲନାଡୁ ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ଗତକାଲି ରାୟଗଡ଼ାକୁ ଟ୍ରେନ ଯୋଗେ ଫେରିଥିଲେ। ରାତି ୮ଟା ସମୟରେ ନିଜ ଗାଁକୁ ଫେରିବା ପାଇଁ ରାୟଗଡ଼ା ବସଷ୍ଟାଣ୍ଡରେ ବସକୁ ଅପେକ୍ଷା କରିଥିଲେ। ଏହି ସମୟରେ ▶ପୃଷ୍ଠା-୭

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ କୁମାରସ୍ୱାମୀ

## ସଂପ୍ରସାରଣ ହେବ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ



ସମସ୍ତ ସହଯୋଗ ଯୋଗାଇଦେବେ ରାଜ୍ୟ ସରକାର

ଲୋକଙ୍କ ସମସ୍ୟାର ସମାଧାନ କରି ସହମତି ଭିତ୍ତିରେ ସମ୍ପ୍ରସାରଣ ପାଇଁ ଜମି ଯୋଗାଇ ଦିଆଯିବ: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୧୯।୧୧ (ସମିସ): କେନ୍ଦ୍ର ଭାରୀ ଶିଳ୍ପ ତଥା ଇସ୍ପାତ ମନ୍ତ୍ରୀ ଏଚ୍.ଡି କୁମାରସ୍ୱାମୀ ବୁଧବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଏହି ଅବସରରେ ଉଭୟେ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନାରୁ ଜଣାଯାଇଛି ଯେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ଉଦ୍ୟମ ଜାରି ରହିଛି। ଆଧୁନିକୀକରଣ କାର୍ଯ୍ୟ ସୁରୁଖୁରୁରେ ଚାଲିଥିବା ବେଳେ, ସମ୍ପ୍ରସାରଣ ପାଇଁ ଜମି ଅଧିଗ୍ରହଣକୁ ସୁରୁଖୁରୁରେ କରିବା ପାଇଁ ବୈଠକରେ ଆଲୋଚନା କରାଯାଇଥିଲା।

ବୈଠକରେ ଏ ସମ୍ପର୍କରେ ସମାଧାନ ପାଇଁ ବିସ୍ତୃତ ଆଲୋଚନା ▶ପୃଷ୍ଠା-୭

## ଚୋରକୁ ପିଟିପିଟି ମାରିଦେଲେ ଗ୍ରାମବାସୀ


■ ଉଦଳା, ୧୯।୧୧ (ସମିସ): ଗାଁକୁ ରାତିରେ ଚୋରି କରିବାକୁ ଆସିଥିଲେ ଦୁଇ ଲୁଟେରା; ହେଲେ ଗ୍ୟାସ୍ ସିଲିଣ୍ଡର ଚୋରି କରିବା ପଡିଛି ମହଙ୍ଗା। ଗାଁ ଲୋକେ ଜଣେ ଚୋରକୁ ପିଟିପିଟି ମାରିଦେଇଛନ୍ତି। ଏଭଳି ଏକ ଚାଞ୍ଚଲ୍ୟକର ଘଟଣା ଘଟିଛି ଉଦଳା ଥାନା ବିସିପୁର ଗ୍ରାମରେ। ମଙ୍ଗଳବାର ବିଳମ୍ବିତ ରାତିରେ ଖୁଣ୍ଟା ଥାନା ଦେଉଳା ଗ୍ରାମର ବାପି କୋହ୍ଲାର ଏବଂ କାହ୍ନୁ ମଢେଇ ବିସିପୁର ଗ୍ରାମକୁ ଚୋରି କରିବା ନିମନ୍ତେ ଯାଇଥିଲେ। ସେଠାରୁ ଦୁଇଟି ଗ୍ୟାସ୍ ସିଲିଣ୍ଡର ଚୋରି କରି ଗ୍ରାମରୁ ବାହାରି ଆସିବା ସମୟରେ ଲୋକଙ୍କ ହାବୁଡରେ ପଡିଯାଇଥିଲେ। ପରେ ଉଭୟଙ୍କୁ ନିର୍ଘାତ ପିଟିପିଟି ଗୁରୁତର କରିଦେଇଥିଲେ। ଖବରପାଇ ଉଦଳା ପୁଲିସ ପହଞ୍ଚି ଗ୍ରାମବାସୀଙ୍କ କବଳରେ ଥିବା ଦୁଇ ଲୁଟେରାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲା; ହେଲେ ବାପି କୋହ୍ଲାରର ଅବସ୍ଥା ଗୁରୁତର ଥିବାରୁ କିଛି ସମୟ ପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ପୁଲିସ ମୃତକ ବାପି କୋହ୍ଲାରର ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ମେଡିକାଲରେ ରଖିଥିବା ବେଳେ ଅନ୍ୟ ଜଣେ ଲୁଟେରା କାହ୍ନୁକୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହି ଘଟଣାରେ ପୁଲିସ ଗ୍ରାମର ୧୦ରୁ ଅଧିକ ଲୋକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ▶ପୃଷ୍ଠା-୭

୧୦ରୁ ଊର୍ଦ୍ଧ୍ୱ ଅଟକ

## ଟଳିଲେ ଆଉ ୭ ମାଓବାଦୀ, ୫୦ ଗିରଫ



■ ମାଲକାନଗିରି, ୧୯ ।୧୧ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶର ଆଲୁରି ସୀତାରାମ ରାଜୁ ଜିଲ୍ଲାରେ ଆଜି ପୁଣି ସୁରକ୍ଷା ବଳକୁ ମିଳିଛି ବଡ଼ ସଫଳତା। ଗତକାଲି ଏହି ଜିଲ୍ଲାରେ ଗୁଳି ବିନିମୟ ଘଟି କୁଖ୍ୟାତ ମାଓ ନେତା ହିଡମା ସହ ୬ ଜଣ ମାଓବାଦୀ ନିହତ ହୋଇଥଲେ। ଆଜି ପୁଣି ସେହି ଅଞ୍ଚଳରେ ଚାଲିଥିବା ତଲାସି ଅଭିଯାନ ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଯେଉଁଥିରେ ୭ ଜଣ ମାଓବାଦୀ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଗତକାଲିର ଗୁଳି ବିନିମୟ ପରେ ଏହି ଜଙ୍ଗଲରେ ମାଓ କ୍ୟାମ୍ପ ଚାଲିଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇବା ପରେ ଗ୍ରେ-ହାଉଣ୍ଡ ଯବାନ ସେହି ଅଞ୍ଚଳରେ କ୍ରମାଗତ ତଲାସି ଅଭିଯାନକୁ ଜାରି ରଖିଥିଲେ। ଭୋରରେ ମାଓବାଦୀ ଏବଂ ଯବାନ ମଧ୍ୟରେ ଗୁଳିବିନିମୟ ଘଟିଥିଲା। ମାଓବାଦୀ ଛତ୍ରଭଙ୍ଗ ଦେବା ପରେ ଅଞ୍ଚଳରେ ଯବାନଙ୍କ ପକ୍ଷରୁ ତଲାସି ଅଭିଯାନ ବେଳେ ଘଟଣାସ୍ଥଳରୁ ୭ ଜଣ ମାଓବାଦୀଙ୍କ ଶବ ମିଳିଛି। ମୃତ ମାଓବାଦୀ ମଧ୍ୟରେ ଆନ୍ଧ୍ର-ଓଡ଼ିଶା ବର୍ଡର ଡିଭିଜନାଲ କମିଟି ମେମ୍ବର ଏମ୍ ଜଗା ରାଓ ଓରଫ ଟେକ ଶଙ୍କର, ଡିଭିଜନାଲ କମିଟି ମେମ୍ବର ସୀତା ଓରଫ ଜ୍ୟୋତି, ତିରୁପତିଙ୍କ ଶବ ରହିଛି। ମୃତ ମାଓବାଦୀଙ୍କ ମଧ୍ୟରେ ୫ ଜଣ ▶ପୃଷ୍ଠା-୭

# ଭାରତ ଫେରିଲା ଗ୍ୟାଙ୍ଗଷ୍ଟର ଲରେନ୍ସର ଭାଇ ଅନ୍‌ମୋଲ



ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇର ଭାଇ ଅନ୍‌ମୋଲ ବିଷ୍ଣୋଇକୁ ପ୍ରତ୍ୟର୍ପଣ କରି ବୁଧବାର ଦିଲ୍ଲୀ ଅଣାଯାଇଛି। ବିମାନବନ୍ଦରରେ ପହଞ୍ଚିବା ପରେ ଏନ୍‌ଆଇଏ ତାକୁ ହେପାଜତକୁ ନେଇ ପଟିଆଲା ହାଉସ କୋର୍ଟରେ ଉପସ୍ଥାପନ କରିଛି। କୋର୍ଟ ତାକୁ ୧୧ ଦିନ ପାଇଁ ଏନଆଇଏ ହେପାଜତକୁ ପଠାଇ ଦେଇଛନ୍ତି। ଆମେରିକାରୁ ଆଜି ମୋଟ ୨୦୦ ଲୋକଙ୍କୁ ପ୍ରତ୍ୟର୍ପଣ କରାଯାଇଥିଲା। ଏମାନଙ୍କ ମଧ୍ୟରେ ଭାରତର ତିନି ଜଣ ସାମିଲ ଥିଲେ। ଆଉ ଦୁଇ ପଞ୍ଜାବର ବାସିନ୍ଦା। ତେବେ ଏହି ଦୁଇ ଜଣଙ୍କ ବିଷୟରେ କୌଣସି ସୂଚନା ବାହାରକୁ ଆସି ନାହିଁ।

ଗ୍ୟାଙ୍ଗଷ୍ଟର ଅନମୋଲ ଭାରତରେ ଅନେକ ମାମଲାରେ ୱାଣ୍ଟେଡ ଥିଲା। ୨୦୨୪ ଏପ୍ରିଲରେ ବଲିଉଡ ଅଭିନେତା ସଲ୍‌ମାନ ଖାନଙ୍କ ଘର ଉପରେ ଗୁଳିମାଡ଼ ମାମଲାରେ ସେ ଅଭିଯୁକ୍ତ ଥିଲା। ସେହିପରି ଗତ ବର୍ଷ ମୁମ୍ବଇରେ ଏନ୍‌ସିପି ନେତା ବାବା ସିଦ୍ଦିକି ହତ୍ୟା ମାମଲାର ମଧ୍ୟ ସେ ମୁଖ୍ୟ ଅଭିଯୁକ୍ତ। ୨୦୨୨ରେ ପଞ୍ଜାବୀ ଗୀତିକାର ସିଦ୍ଧୁ ମୁସେୱାଲା ହତ୍ୟା ମାମଲାରେ ମଧ୍ୟ ଅନମୋଲର ନାମ ସାମ୍ନାକୁ ଆସିଥିଲା। ରିପୋର୍ଟ ଅନୁଯାୟୀ, ଆମେରିକାରେ ବେଆଇନ ଭାବେ ପ୍ରବେଶ କରିବା ମାମଲାରେ ଅନମୋଲକୁ ଗିରଫ କରାଯାଇଥିଲା। ସେ ଭାରତର ଜାଲ୍‌ପାସପୋର୍ଟରେ ଆମେରିକା ଯାଇଥିଲା। ଏହି ପାସୋପର୍ଟ ଭାନୁ ପ୍ରତାପ ନାମରେ ଥିଲା। ଏନଆଇଏର ୱାଣ୍ଟେଡ ତାଲିକାରେ ରହିଛି। ତା' ଉପରେ ୧୦ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି।

# ଇମ୍ରାନ ଖାନଙ୍କ ୩ ଭଉଣୀଙ୍କୁ ଘୋଷାଡ଼ି ନେଲା ପୁଲିସ



ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଲ୍‌ରେ ବନ୍ଦୀ ଇମ୍ରାନ ଖାନଙ୍କ ଭଉଣୀଙ୍କୁ ରାୱଲପିଣ୍ଡି ପୁଲିସ ଖରାପ ବ୍ୟବହାର କରିଛି। ଅଦିଆଲା ଜେଲ ବାହାରେ ବିକ୍ଷୋଭ କରୁଥିବା ପୁଲିସ ତାଙ୍କ ଭଉଣୀଙ୍କୁ ରାସ୍ତା ଘୋଷାଡ଼ି ଘୋଷାଡ଼ି ନେଇ ହେପାଜତରେ ରଖିଛି। ଏହାର କରୁଣ ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ସୂଚନା ଅନୁଯାୟୀ ଇମ୍ରାନଙ୍କୁ ଭେଟିବା ପାଇଁ ଭଉଣୀ ଅଲିମା, ଉଜମା ଏବଂ ନୌରିନ ଖାନ ଜେଲ୍‌କୁ ଯାଇଥିଲେ। ମାତ୍ର ପୁଲିସ ତାଙ୍କୁ ଭାଇକୁ ଭେଟିବାକୁ ଦେଇ ନ ଥିଲା। ଏହାକୁ ପ୍ରତିବାଦ କରି ଭଉଣୀମାନେ ବିକ୍ଷୋଫ କରିଥିଲେ। ଏହି ସମୟରେ ଇମ୍ରାନଙ୍କ ଭଉଣୀ ନୌରିନଙ୍କୁ ପୁଲିସ ଘୋଷାଡ଼ି ଘୋଷାଡ଼ି ନେଇଥିଲେ। ଏହି ସମୟରେ ତାଙ୍କ ଭଉଣୀମାନେ ଭୟରେ ଥରୁଥିବା ଦେଖାଯାଉଛି। ନୌରିନ୍ କହିଛନ୍ତି ଯେ ଜେଲ୍ ବାହାରେ ମୁଁ ୨ଭଉଣୀଙ୍କ ସହ ଠିଆ ହୋଇଥିଲି। ଜଣେ ମହିଳା ପୁଲିସ ଆସି ମୋତେ ଧରି ତଳେ ପକାଇ ଦେଲେ। ଏପରି କାହିଁକି କରୁଛନ୍ତି ତାହା ମୁଁ ବୁଝି ପାରି ନ ଥିଲି। ଏହା ପରେ ସେ ମୋତେ ଘୋଷାଡ଼ିବା ଆରମ୍ଭ କଲେ। ସେମାନେ ଏତେ ତଳସ୍ତରକୁ ଖସିବା ଦୁଃଖଦାୟକ। ପଞ୍ଜାବ ପୁଲିସକୁ ସେ ସବୁଠୁ ନିଷ୍ଠୁର କହିଛନ୍ତି। ଇମ୍ରାନ ଖାନଙ୍କ ଦଳ ପାକିସ୍ତାନ ତେହେରିକ୍-ଇ-ଇନସାଫ ପକ୍ଷରୁ ଏହାକୁ ନିନ୍ଦା କରାଯାଇଛି।

## ପାଲେଷ୍ଟିନୀୟ ଶରଣାର୍ଥୀ ଶିବିରରେ ଇସ୍ରାଏଲ ଆକ୍ରମଣ; ୧୪ ମୃତ

ବେରୁତ, ୧୯।୧୧ (ଏଜେନ୍ସି):ଦକ୍ଷିଣ ଲେବାନନ ସ୍ଥିତ ପାଲେଷ୍ଟିନୀୟ ଶରଣାର୍ଥୀ ଶିବିରରେ ଇସ୍ରାଏଲ ଆକାଶ ମାର୍ଗରୁ ଜୋରଦାର ଆକ୍ରମଣ କରିଛି। ଏଥିରେ ୧୩ ଜଣ ପ୍ରାଣ ହରାଇଥିବାବେଳେ ୪ ଜଣ ଆହତ ହୋଇଛନ୍ତି। ଇସ୍ରାଏଲ ପକ୍ଷରୁ କୁହାଯାଇଛି ଯେ ହମାସ ଆତଙ୍କବାଦୀଙ୍କୁ ନିଶାଣ କରି ଏଇନ ଇଲ-ହିଲୱେ ଅଞ୍ଚଳରେ ଏହି ଆକ୍ରମଣ କରାଯାଇଥିଲା। ଏଠାରୁ ଯୋଜନା କରେ ଇସ୍ରାଏଲ ଉପରେ ହମାସ ଆକ୍ରମଣ କରୁଥିଲା। ତେବେ ଇସ୍ରାଏଲର ଏଭଳି ଦାବିକୁ ହମାସ ଖଣ୍ଡନ କରିଦେଇଛି। ଏହି ଆକ୍ରମଣକୁ ନିନ୍ଦା କରି ହମାସ ପକ୍ଷରୁ କୁହାଯାଇଛି ଯେ ଏକ ଖେଳ ପଡ଼ିଆରେ ଆକ୍ରମଣ ହୋଇଛି। ଏହା କୌଣସି ତାଲିମ କେନ୍ଦ୍ର ନୁହେଁ। ଏହି ଇହୁଦୀ ଦେଶ ମିଛ ଏବଂ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଥିବା ଅଭିଯୋଗ କରାଯାଇଛି। ଇରାନ ସମର୍ଥିତ ହିଜବୁଲ୍ଲା ସହ ଯୁଦ୍ଧ ବନ୍ଦ ପାଇଁ ଅସ୍ତ୍ରବିରତି କରିବା ପରଠାରୁ ଇସ୍ରାଏଲ ନିୟମିତ ଭାବେ ଲେବାନନର ବିଭିନ୍ନ ଠିକଣା ଏବଂ ଲୋକଙ୍କ ଉପରେ ଆକ୍ରମଣ ଜାରି ରଖିଛି। ଅଧିକାଂଶ ଆକ୍ରମଣ ହିଜବୁଲ୍ଲାକୁ ଦେଖି କରାଯାଉଛି। ଏହା ସହିତ ହମାସ ଆତଙ୍କବାଦୀ ଠିକଣାରେ ମଧ୍ୟ ଇସ୍ରାଏଲ ଆକ୍ରମଣ ଜାରି ରଖିଛି।

## ତିନି ତଲାକକୁ ଆଧୁନିକ ସମାଜ କେମିତି ଅନୁମତି ଦେଲା: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ତିନି ତଲାକର ଆଉ ଏକ ରୂପ ତଲାକ-ଇ-ହସନର ବୈଧତା ଉପରେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି। ଏହା ଅଧିନରେ ମୁସଲମାନ ଯୁବକ ମାସକୁ ଥରେ ଲେଖାଏଁ ତିନି ମାସ ପର୍ଯ୍ୟନ୍ତ କହି ନିଜ ପତ୍ନୀଙ୍କୁ ତଲାକ କହି ଛାଡ଼ପତ୍ର ଦେଇପାରିବେ। ସୁପ୍ରିମକୋର୍ଟ ଏହି ମାମଲାର ପୁନର୍ବିଚାର ପାଇଁ ଗ୍ରହଣ କରିଛନ୍ତି। ଆଧୁନିକ ସମାଜ କେମିତି ତିନି ତଲାକକୁ ଅନୁମତି ଦେଲା ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପଚାରିଛନ୍ତି। ଆଠ ବର୍ଷ ତଳେ ତୁରନ୍ତ ତିନି ତଲାକ ତଥା ତଲାକ-ଇ-ବିଦାତ ଦେବାକୁ ଉଚ୍ଛେଦ କରିଥିଲେ। ଏହାକୁ ଆଇନର ଅପବ୍ୟବହାର ବୋଲି କହିଥିଲେ। ତଲାକ-ଇ-ହସନ ହେଉଛି ଏହାର ଅନ୍ୟ ଏକ ରୂପ। ଏହା ମାଧ୍ୟମରେ ତୁରନ୍ତ ଛାଡ଼ପତ୍ର ଦେଇ ହେବ। ଏହାର ବୈଧତାକୁ ନେଇ ଦାଏର ଅନେକ ଆବେଦନ ଉପରେ ବିଚାର କରି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଉଜ୍ଜ୍ୱଳ ଭୂଇଁଆ ଏବଂ ଜଷ୍ଟିସ ଏନକେ ସିହ୍ନାଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଦେଇଥିବା ୧୧ ପୃଷ୍ଠାର ନୋଟିସରେ ସ୍ୱାକ୍ଷର କରି ନ ଥିଲେ। ତାଙ୍କ ଓକିଲ ତଲାକ କହି ଛାଡ଼ପତ୍ର ଦେଇଥିଲେ। ଏହା ଉପରେ ସୁପ୍ରିମକୋର୍ଟ କହିଥିଲେ ଯେ ଏହା କ'ଣ ଏକ ଅଭ୍ୟାସ? ଏଭଳି ନୂତନ ଚିନ୍ତାଧାରା କେମିତି ଉଦ୍ଭାବନା ହୋଇଥିଲା? ପ୍ରତ୍ୟକ୍ଷ ଭାବେ ସ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ସ୍ୱାମୀଙ୍କୁ କିଏ ମନା କଲା? ଏହାକୁ ଆଧୁନିକ ସମାଜରେ କେମିତି ପ୍ରୋତ୍ସାହନ ଦେଉଛନ୍ତି? ଏହା ଜଣେ ମହିଳାଙ୍କ ସମ୍ମାନର ବିଷୟ।

## ଦିଲ୍ଲୀ ସ୍କୁଲରେ କ୍ରୀଡ଼ା କାର୍ଯ୍ୟକ୍ରମ ମନା

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ଦିଲ୍ଲୀ ସ୍କୁଲ-ଗୁଡିକରେ ନଭେମ୍ବର-ଡିସେମ୍ବରରେ ହେବାକୁ ଥିବା କ୍ରୀଡା କାର୍ଯ୍ୟକ୍ରମ ଉପରେ କଟକଣା ଲଗାଇ ଦେଇଛନ୍ତି। ବରିଷ୍ଠ ଓକିଲ ଅପରାଜିତା ସିଂହଙ୍କ ପ୍ରଶ୍ନର ଉତ୍ତରରେ କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଅପରାଜିତା ସିଂହ କହିଥିଲେ ଯେ ଦିଲ୍ଲୀରେ ପ୍ରଦୂଷଣର ସ୍ତର ବଢିବାରେ ଲାଗିଛି। ଏପରି ସମୟରେ ପିଲାମାନଙ୍କୁ କ୍ରୀଡ଼ାରେ ସାମିଲ କରିବା ଗ୍ୟାସ ଚାମ୍ବରରେ ପକାଇବା ଭଳି ହେବ। ଏହି ମାମଲାର ଶୁଣାଣି କରି ସିଜେଆଇ ବି.ଆର. ଗଭାଇ, ଜଷ୍ଟିସ କେ. ବିନୋଦ ଚନ୍ଦ୍ରନ ଏବଂ ଜଷ୍ଟିସ ଏନ.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଥିଲେ ଯେ ପ୍ରତି ମାସରେ ପ୍ରଦୂଷଣ ଉପରେ ଶୁଣାଣି ହେବ। ଏହା ଦ୍ୱାରା ଏକ ସ୍ଥାୟୀ ସମାଧାନ ମିଳିପାରିବ। ଏହା ସହିତ ଗ୍ରାପ-୩ କଟକଣା ଯୋଗୁଁ ବେକାର ହୋଇଥିବା ନିର୍ମାଣ ଶ୍ରମିକମାନଙ୍କୁ ଭତ୍ତା/ଆର୍ଥିକ ସହାୟତା ପ୍ରଦାନ କରିବାକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସିଜେଆଇ କହିଛନ୍ତି ଯେ ପ୍ରଦୂଷଣକୁ କମ୍ କରିବା ପାଇଁ କୌଣସି ଉପାୟ ଅବଲମ୍ବନ କରିବା ପୂର୍ବରୁ ସବୁ କାରକ ଏବଂ ଅଂଶୀଦାରଙ୍କ ସ୍ୱାର୍ଥର ଧ୍ୟାନ ରଖିବା ଜରୁରୀ।

## ବିନା ବୀମାରେ ଉଡ଼ିଲା ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର

ଭୋପାଳ, ୧୯।୧୧ (ଏଜେନ୍ସି): ନିୟମ ପାଳନ ପାଇଁ କହୁଥିବା ସରକାର ନିଜେ ଏହାକୁ ଉଲ୍ଲଙ୍ଘନ କରୁଛନ୍ତି। ମଧ୍ୟପ୍ରଦେଶରୁ ଏଭଳି ଏକ ମାମଲା ସାମ୍ନାକୁ ଆସିଛି। ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ହେଲିକପ୍ଟର ବିନା ବୀମାରେ ଉଡ଼ାଣ କରୁଛି। ମୁଖ୍ୟମନ୍ତ୍ରୀ ଏହି ହେଲିକପ୍ଟରକୁ ରାଜ୍ୟ ରାଜଧାନୀ ସମେତ ବିଭିନ୍ନ ଜିଲ୍ଲାକୁ ଯାତ୍ରା କରିବା ପାଇଁ ବ୍ୟବହାର କରନ୍ତି। ଏକ ଫ୍ରାନ୍ସ କମ୍ପାନୀଠାରୁ କିଣାଯାଇଥିବା ଏହି ହେଲିକପ୍ଟରକୁ ବୀମା କରିବା ପାଇଁ ସରକାର ବୀମା କମ୍ପାନୀଗୁଡ଼ିକଠାରୁ ୭୦ କୋଟିର ପ୍ରସ୍ତାବ ମାଗିଥିଲେ। କିନ୍ତୁ କୌଣସି କମ୍ପାନୀ ଆଗକୁ ଆସି ନଥିଲା। ଅନ୍ୟପକ୍ଷରେ ଏ ବିଷୟରେ କୌଣସି ସୂଚନା ନାହିଁ ବୋଲି ମୁଖ୍ୟ ସଚିବ ସଞ୍ଜୟ କୁମାର ଶୁକ୍ଳ କହିଛନ୍ତି।

# ଅଲ୍-ଫଲାହ ୟୁନିଭର୍ସିଟିରୁ ୧୦ ନିଖୋଜ




ନୂଆଦିଲ୍ଲୀ: ଲାଲ୍‌କିଲ୍ଲା ବିସ୍ଫୋରଣକୁ ନେଇ ହରିୟାଣା ଫରିଦାବାଦରେ ଥିବା ଅଲ-ଫଲାହ ୟୁନିଭର୍ସିଟି ପୁଣିଥରେ ସନ୍ଦେହ ଘେରକୁ ଆସିଛି। ଏହି ୟୁନିଭର୍ସିଟି ସହ ଜଡ଼ିତ ୧୦ ଜଣ ବ୍ୟକ୍ତି ବିସ୍ଫୋରଣ ପରଠାରୁ

### ■ ଅଭିଯୁକ୍ତଙ୍କ ମୋବାଇଲରୁ ମିଳିଲା ୭୦ ଉତ୍ତେଜନା ସୃଷ୍ଟିକାରୀ ଭିଡିଓ

ନିଖୋଜ ଅଛନ୍ତି। ଏମାନଙ୍କ ଫୋନ ବନ୍ଦ ରହିଛି। ସମସ୍ତେ ବିସ୍ଫୋରଣରେ ସାମିଲ ଥିବା ସନ୍ଦେହ କରାଯାଉଛି। ଏହି ନିଖୋଜ ବ୍ୟକ୍ତି ଓଭରଗ୍ରାଉଣ୍ଡ ୱାର୍କର ଭାବେ କାମ କରୁଥିଲେ। ସେହିପରି ଯାଞ୍ଚ ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ମୃତ ଆତଙ୍କବାଦୀ ଡ. ଉମର ନବି ଆହୁରି ଅଧିକ ଆତ୍ମଘାତୀଙ୍କୁ ପ୍ରସ୍ତୁତ କରିବାକୁ ଚାହୁଁଥିଲା। ସେଥିପାଇଁ ସେ ନିଜେ ଭିଡିଓ ପ୍ରସ୍ତୁତ କରି ଯୁବକଙ୍କ ପାଖକୁ ପଠାଉ ଥିଲା। ବ୍ରେନ ୱାସ୍ କରିବା ଏହାର ଉଦ୍ଦେଶ୍ୟ ଥିଲା।


ଏନ୍‌ଆଇଏ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗିରଫ ଅଭିଯୁକ୍ତଙ୍କ ମୋବାଇଲ ଫୋନରୁ ଉମର ପଠାଇଥିବା ୧୨ଟି ସମେତ ୭୦ରୁ ଅଧିକ ଭିଡିଓ ମିଳିଛି। ଏହି ଭିଡିଓ ୧୧ ଜଣଙ୍କୁ ପଠା ଯାଇଥିଲା। ଏମାନଙ୍କ ମଧ୍ୟରେ କଶ୍ମୀରର ୭ ଜଣ ଯୁବକ ସାମିଲ ଥିଲେ। ଅଲ-ଫଲାହ ବିଶ୍ୱବିଦ୍ୟାଳୟ ସହ ସମସ୍ତଙ୍କ ଲିଙ୍କ୍ ରହିଛି। ଅନ୍ୟ ୪ ଯୁବକ ଉତ୍ତର ପ୍ରଦେଶ, କେରଳ ଏବଂ କର୍ଣ୍ଣାଟକର ବାସିନ୍ଦା। ଯାଞ୍ଚରୁ ଜଣାପଡ଼ିଛି ଯେ ଉମରକୁ ଆଇ-୨୦ କାର୍ ଦେଇଥିବା ଆମିର ରସିଦ ଅଲ୍ଲି ନିଜେ ଆତ୍ମଘାତୀ ବୋମା ହେବାକୁ ପ୍ରସ୍ତୁତ ନ ଥିଲା। ତାକୁ ମଧ୍ୟ ଉମର ଉତ୍ତେଜନା ସୃଷ୍ଟିକାରୀ ଭିଡିଓ ପଠାଇ ଥିଲା। ଉମର ଆତ୍ମଘାତୀଙ୍କ ଏକ ଟିମ୍ ପ୍ରସ୍ତୁତ କରୁଥିଲା। ଅନେକ ରାଜ୍ୟର ଯୁବ ବର୍ଗ ତା ନିଶାଣରେ ଥିଲେ।

## ପଦାକୁ ଆସିଲା ପାକିସ୍ତାନର ଆତଙ୍କୀ ଚେହେରା

### 'କଶ୍ମୀରରୁ ଲାଲକିଲ୍ଲା ପର୍ଯ୍ୟନ୍ତ ଆକ୍ରମଣ ଆମେ କରିଛୁ'

ଇସଲାମାବାଦ, ୧୯।୧୧ (ଏଜେନ୍ସି): ଯାହା ଆଶା କରାଯାଉଥିଲା ତାହା ହିଁ ସତ ହୋଇଛି। ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣକୁ ନେଇ ପାକିସ୍ତାନ ନିଜକୁ ଦାୟୀ କରିଛି। ପୁଣିଥରେ ପାକିସ୍ତାନ ନିଜ ଭୂମିକୁ ଭାରତରେ ଆକ୍ରମଣ ପାଇଁ ବ୍ୟବହାର କରିଛି। ପାକିସ୍ତାନୀ ନେତା ଚୌଧୁରୀ ଅନୱରଉଲ ହକ୍ ଏହା ସ୍ୱୀକାର କରିଛନ୍ତି। ସୀମାପାର ଆତଙ୍କବାଦରେ ପାକିସ୍ତାନ ସାମିଲ ରହିଛି। କଶ୍ମୀର ଜଙ୍ଗଲଠାରୁ ଲାଲକିଲ୍ଲା ପର୍ଯ୍ୟନ୍ତ ହୋଇଥିବା ବିସ୍ଫୋରଣରେ ପାକିସ୍ତାନ ସାମିଲ ରହିଛି ବୋଲି ସେ କହିଛନ୍ତି। ପିଓକେ ବିଧାନସଭାରେ ସେ ଏହି ଟିପ୍ପଣୀ ଦେଇଛନ୍ତି। ପାକିସ୍ତାନୀ ନେତାଙ୍କ ଏହି ଦାବି ଉପରେ ଭାରତ ସରକାର କି ପଦକ୍ଷେପ ନେଉଛନ୍ତି ତାହା ଦେଖିବା ବାକି ରହିଲା। ପହଲଗାମ ଆକ୍ରମଣ ପରେ ଭାରତ ଉପରେ ଆତଙ୍କବାଦୀ ଆକ୍ରମଣ ହେଲେ ତାହାକୁ ଯୁଦ୍ଧ ଧରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏବେ ସମସ୍ତେ ଭାରତ ସରକାରଙ୍କ ଆଭିମୁଖ୍ୟକୁ ଚାହିଁ ବସିଛନ୍ତି।

ପାକିସ୍ତାନୀ ନେତା ଅନୱରଉଲ ହକ୍ ସୋମବାର ପିଓକେ ବିଧାନସଭାରେ କହିଥିଲେ ଯେ ଯଦି ଭାରତ ବଲୁଚିସ୍ତାନକୁ ଲହୁଲୁହାଣ କରିବ ତେବେ ଭାରତ ଉପରେ ଆକ୍ରମଣ କରିବୁ ବୋଲି ପୂର୍ବରୁ କହିଥିଲି। ଲାଲକିଲ୍ଲାଠାରୁ କଶ୍ମୀର ଜଙ୍ଗଲ ପର୍ଯ୍ୟନ୍ତ ଆକ୍ରମଣ କରାଯାଇଛି। ଆମର ସାହିନୀ ଏହା କରି ଦେଖାଇଛନ୍ତି। ଭାରତ ଏବେ ବି ମୃତଦେହର ଗଣତି କରିପାରି ନାହିଁ। ତେବେ ହକ୍‌ଙ୍କ ବୟାନରୁ ପାକିସ୍ତାନ ସରକାର ନିଜକୁ ଦୂରେଇ ରଖିଛନ୍ତି। ଅନାସ୍ଥା ପ୍ରସ୍ତାବ ଆଣି ପିଓକେ ପ୍ରଧାନମନ୍ତ୍ରୀ ପଦରୁ ତାଙ୍କୁ ହଟାଇ ଦିଆଯାଇଥିବାରୁ ଏଭଳି ବୟାନ ଦେଇ ହକ୍ ରାଜନୀତି କରୁଥିବା କୁହାଯାଇଛି। କିନ୍ତୁ ହକ୍‌ଙ୍କ ବୟାନ ଭାରତୀୟ ସୁରକ୍ଷା ଏଜେନ୍ସିଗୁଡିକ କରୁଥିବା ଦାବିକୁ ବଳ ଯୋଗାଇଛି। ଭାରତର ସୁରକ୍ଷା ଏଜେନ୍ସି ପକ୍ଷରୁ କୁହାଯାଇଛି ଯେ ଆତଙ୍କବାଦୀଙ୍କ ସହ ମିଶି ପାକିସ୍ତାନ ସୁରକ୍ଷା ଏଜେନ୍ସିଗୁଡିକ କାମ କରୁଛନ୍ତି।



ପାକିସ୍ତାନ ଭାରତରେ ଆତଙ୍କବାଦୀ ଆକ୍ରମଣ କରାଉଛି। ସୂଚନାଯୋଗ୍ୟ ଯେ ୨୯୦୦ କେଜି ବିସ୍ଫୋରକ ଜବତ ହେବା ପରେ ଦିଲ୍ଲୀରେ ବିସ୍ଫୋରଣ ହୋଇଥିଲା। ଏହି ମାମଲାରେ 'ହ୍ୱାଇଟ କଲାର ଟେରର ମଡ୍ୟୁଲୋ' ସାମ୍ନାକୁ ଆସିଥିଲା। ତେବେ ପୂର୍ବରୁ ଲାଲକିଲ୍ଲା ବିସ୍ଫୋରଣ ମାମଲାରେ ଦେଶର ହାତ ନ ଥିବା ପାକିସ୍ତାନ ସରକାରଙ୍କ ପକ୍ଷରୁ କୁହାଯାଇଥିଲା।

## 'ନିର୍ବାଚନ କମିସନଙ୍କୁ ବଦନାମ କରାଯାଉଛି'

ନୂଆଦିଲ୍ଲୀ, ୧୯।୧୧ (ଏଜେନ୍ସି): ନିର୍ବାଚନ କମିଶନ (ଇସି)ଙ୍କ ବିରୋଧରେ ଭୋଟ ଚୋରି ଅଭିଯୋଗକୁ ନେଇ ସାରା ଦେଶର ୨୭୨ ଅବସରପ୍ରାପ୍ତ ବିଚାରପତି ଏବଂ ଅମଲାତାନ୍ତ୍ରିକ ଅଧିକାରୀମାନେ ଖୋଲା ଚିଠି ଜାରି କରିଛନ୍ତି। ଏଥିରେ ଲୋକସଭା ବିରୋଧୀ ଦଳ ନେତା ଏବଂ କଂଗ୍ରେସ ଦଳକୁ ସମାଲୋଚନା କରାଯାଇଛି। ଏହି ଚିଠିରେ

### ■ ରାହୁଲଙ୍କ ବିରୋଧରେ ୨୭୨ ଅବସରପ୍ରାପ୍ତ ବିଚାରପତି-ଅଧିକାରୀଙ୍କ ଚିଠି

୧୬ ଜଣ ପୂର୍ବତନ ବିଚାରପତି, ୧୨୩ ଜଣ ପୂର୍ବତନ ଅମଲା (୧୪ ଜଣ ପୂର୍ବତନ ରାଷ୍ଟ୍ରଦୂତ ସାମିଲ) ଏବଂ ୧୩୩ ଅବସରପ୍ରାପ୍ତ ସୈନ୍ୟ ଅଧିକାରୀଙ୍କ ସ୍ୱାକ୍ଷର ରହିଛି। ଏମାନେ ଅଭିଯୋଗ ଲଗାଇଛନ୍ତି ଯେ କ୍ରମାଗତ ଭାବେ ଅଭିଯୋଗ ଲଗାଇ କଂଗ୍ରେସ ନିର୍ବାଚନ କମିଶନ ଭଳି ସାମ୍ବିଧାନିକ ସଂସ୍ଥାକୁ ଦୁର୍ବଳ କରିବାକୁ ପ୍ରୟାସ କରୁଛି। ଏହା ଦ୍ୱାରା ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅନାବଶ୍ୟକ ଭାବେ ବିଶ୍ୱାସହୀନତାର ପ୍ରଚାରପ୍ରସାର ହେଉଛି।

ଚିଠିରେ କୁହାଯାଇଛି ଯେ ଇସି ହେଉଛନ୍ତି ଭାରତୀୟ ନିର୍ବାଚନୀ ପ୍ରଣାଳୀ ପ୍ରମୁଖ ଅଙ୍ଗ। ଏହା ଉପରେ ବାରମ୍ବାର ପ୍ରଶ୍ନ ଉଠାଇବାରୁ ଜନତାଙ୍କ ବିଶ୍ୱାସ ଦୁର୍ବଳ ହେଉଛି। ଗଣତନ୍ତ୍ରର ମଧ୍ୟ କ୍ଷତି ହେଉଛି। ରାଜନୈତିକ ମତଭେଦ ଜରୁରୀ, କିନ୍ତୁ ସାମ୍ବିଧାନିକ ସଂସ୍ଥା ଉପରେ କ୍ରମାଗତ ଅଭିଯୋଗ ଲଗାଇବା ଦେଶହିତର ବିରୋଧୀ। ସୂଚନାଯୋଗ୍ୟ ଯେ ଭୋଟ ଚୋରି ଅଭିଯୋଗକୁ ନେଇ ରାହୁଲ ତିନି ଥର ସାମ୍ବାଦିକ ସମ୍ମିଳନୀ କରି ସାରିଲେଣି। ସେ ନିର୍ବାଚନ କମିଶନଙ୍କୁ ମୋଦୀ ସରକାରର 'ବି' ଟିମ୍ କହିଛନ୍ତି। ବିଜେପି ସହ ମିଶି ଇସି ଭୋଟ ଚୋରି କରୁଥିବା ସେ ଅଭିଯୋଗ ଲଗାଇଛନ୍ତି।

ଚିଠିରେ କୁହାଯାଇଛି ଯେ ପ୍ରଥମେ ସେନା, ତା'ପରେ ନ୍ୟାୟପାଳିକା ଏବଂ ସଂସଦ ଉପରେ ପ୍ରଶ୍ନ ଉଠା ଯାଇଥିଲା। ଏବେ ଇସିଙ୍କୁ ଟାର୍ଗେଟ କରାଯାଉଛି। ଏହା ଏକ 'ବିପଜ୍ଜନକ ଧାରା' ପାଲଟିଛି, ଯେଉଁଥିରେ ନିର୍ବାଚନୀ ପରାଜୟକୁ ଲୁଚାଇବା ପାଇଁ ପ୍ରତିଷ୍ଠାନଗୁଡ଼ିକର ବିଶ୍ୱସନୀୟତା ଉପରେ ଆକ୍ରମଣ କରାଯାଉଛି। ରାହୁଲ ଗାନ୍ଧୀ ଇସିଙ୍କୁ 'ଭୋଟ ଚୋରି' ଅଭିଯୋଗ କରିଥିଲେ। ତାଙ୍କୁ ବିଶ୍ୱାସଘାତକ ମଧ୍ୟ କହିଥିଲେ।

## ଭାରତ ବିରୋଧରେ ଜୈସ୍‌ର ଆତ୍ମଘାତୀ ସ୍କ୍ୱାଡ୍

ନୂଆଦିଲ୍ଲୀ,୧୯।୧୧(ଏଜେନ୍ସି):ଦିଲ୍ଲୀ ବିସ୍ଫୋରଣର ତଦନ୍ତରୁ ଗୋଟିଏ ପରେ ଗୋଟିଏ ବିସ୍ଫୋରକ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଭାରତ ବିରୋଧରେ ଏକ 'ଆତ୍ମଘାତୀ ସ୍କ୍ୱାଡ୍' ପ୍ରସ୍ତୁତ କରିବା ପାଇଁ ଜୈସ୍-ଇ-ମହମ୍ମଦ (ଜେଇଏମ) ପାଣ୍ଠି ସଂଗ୍ରହ କରୁଥିବା ଜଣାପଡ଼ିଛି। ଜେଇଏମ ପକ୍ଷରୁ ଘୋଷଣା କରାଯାଇଛି ଯେ ଦାନ ଗ୍ରହଣ ଏବଂ ଡିଜିଟାଲ ହାୱାଲା କାରବାରକୁ ସରଳ କରିବା ପାଇଁ ପାକିସ୍ତାନୀ ଡିଜିଟାଲ ଆପ୍ 'ସଦାପେ' ଭଳି ୱାଲେଟ୍ ମାଧ୍ୟମରେ ପାଣ୍ଠି ସଂଗ୍ରହ କରାଯିବ। ଲାଲକିଲ୍ଲା ବିସ୍ଫୋରଣର ତଦନ୍ତରୁ ଜଣାପଡ଼ିଛି ଯେ ଚଳିତ ବର୍ଷ ପାକିସ୍ତାନରେ ଆତ୍ମଘାତୀ ଆକ୍ରମଣର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲା। ଲାଲକିଲ୍ଲା ବିସ୍ଫୋରଣର ୧୫ ଦିନ ପୂର୍ବରୁ ଅକ୍ଟୋବର ଶେଷ ସପ୍ତାହରେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଜେଇଏମ 'ତୁହଫତ ଉଲ-ମୋମିନାତ' ନାମକ ଏକ ଅନଲାଇନ୍ କୋର୍ସ ଆରମ୍ଭ କରିଥିଲା। ଏହା କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ଧାର୍ମିକ ଏବଂ ଜିହାଦୀ ତାଲିମ ପ୍ରଦାନ କରିବା ସହିତ ସଂଗଠନର କାର୍ଯ୍ୟକଳାପ ପାଇଁ ପାଣ୍ଠି ସଂଗ୍ରହ ଏହାର ଉଦ୍ଦେଶ୍ୟ ଥିଲା। ଆତଙ୍କବାଦୀମାନଙ୍କୁ ସହାୟତା ଦେବାକୁ ଚାହୁଁଥିବା ବ୍ୟକ୍ତିଙ୍କଠାରୁ ଜୈସ ପାଣ୍ଠି ସଂଗ୍ରହ କରିଥିଲା। ଏ ବାବଦକୁ ୨୦ ହଜାର ପାକିସ୍ତାନୀ ଟଙ୍କା ତଥା ୬,୪୦୦ ଟଙ୍କା ମଗା ଯାଇଥିଲା। ଆକ୍ରମଣ ପାଇଁ ଯାଉଥିବା ଜିହାଦୀ ପାଇଁ ଜୋତା, ଟେଣ୍ଟ ଆଦି ଉପକରଣ କିଣିବାକୁ ଏହାକୁ ବ୍ୟବହାର କରାଯିବ ବୋଲି କୁହାଯାଇଥିଲା। ଦିଲ୍ଲୀ ବିସ୍ଫୋରଣରେ ସାମିଲ ୧୦ ଜଣିଆ ଡାକ୍ତରୀ ଆତଙ୍କବାଦୀଙ୍କ ଦଳ ପାଖକୁ ପାଣ୍ଠି ମଧ୍ୟ ଟ୍ରାନ୍ସଫର କରାଯାଇଥିବା କୁହାଯାଉଛି। ଏବେ ଏହି ଡିଜିଟାଲ ଫଣ୍ଡିଂ ନେଟ୍‌ୱର୍କକୁ ନେଇ ସ୍ୱତନ୍ତ୍ର ଯାଞ୍ଚ କରାଯାଉଛି।

## ଫଳାଫଳ ପରଠାରୁ ନିଦ ନାହିଁ:ପିକେ

ପାଟନା, ୧୯।୧୧ (ଏଜେନ୍ସି): ବିହାର ନିର୍ବାଚନକୁ ନେଇ ବଡ଼ ବଡ଼ ଦାବି କରିଥିବା ରଣନୀତିକାର ପ୍ରଶାନ୍ତ କିଶୋର ନିର୍ବାଚନୀ ରଣରେ ପରାସ୍ତ ହୋଇଛନ୍ତି। ତାଙ୍କ ଦଳ ଜନ ସୁରାଜ ପାର୍ଟି ଗୋଟିଏ ହେଲେ ବି ଆସନ ଜିତିପାରି ନାହିଁ। ଏହି ଫଳାଫଳ ଆସିବା ପରଠାରୁ ପ୍ରଶାନ୍ତ କିଶୋରଙ୍କୁ ନିଦ ନାହିଁ ବୋଲି ସେ କହିଛନ୍ତି। ବିଭିନ୍ନ ଦଳ ପାଇଁ ନିର୍ବାଚନ ରଣନୀତିକାର ଭାବେ ବେଶ୍ ସଫଳତା ପାଇଥିବା ପ୍ରଶାନ୍ତ କିଶୋର ନିଜ ପାଇଁ ଲଢ଼ି ପରାଜିତ ହୋଇଛନ୍ତି। ତାଙ୍କ ଦଳର ଅବସ୍ଥା ଏଭଳି ହେବ ବୋଲି କେହି କଳ୍ପନା କରି ନ ଥିଲେ। ନିର୍ବାଚନ ପୂର୍ବରୁ ଏକ ସାକ୍ଷାତକାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ୨୫ରୁ ଅଧିକ ଆସନ ଜିତିଲେ ରାଜନୀତି ଛାଡ଼ିଦେବା କଥା କହିଥିବା ପ୍ରଶାନ୍ତ, କିନ୍ତୁ ଏବେ ପଲଟି ଯାଇଛନ୍ତି। ଆରଥରକୁ ପୁଣି ପ୍ରୟାସ କରିବୁ ବୋଲି ସେ କହିଛନ୍ତି।

ଏକ ସାକ୍ଷାତକାରରେ ପ୍ରଶାନ୍ତ କହିଛନ୍ତି ଯେ 'ଯେପର୍ଯ୍ୟନ୍ତ ନିଜେ ହାର୍ ନ ମାନିଛନ୍ତି ସେ ପର୍ଯ୍ୟନ୍ତ ଆପଣ ହାରିବେନି। ଦଳକୁ ନିର୍ବାଚନରେ ସଫଳତା ମିଳି ନ ଥିଲେ ମଧ୍ୟ ଆମେ ବିହାରରେ ଜାତି ଏବଂ ଧର୍ମକୁ ନେଇ ହେଉଥିବା ରାଜନୈତିକ ଆଲୋଚନାରେ ପରିବର୍ତ୍ତନ ଆଣି ନିଯୁକ୍ତି ଏବଂ ଆପ୍ରବାସନ ଭଳି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବାଧ କରିଥିଲୁ।

## ୧୧୩୫ କୋଟିର ଜମି ଦୁର୍ନୀତିରେ ବିଜେପି ବିଧାୟକଙ୍କ ନାମ


ଭୋପାଳ, ୧୯।୧୧ (ଏଜେନ୍ସି): ମଧ୍ୟ ପ୍ରଦେଶ କଟନୀ ଅନ୍ତର୍ଗତ ବିଜୟ ରାଘବଗଡ଼ର ବିଜେପି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ସତ୍ୟେନ୍ଦ୍ର ପାଠକଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଲାଗିଛି। ୧୧୩୫ କୋଟିର ଜମି କ୍ରୟ ଦୁର୍ନୀତିରେ ସେ ସାମିଲ ଥିବା କୁହାଯାଉଛି। ଆଦିବାସୀ କଂଗ୍ରେସ, ଗୋଣ୍ଡୱାନା ଗଣତନ୍ତ୍ର ପାର୍ଟି ସମେତ ଅନେକ ଆଦିବାସୀ ସଂଗଠନ ଏହି ଅଭିଯୋଗ ଲଗାଇଛନ୍ତି। ଏହା ବିରୋଧରେ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଆଦିବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯେଉଁ ଚାରି ଆଦିବାସୀଙ୍କ ନାମରେ ବିଧାୟକ ଜମି କ୍ରୟ କରିଥିଲେ, ଏବେ ସେମାନେ ନିଖୋଜ ଥିବା କହିଛନ୍ତି। ତାଙ୍କ ସୁରକ୍ଷା ଦାବି କରାଯାଇଛି। ବିକ୍ଷୋଭକାରୀମାନେ ସରକାର ଏବଂ ବିଜେପି ବିରୋଧରେ ସ୍ଲୋଗାନ ଦେଇଛନ୍ତି। ଏହି ସମୟରେ ପୁଲିସ ଏବଂ ଆନ୍ଦୋଳନକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା।

ଆନ୍ଦୋଳନରେ ସାମିଲ ଦିବ୍ୟାଂଶୁ ମିଶ୍ରା କହିଛନ୍ତି ଯେ ଆଦିବାସୀ ଜମି ଦୁର୍ନୀତି ମାମଲାରେ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଉଛି। ବିଧାୟକ ନିଜର ଚାରି କର୍ମଚାରୀ ନଥୁ କୋଲ, ପ୍ରହ୍ଲାଦ କୋଲ, ରାକେଶ ସିଂହ ଗୌଡ଼ ଏବଂ ରଘୁରାଜ ସିଂହଙ୍କ ନାମରେ ପ୍ରାୟ ୧୧୩୫ କୋଟିର ଜମି କ୍ରୟ କରିଥିଲେ। ଦିଲ୍ଲୀରୁ ଆଦିବାସୀ କମିଶନ ଏ ସମ୍ବନ୍ଧରେ ରିପୋର୍ଟ ମାଗିଛନ୍ତି। ଏହି ଆଦିବାସୀଙ୍କ ନାମରେ ଜମି କେବେ ଏବଂ କେମିତି ଆସିଲା ତାହାର ସୂଚନା ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଜିଲ୍ଲାପାଳ ଏ ପର୍ଯ୍ୟନ୍ତ ଏହାର ଜବାବ ଦେଇନାହାନ୍ତି।

# ଏସ୍‌ଆଇଆର୍ ଚାପ: ବିଏଲ୍‌ଓଙ୍କ ମଧ୍ୟରେ ବଢୁଛି ଆତ୍ମହତ୍ୟା ପ୍ରବଣତା

କୋଲକାତା, ୧୯।୧୧ (ଏଜେନ୍ସି): ଦେଶରେ ୧୨ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ସ୍ୱତନ୍ତ୍ର ଯାଞ୍ଚ ତଥା ଏସଆଇଆର ଜାରି ରହିଛି। ଏବେ ଏହି ପ୍ରକ୍ରିୟାକୁ ନେଇ ନିର୍ବାଚନ କମିଶନଙ୍କ ପକ୍ଷରୁ ବଡ଼ ଟିପ୍ପଣୀ ଦିଆଯାଇଛି। ଏସ୍‌ଆଇଆର ପ୍ରକ୍ରିୟାରେ କୌଣସି ପ୍ରକାରର ତ୍ରୁଟି ହେଲେ ଅଧିକାରୀଙ୍କୁ ଦାୟୀ କରାଯିବ ବୋଲି କୁହାଯାଇଛି। କୋଲକାତାରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଉପ-ନିର୍ବାଚନ କମିଶନର ଜ୍ଞାନେଶ ଭାରତୀ ଏହି ଟିପ୍ପଣୀ ଦେଇଛନ୍ତି। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ କୁମାର ଅଗ୍ରୱାଲ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ଏଠାରେ ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ରାଜ୍ୟରେ ୭.୬୩ କୋଟି ଏସଆଇଆର ଫର୍ମ ବଣ୍ଟା ଯାଇଥିବା କୁହାଯାଇଥିଲା। ମୋ ୧.୦୯ କୋଟି ଫର୍ମକୁ ଡିଜିଟାଲ କରାଯାଇଛି।

ଅନ୍ୟପକ୍ଷରେ ବୁଥ ଲେଭୁଲ ଅଫିସରଙ୍କ ଉପରେ ଏସଆଇଆରକୁ ନେଇ ଚାପ ବଢ଼ିବାରେ ଲାଗିଛି।ଏଥିଯୋଗୁଁ କେରଳ, ରାଜସ୍ଥାନ, ମଧ୍ୟପ୍ରଦେଶରେ ଜଣେ ଲେଖାଏଁ ବିଏଲଓ ଆତ୍ମହତ୍ୟା କଲେଣି। ପଶ୍ଚିମବଙ୍ଗରେ ଜଣେ ବିଏଲଓ ଆତ୍ମହତ୍ୟା ପାଇଁ ଧମକ ଦେଇଛନ୍ତି। ସେହିପରି ଗତ କାଲି ତାମିଲନାଡୁ ତଞ୍ଜାଉରର ଜଣେ ଅଙ୍ଗନୱାଡି ସେବିକା ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏମାନଙ୍କ ପରିବାର ସଦସ୍ୟ ଏବଂ ଅନ୍ୟ ଅଧିକାରୀମାନେ ଅତ୍ୟଧିକ ଚାପରେ କାମ କରୁଥିବା ଅଭିଯୋଗ ଲଗାଇ ଥିଲେ। ଅନେକ ବିଏଲଓ ଅଭିଯୋଗ କରିଛନ୍ତି ଯେ ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ କାମ କରିବାକୁ ପଡୁଛି। ଡିସେମ୍ବର ସୁଦ୍ଧା କାମ ସାରିବାକୁ କଷ୍ଟ ଦିଆଯାଇଛି।



ଅନେକ ରାଜ୍ୟରେ ବିଏଲଓ ଏହାକୁ ବହିଷ୍କାର କରିଛନ୍ତି। ଏବେ ନିର୍ବାଚନ କମିଶନ ଅଧିକାରୀଙ୍କ କାର୍ଯ୍ୟଭାର ଏବଂ ଦାୟୀ କରିବାକୁ ନେଇ ପ୍ରଶ୍ନବାଣର ସମ୍ମୁଖୀନ ହେଉଛନ୍ତି।

ଇସିଙ୍କ ପକ୍ଷରୁ ମଙ୍ଗଳବାର କୁହାଯାଇଥିଲା ଯେ ୯ ରାଜ୍ୟ ଏବଂ ୩ କେନ୍ଦ୍ରଶାସିତ ଅଞ୍ଚଳର ଭୋଟରଙ୍କୁ ୫୦.୨୫ କୋଟିରୁ ଅଧିକ ଏସ୍‌ଆଇଆର ଫର୍ମ ବଣ୍ଟା ଯାଇଛି। ଲୋକ ଫର୍ମ ପୂରଣ କରି ତାହାକୁ ଜମା କରୁଛନ୍ତି। ଏହା ପରେ ଡିଜିଟାଲାଇଜେସନ କାମ ହେବ। ଏ ପର୍ଯ୍ୟନ୍ତ କେରଳରେ ସବୁଠୁ କମ୍ ଏବଂ ରାଜସ୍ଥାନରେ ସବୁଠୁ ଅଧିକ ଫର୍ମ ଡିଜିଟାଲାଇଜେସନ ପାଇଁ ଫେରି ଆସିଛି। ତେବେ ମଧ୍ୟ ପ୍ରଦେଶରେ ଇସିଙ୍କ ଆପ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଉଥିବାରୁ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ରାଜସ୍ଥାନରେ ବିଏଲଓକୁ ଟାର୍ଗେଟ ସହିତ ଦୁଇ ଘଣ୍ଟାରେ ରିପୋର୍ଟ ଦେବାର ଚାପ ରହିଛି। ଏଥିପାଇଁ ଦିନକୁ ବିଏଲଓ ୧୮ ଘଣ୍ଟା ଲେଖାଏଁ କାମ କରୁଛନ୍ତି। ଛତିଶଗଡ଼ରେ ଶିକ୍ଷକମାନେ ଡବଲ୍ ଡ୍ୟୁଟି କରୁଥିବାରୁ ସମସ୍ୟା ସୃଷ୍ଟି ହେଉଛି। କିଛି କେନ୍ଦ୍ର ୧୨-୧୩ କିମି ଦୂରରେ ରହିଛି। ତେଣୁ ବିଦ୍ୟାଳୟରୁ ପାଠ ପଢ଼ାଇବା ସାରି ଯିବାକୁ କଷ୍ଟ ହେଉଛି।



କୋରାପୁଟିଆ ଶୀତରେ ହସୁଛି ଅଳସୀ ଫୁଲ

# ୧୦ ଲକ୍ଷକୁ ବଢ଼ିପାରେ ସାପ କାମୁଡ଼ା ମୃତ୍ୟୁ ସହାୟତା ରାଶି

ଭୁବନେଶ୍ୱର,୧୯।୧୧(ସମିସ): ସାପ କାମୁଡା ମୃତ୍ୟୁ କ୍ଷେତ୍ରରେ ମିଳୁଥିବା ଅନୁକମ୍ପାମୂଳକ ରାଶି ବୃଦ୍ଧି ହୋଇପାରେ। ପୂର୍ବରୁ ସାପ କାମୁଡ଼ା ବାବଦକୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ମିଳୁଥିବା ବେଳେ ଏବେ ଏହାକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇପାରେ। ଦୁଇ ଦିନ ତଳେ ସୁପ୍ରିମକୋର୍ଟ ବନ୍ୟପ୍ରାଣୀ ଜନିତ ମୃତ୍ୟୁକୁ ପ୍ରାକୃତିକ ବିପର୍ଯ୍ୟୟରେ ସାମିଲ କରିବା ଓ ଏବାବଦକୁ ମୃତକଙ୍କ ପରିବାକୁ ୧୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ସାରା ଦେଶରେ ଲାଗୁ କରିବାକୁ କୁହାଯାଇଛି। ଏହାକୁ ଆଧାର କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କ୍ଷତିପୂରଣ ବୃଦ୍ଧି ବାବଦରେ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, କ୍ଷତିପୂରଣ ରାଶି ବୃଦ୍ଧି ପ୍ରସ୍ତାବକୁ ରାଜ୍ୟ ସରକାର ସମୀକ୍ଷା କରୁଛନ୍ତି। ଏହି କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ରାଜ୍ୟ ସରକାର ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଚିଠି ଲେଖି ସୁପାରିଶ କରିଥିଲେ। କ୍ଷତିପୂରଣ ରାଶି ବୃଦ୍ଧି ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଏବାବାଦରେ ରାସ୍ତା ଖୋଲିଛି। ତେଣୁ ଖୁବ୍‌ଶୀଘ୍ର ଏ ସମ୍ପର୍କରେ ଆବଶ୍ୟକରୀୟ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ମୃତ୍ୟୁ ବ୍ୟତୀତ ପାଣିରେ ବୁଡ଼ିବା ଜନିତ ମୃତ୍ୟୁ ଓ ବଜ୍ରପାତରେ ହେଉଥିବା ମୃତ୍ୟୁ ପାଇଁ ମିଳୁଥିବା ୪ ଲକ୍ଷର ସହାୟତା ରାଶିରେ ମଧ୍ୟ ବୃଦ୍ଧି ହୋଇପାରେ ବୋଲି ସେ କହିଛନ୍ତି।

# ପିତାନାଉରେ ମାଈ ହାତୀର ମୃତ୍ୟୁ



ଆନନ୍ଦପୁର,୧୯।୧୧(ସମିସ): ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡର ହାଦଗଡ଼ ହସ୍ତୀ ଅଭୟାରଣ୍ୟ ପିତାନାଉ ଜଙ୍ଗଲରେ ଗୋଟିଏ ମାଈ ହାତୀର ମୃତ୍ୟୁ ହୋଇଯାଇଛି। କାଠକଟା ପିତାନାଉ ରାସ୍ତାର ଜୁଆଳି କଟା ଘାଟି ନିକଟରେ ଏହି ହାତୀଟିର ମୃତ୍ୟୁ ପରେ କାଠକଟା ବନପାଳ ଘଟଣାସ୍ଥଳରେ ପହଞ୍ଚି ବନବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ଆନନ୍ଦପୁର ଡିଏଫଓ ପ୍ରଶାନ୍ତ କୁମାର ପଣ୍ଡା, ପ୍ରାଣୀ ସମ୍ପଦ ବିଭାଗ ଚିକିତ୍ସା ଟିମ ଅନୁଧ୍ୟାନ କରିଥିଲେ। ପରେ ଡାକ୍ତରୀ ଦଳଙ୍କ ଦ୍ୱାରା ହାତୀର ବ୍ୟବଚ୍ଛେଦ କରାଯାଇ ପିତାନାଉ ଜଙ୍ଗଲରେ ପୋତି ଦିଆଯାଇଛି। ମୃତ୍ୟୁ ମାଈ ହାତୀର ବୟସ ପାଖାପାଖି ୪ ବର୍ଷ ହୋଇଥିବା ବେଳେ କୌଣସି ପ୍ରକାର ସଂକ୍ରମଣଜନିତ ମୃତ୍ୟୁ ହୋଇଥାଇପାରେ ବୋଲି ଡାକ୍ତରୀ ଦଳ ସୂଚନା ଦେଇଛନ୍ତି।

# ଭିଜିଲାନ୍ସ ଜାଲରେ ଅବକାରୀ ଅଧୀକ୍ଷକ ଓ ଏଏସଆଇ

କେନ୍ଦୁଝର/ଚମ୍ପୁଆ,୧୯।୧୧(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅବକାରୀ ବିଭାଗ ଅଧୀକ୍ଷକ ସୀତାରାଣୀ ପଟ୍ଟାୟତ ଏବଂ କାର୍ଯ୍ୟରତ ଭାରପ୍ରାପ୍ତ ଅବକାରୀ ଅଧିକାରୀ ତଥା ଏଏସ୍ଆଇ ବିଜୟ କୁମାର ମହାନ୍ତ ଏକ ବିଦେଶୀ ମଦ ଦୋକାନୀଠାରୁ ୪୦ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ପୂର୍ବ ସୂଚନା ଅନୁସାରେ, ଭିଭିଲାନ୍ସ ଟିମ୍ ଘଟଣାସ୍ଥଳରେ ମାଡ଼ି ବସିଥିଲା। କରଞ୍ଜିଆଠାରେ

**୪୦ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡ଼ିଲେ**



ଥିବା ବିଦେଶୀ ମଦ ଦୋକାନର ମାଲିକ ତଥା ଅଭିଯୋଗକାରୀ ବିଦୁଭୂଷଣ ପତିଙ୍କ କହିବା ଅନୁଯାୟୀ, ଉକ୍ତ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ମାସିକ ୧୦ ହଜାର ଟଙ୍କା ଲାଞ୍ଚ ବାବଦକୁ ୪ ମାସର ୪୦ ହଜାର ଟଙ୍କା ଚମ୍ପୁଆ ଅବକାରୀ ବିଭାଗର ଏଏସ୍ଆଇ ବିଜୟ କୁମାର ମହାନ୍ତଙ୍କୁ ଦେଉଥିଲେ। ବିଜୟ କୁମାର ମହାନ୍ତ ଉକ୍ତ ଅର୍ଥ ଥିବା ଖାମ ଗ୍ରହଣ କରିବା ପରେ ଛକି ରହିଥିବା ଭିଜିଲାନ୍ସ ବିଭାଗର ଟିମ୍ ଯାଞ୍ଚ କରିଥିଲେ। ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀ, ସବଇନସପେକ୍ଟର ଏସ୍ ସେଠୀ ଓ କର୍ମଚାରୀ ଦେବେନ୍ଦ୍ର ପାତ୍ର, ସର୍ବେଶ୍ୱର ସାହୁ ପ୍ରମୁଖ ହଠାତ୍ ଚଢ଼ଉ କାରିଥିଲେ। ୪୦ ହଜାର ନଗଦ ଟଙ୍କା ସହ ଖାମ୍‌କୁ ଜବତ କରାଯାଇଛି। ଏନେଇ ବାଲେଶ୍ୱର ଭିଜିଲାନ୍ସ ପକ୍ଷରୁ ରୁଜୁ ମାମଲା ଅନୁଯାୟୀ, ଭିଜିଲାନ୍ସ ଟିମ୍ ଆବଶ୍ୟକ ଯାଞ୍ଚ କରିଛି। ଏଥିସହ ଅଧୀକ୍ଷକ ଶ୍ରୀମତୀ ପଟ୍ଟାୟତଙ୍କ କେନ୍ଦୁଝର ଭଡ଼ା ଘର, ବାରିପଦାସ୍ଥିତ ଏବଂ ଭଦ୍ରକ ଜିଲ୍ଲା ଧାମନଗରଠାରେ ରହିଥିବା ଏକ ଘରେ ଯାଞ୍ଚ ଜାରି ରହିଛି। ସେହିପରି ଶ୍ରୀ ମହାନ୍ତଙ୍କ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଏବଂ ତାଙ୍କ ନିଜ ଅଫିସ ପ୍ରକୋଷ୍ଠକୁ ସିଲ୍ କରି ଭିଜିଲାନ୍ସ ଟିମ୍ ଯାଞ୍ଚ ଜାରି ରଖିଥିବା ଜଣାପଡ଼ିଛି।

# ଚିପ୍ସ ପ୍ୟାକେଟରେ ଥିବା ଖେଳଣା ଗିଳି ଶିଶୁ ମୃତ



ଦାରିଙ୍ଗବାଡି,୧୯।୧୧(ସମିସ): ଚିପ୍ସ ପ୍ୟାକେଟରେ ଥିବା ଖେଳଣା ଗିଳି ଶ୍ୱାସରୁଦ୍ଧ ହୋଇ ଜଣେ ୪ ବର୍ଷ ଶିଶୁର ମୃତ୍ୟୁ ହୋଇଛି। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ତାଜୁଙ୍ଗିଆ ପଞ୍ଚାୟତ ସିକରମାହା ଗ୍ରାମର ମୃଷି ମାହାପଡ଼ାରେ ଘଟିଛି ଏପରି ଅଭାବନୀୟ ଘଟଣା। ମୃଷିମାହାପଡ଼ାର ରଞ୍ଜିତ ପ୍ରଧାନ ଓ ତାଙ୍କ ସ୍ତ୍ରୀ ୪ ବର୍ଷର ଶିଶୁପୁତ୍ରକୁ ଧରି ମକା କ୍ଷେତକୁ ଯାଇଥିଲେ। ସ୍ୱାମୀ-ସ୍ତ୍ରୀ କାମ କରୁଥିବା ବେଳେ ବିଲ ମୁଣ୍ଡରେ ଶିଶୁପୁତ୍ରକୁ ବସାଇଦେଇ ରଞ୍ଜିତ ନେଇଥିବା ଏକ ଚିପ୍ସ ପ୍ୟାକେଟ ଧରାଇ ଦେଇଥିଲେ। ଶିଶୁ ଚିପ୍ସ ଖାଇସାରି ପ୍ୟାକେଟରେ ଥିବା ଏକ ବନ୍ଧୁକ ଖେଳଣାକୁ ଧରି ଖେଳୁଥିବାବେଳେ ଗିଳି ଦେଇଥିଲେ। ଖେଳଣାଟି ତଣ୍ଟିରେ ଅଟକି ଯିବା ସହ ଶିଶୁଟି ଶ୍ୱାସରୁଦ୍ଧ ହୋଇ ଛଟପଟ ହୋଇଥିଲା। ଖେଳଣାଟିକୁ ପୁଅର ତଣ୍ଟିରୁ ବାହାର କରିବାକୁ ବାପା ରଞ୍ଜିତ ବହୁ ଉଦ୍ୟମ କରିଥିଲେ। କିନ୍ତୁ ବିଫଳ ହୋଇ ବାପା-ମା ଶିଶୁକୁ ଦାରିଙ୍ଗିବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ। ଗ୍ରାମରେ କୌଣସି ଟେଲିଫୋନ ନେଟ୍‌ୱାକ ନଥିବାରୁ ହଠାତ ଆମ୍ବୁଲାନ୍ସ ସେବାରୁ ବଞ୍ଚିତ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଚିପ୍ସ ପ୍ୟାକେଟରେ ପିଲାଙ୍କୁ ଆକର୍ଷିତ କରିବାକୁ ଆଜିକାଲି ଯେଉଁଭଳି ଖେଳଣା ରଖାଯାଉଛି ତାହା ଯେ କେତେ ବିପଦପୂର୍ଣ୍ଣ ଏହି ଘଟଣା ବୟାନ କରୁଛି। ଏହାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ୩୭ତମ ସଂସଦୀୟ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ

# ଓଡ଼ିଶା ବିଧାନସଭାର କାର୍ଯ୍ୟପ୍ରଣାଳୀ ଦେଶରେ ସର୍ବଶ୍ରେଷ୍ଠ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୯।୧୧(ସମିସ): ୩୭ତମ ସଂସଦୀୟ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ଅବସରରେ ନୂଆଦିଲ୍ଲୀସ୍ଥିତ ସଂସଦ ସଚିବାଳୟର ସଂସଦୀୟ ଲୋକତନ୍ତ୍ର ଗବେଷଣା ଏବଂ ପ୍ରଶିକ୍ଷଣ ସଂସ୍ଥାନ(ପ୍ରାଇଡ୍) ପକ୍ଷରୁ ୧୨ଟି ଦେଶର ୪୦ଜଣ ପ୍ରତିନିଧି ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଲୋକସେବା ଭବନରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ଓଡ଼ିଶାର ଦୃଢ଼ ଗଣତାନ୍ତ୍ରିକ ପରମ୍ପରା ଏବଂ ବିଧାନସଭାର ୮୯ ବର୍ଷର ଉତ୍ସର୍ଗୀକୃତ ଜନସେବାର ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ବିଧାନସଭାର ସଂସଦୀୟ କାର୍ଯ୍ୟପ୍ରଣାଳୀ ଦେଶରେ ଅନ୍ୟତମ ଓ ସର୍ବଶ୍ରେଷ୍ଠ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ନିଜ ପ୍ରତିକ୍ରିୟାରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜୁନ୍ ୨୦୨୪ ରୁ ଜୁନ୍ ୨୦୨୫ ମଧ୍ୟରେ ଓଡ଼ିଶା ବିଧାନସଭା ୬୨ଟି ବୈଠକ ପରିଚାଳନା କରିଛି। ସେହିପରି ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ବିଲ୍, ୨୦୨୪ ଉପରେ ରେକର୍ଡ ୧୨ ଘଣ୍ଟା ୨୫ ମିନିଟ୍ ବିତର୍କ ହୋଇଛି। ବିଧାନସଭାରେ ଜାତୀୟ ଇ-ବିଧାନ ଆପ୍ଲିକେସନ୍‌ର ପୂର୍ଣ୍ଣ କାର୍ଯ୍ୟାନ୍ୱୟନ, ଇ-ପ୍ରଶାସନ ପାଇଁ ଓସ୍ୱାସ, ସମ୍ପୂର୍ଣ୍ଣ ଡିଜିଟାଲ୍ ଗୃହ, ଗବେଷଣା ଏବଂ ସୂଚୀକରଣ ପାଇଁ କୃତ୍ରିମ ବୁଦ୍ଧିମତାର ବ୍ୟବହାର ଆଦି ଅନେକ ପଦକ୍ଷେପ ନିଆଯାଇଛି। ଡିଜିଟାଲ୍ ପ୍ରୟୋଗ କ୍ଷେତ୍ରରେ ଉତ୍କର୍ଷ ପାଇଁ ଓଡ଼ିଶା ବିଧାନସଭା ଜାତୀୟ ପୁରସ୍କାର ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ।

ବିଭିନ୍ନ ସଂସଦୀୟ କମିଟି ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାର ୧୦ଟି ବିଭାଗୀୟ ସ୍ଥାୟୀ କମିଟି ସମେତ ୨୫ଟି କମିଟି ଗଠନ କରାଯାଇଛି। ଉନ୍ନତ ପ୍ରଶାସନ ସୁନିଶ୍ଚିତ କରିବା ପାଇଁ ଏହି କମିଟିଗୁଡିକ 'ମିନି-ପାର୍ଲିଆମେଣ୍ଟ' ଭାବରେ କାର୍ଯ୍ୟ କରୁଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଓଡ଼ିଶାର ସାଂସ୍କୃତିକ ସମୃଦ୍ଧି ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ, ରାଜ୍ୟକୁ ପୂର୍ବ ଭାରତର ସାଂସ୍କୃତିକ କେନ୍ଦ୍ର ଭାବରେ ବର୍ଣ୍ଣନା କରିଥିଲେ। ଏହି ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମକୁ ପ୍ରତିନିଧିତ୍ୱ କରୁଥିବା



**ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କଲେ ୧୨ ଦେଶର ୪୦ ପ୍ରତିନିଧି**

ତୁର୍କମେନିସ୍ତାନର ମଜଲିସ୍ (ସଂସଦ) ସଦସ୍ୟ କରିମଗୁଲି ଗୁରବାଙ୍ଗୁଲିଭିଚ୍ ଗେଲ୍‌ଡିୟେଭ ଗଣତନ୍ତ୍ରରେ ସ୍ୱଚ୍ଛତା ଏବଂ ଡିଜିଟାଲ୍ ସଂସ୍କାର ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ସଂସଦୀୟ ବ୍ୟାପାର) ଶ୍ରୀ ସୁରେନ୍ଦ୍ର କୁମାର, ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଧର୍ମେନ୍ଦ୍ରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲା ହାଇକୋର୍ଟରେ ଖାରଜ

କଟକ,୧୯ ।୧୧(ସମିସ): ସମ୍ବଲପୁର ସଂସଦୀୟ କ୍ଷେତ୍ର ନିର୍ବାଚନୀ ଅନିୟମିତତା ତଥା ତ୍ରୁଟିପୂର୍ଣ୍ଣ ସତ୍ୟପାଠ ଦାଖଲ ଅଭିଯୋଗରେ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ ରୁଜୁ ମାମଲାକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ଡ. ସୁବାସ ମହାପାତ୍ରଙ୍କ ପକ୍ଷରୁ ଦାୟର ମୂଳ ମାମଲାକୁ ଜଷ୍ଟିସ ସଂଜୟ କୁମାର ମିଶ୍ର ଖାରଜ କରିଛନ୍ତି। ମାମଲାଟି ଭିତ୍ତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ତଥା ଭାରତୀୟ ଜନପ୍ରତିନିଧି ଆଇନର ଧାରା ୮୩(୧) ରେ ରହିଥିବା ଆବଶ୍ୟକତାକୁ ପୂରଣ କରୁ ନଥିବାରୁ ଏହାକୁ ଖାରଜ କରିବା ପାଇଁ ପ୍ରତିପକ୍ଷ ଶ୍ରୀ ପ୍ରଧାନଙ୍କ ପକ୍ଷରୁ ଏକ ଅନ୍ତରୀଣ ଆବେଦନ ଦାୟର କରାଯାଇଥିଲା। ଅପରପକ୍ଷରେ, ଆବେଦନକାରୀ ଆଣିଥିବା ଅନିୟମିତତା ଅଭିଯୋଗ ସମ୍ପର୍କିତ ତଥ୍ୟ ପ୍ରମାଣ ଓ ସତ୍ୟପାଠ ଦେଇପାରି ନଥିବାରୁ ମାମଲା ଖାରଜ କରାଯାଇଥିବା କହିଛନ୍ତି ହାଇକୋର୍ଟ। ପ୍ରକାଶଥାଉକି, ଗତ ୨୦୨୪ସାଧାରଣ ନିର୍ବାଚନରେ ସମ୍ବଲପୁର ସଂସଦୀୟ କ୍ଷେତ୍ରରୁ ବିଜେପି ପ୍ରାର୍ଥୀ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନଙ୍କୁ ୫୯୨୧୬୨ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ପ୍ରଣବପ୍ରକାଶ ଦାସଙ୍କୁ ୪୭୨୩୨୬ଭୋଟ ମିଳିଥିଲା। ଆବେଦନକାରୀ ଶ୍ରୀ ମହାପାତ୍ରଙ୍କୁ ମିଳିଥିଲା ୧୬୯୩ଖଣ୍ଡ ଭୋଟ।

## ମଗୁଶୁରରେ ବି ଖସୁନି ପରିବା ଦର

# ସପ୍ତାହକ ମଧ୍ୟରେ ଟମାଟୋ ଦର ଦୁଇଗୁଣା

ଭୁବନେଶ୍ୱର,୧୯।୧୧(ସମିସ): ଆଳୁ କିଲୋ ୨୫, ପିଆଜ କିଲୋ ୩୦। ବିନ୍‌ସ ୮୦ରୁ ଖସୁନି, କେଇଦିନ ତଳେ ଫୁଲକୋବି ୩୦ରୁ ୪୦ ଟଙ୍କାରେ ବିକ୍ରି ହେଉଥିବାବେଳେ ପୁଣି ଉପରମୁହାଁ ହୋଇ ୫୦ରୁ ୬୦ରେ ବିକ୍ରି ହେଉଛି। ଗତ ସପ୍ତାହରେ ଟମାଟୋ ୩୦ ଟଙ୍କାରୁ ୪୦ ଟଙ୍କା ଥିବାବେଳେ ଏବେ କେଉଁଠି ୬୦ ତ କେଉଁଠି ଅଶୀ। ୬୦ ଗ୍ରାମରୁ ୭୦ ଗ୍ରାମ ଶାଗ ବିଡ଼ା ୧୦ ଟଙ୍କାରେ ବିକ୍ରି ହେଉଛି । କାର୍ତ୍ତିକ ଯାଇ ମାର୍ଗଶିର ଅଧା ହୋଇ ସାରିଥିଲେ ବି ପରିବା ଦର ଖସିବାର ନାଁ ଧରୁନାହିଁ। ବିଶେଷ କରି ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କୁ ପରିବା ଦର ଅତିଷ୍ଠ କରିଛି ।

କାର୍ତ୍ତିକ ମାସରେ ଅନେକ ଆମିଷ ଖାଉନଥିବାରୁ ସାଧାରଣତଃ ପରିବା ଦର ବୃଦ୍ଧି ପାଇଥାଏ। ହେଲେ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ମୂଳା ବିଡ଼ା (୩ଟି)କୁ ୪୦ଟଙ୍କାରେ ବିକ୍ରି ହେବା ସହ ଶାଗ ବିଡ଼ା ୧୦ରୁ ୧୫ଟଙ୍କା। ଅନ୍ୟ ପରିବାର କିଲୋପିଛା ୬୦ ଓ ୮୦ଟଙ୍କାରୁ ଖସୁନି। ଦୀର୍ଘଦିନ ଯାଏ ବର୍ଷା ଲାଗି ରହିବାଯୋଗୁଁ ଚଳିତ ବର୍ଷ ବିଭିନ୍ନ ପନିପରିବା ଅମଳ ବିଳମ୍ବିତ ହୋଇଥିବାରୁ ଏପରି ସମସ୍ୟା ଉପୁଜିଥିବା କୁହାଯାଉଛି। ଏହି ସମୟରେ ଆଠଗଡ଼, କଟକ, ବଡ଼ମ୍ବା, ନରସିଂହପୁର, ବରଗଡ଼, କୋରାପୁଟ, ବଲାଙ୍ଗିର, ପିପିଲି, ବଳଙ୍ଗା, ବାଲିପାଟଣା,

**ଅନ୍ୟ ରାଜ୍ୟରୁ ଆମଦାନୀରେ ବାଧା; ୬୦ ତଳକୁ ଖସୁନି ଦର**

ତେଇସପୁର ଆଦିରୁ ପରିବା ଉତ୍ପାଦନ ହୋଇଥାଏ ଏବଂ ପରିବାର ଦର ହ୍ରାସ ପାଇଥାଏ। ବର୍ଷ ସାରା ମହାରାଷ୍ଟ୍ର, କର୍ଣ୍ଣାଟକ, ରାଞ୍ଚି, ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ କଖାରୁ, ଟମାଟୋ, କ୍ୟାପ୍‌ସିକମ୍, କୋବି, ବିନସ୍, ଗାଜର, ବିଟ୍ ଆଦି ଆମଦାନୀ ହେଉଥିବାବେଳେ ନଭେମ୍ବରରୁ ଫେବୃଆରୀ ମାସ ଯାଏ ଓଡ଼ିଶାରୁ କୋବି, ବିନସ୍, ଟମାଟୋ, ଶିମ୍ବ, ପୋଟଳ, କଖାରୁ, କଲରା ଆଦି ଅମଳ ହୋଇଥାଏ। ମାତ୍ର ଚଳିତ ବର୍ଷ ରାଜ୍ୟରୁ ଉତ୍ପାଦନ ବିଳମ୍ବିତ ହେବା ଯୋଗୁଁ ପରିବା ଦର କମୁନାହିଁ ବୋଲି କୁହାଯାଉଛି। ଏପରିକି ଏହି ସମସ୍ୟା ଆହୁରି ୧୫ରୁ ୨୦ ଦିନ ଯାଏ ରହିପାରେ ବୋଲି ପରିବା ବ୍ୟବସାୟୀ ଆଶଙ୍କା କରିଛନ୍ତି।

କଞ୍ଚା ପରିବା ବ୍ୟବସାୟୀ ସଂଘ ସଭାପତି କବିରାଜ ସ୍ୱାଇଁ କହିଛନ୍ତି ଯେ ଓଡ଼ିଶାରେ ଏତେବେଳକୁ କୋବି ଗୋଟାକ ୫ରୁ ୧୦ଟଙ୍କା ମଧ୍ୟରେ ବିକ୍ରି ହେବା କଥା, କିନ୍ତୁ କୋବି ଅମଳ ହୋଇପାରି ନଥିବାରୁ ବାହାର ରାଜ୍ୟରୁ ଆସୁଥିବା କୋବି ଦର ଅଧିକ ରହୁଛି। ସେହିପରି ଲକ୍ଷ୍ମୀ ପୂଜା ପରେ କୋବି ଓ ଟମାଟୋ ଶସ୍ତାରେ ବିକ୍ରି ହୁଏ, ମାତ୍ର ଏଯାଏ ଟମାଟୋ, ବାଇଗଣ, ଭେଣ୍ଡି ଭଳି ଅନ୍ୟ ପରିବା ଓଡ଼ିଶାରୁ ବାହାରିନାହିଁ। ଅନ୍ୟ ରାଜ୍ୟରୁ ଯେତିକି ଆସୁଛି ତାହା ଓଡ଼ିଶା ବଜାରରେ ବିକ୍ରି ହେଉଛି। ଓଡ଼ିଶାରେ ପରିବା ଅମଳ ହେବାକୁ ଆହୁରି ଦୁଇ ସପ୍ତାହ ଲାଗିବ, ଏହାପରେ ପରିବାର ଦର କମିବ ବୋଲି ସେ କହିଛନ୍ତି।

# ଶିମିଳିପାଳରେ କଳା ବାଘ ବିଚରଣ ଦୃଶ୍ୟ ଭାଇରାଲ

ବାରିପଦା, ୧୯ ।୧୧(ସମିସ): ଏସିଆ ମହାଦେଶର ଦ୍ୱିତୀୟ ବୃହତ ଜୈବମଣ୍ଡଳ ଭାବେ ପ୍ରସିଦ୍ଧ ଲାଭ କରିଥିବା ଶିମିଳିପାଳ ଅଭୟାରଣ୍ୟରେ କଳାବାଘ ତଥା ମେଲାନାଷ୍ଟିକ ବାଘଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି। ଏପରି ଏକ କଳା ବାଘ ଅଭୟାରଣ୍ୟର ନାଳ ପାରହେବା ଦୃଶ୍ୟ ସମ୍ମୁଖକୁ ଆସିଛି। ପୂର୍ବତନ ପିସିସିଏଫ ଡ. ସୁଶାନ୍ତ କୁମାର ନନ୍ଦ ନିଜ ଏକ୍ସ'ରେ ପୋଷ୍ଟ କରିବା ପରେ ସେହି ଦୃଶ୍ୟକୁ ନ୍ୟାସନାଲ ଜିଓଗ୍ରାଫି ଚାନେଲ ନିଜର ସୋସିଆଲ ମିଡିଆ ପେଜରେ ପୁନଃ ପୋଷ୍ଟ ପରେ ଏହା ସାରା ବିଶ୍ୱରେ ଭାଇରାଲ ହେବାରେ ଲାଗିଛି। ଶିମିଳିପାଳ ଅଭୟାରଣ୍ୟରେ କଳାବାଘର ଉପସ୍ଥିତି ନେଇ ଶିମିଳିପାଳର ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିବା ପାଇଁ ଲାଗିଥିବା କ୍ୟାମେରାରେ ଏହି ଦୃଶ୍ୟ କଏଦ ହୋଇଛି। ଭାରତର ସମସ୍ତ ୧୦ଟି କଳାବାଘ ଶିମିଳିପାଳ ଅଭୟାରଣ୍ୟରେ ଅଛନ୍ତି। ମେଲାନିଷ୍ଟିକ ପ୍ରଜାତିର ବିରଳ କଳା ବାଘ ଶିମିଳିପାଳ ଅଭୟାରଣ୍ୟର ବିଚରଣ କରୁଥିବାର ଦୃଶ୍ୟ ସେମାନଙ୍କ ଉପସ୍ଥିତି ସହ ବଂଶ ବୃଦ୍ଧିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କିଛି ଦିନ ପୂର୍ବେ ଦୁଇ ବାଘ ଛୁଆ ଖେଳୁଥିବା ଏକ ଭିଡିଓ ମଧ୍ୟ ପିସିସିଏଫ ସେୟାର କରିଥିଲେ। ଶିମିଳିପାଳର ସୁରକ୍ଷା ବ୍ୟବସ୍ଥା କଡାକଡି ହେବା ପରେ କାଠ ମାଫିଆ ଓ ଶିକାରୀଙ୍କ ଦୃଷ୍ଟିରୁ ଅଭୟାରଣ୍ୟକୁ ସୁରକ୍ଷା ଦେବା ପାଇଁ



ଯୁଗ୍ମ ଟାସ୍କଫୋର୍ସ ସଶସ୍ତ୍ର ବାହିନୀ ନିୟୋଜିତ ରହି ପାଟ୍ରୋଲିଂ କରୁଛନ୍ତି। ଫଳରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ବାଘ ସୁରକ୍ଷିତ ଭାବେ ବିଚରଣ କରୁଛନ୍ତି। ଏହାର ଏକ ଦୃଶ୍ୟ ସମ୍ମୁଖକୁ ଆସିଛି। ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏ ନେଇ ପୂର୍ବରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂସଦରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପାଇଁ ଏକ ଉପଯୁକ୍ତ ସ୍ଥାନ ବୋଲି ପୂର୍ବରୁ ଏନଟିସିଏ ଘୋଷଣା କରିସାରିଛି। କଳାବାଘ ପାଇଁ ଶିମିଳିପାଳ ଅଭୟାରଣ୍ୟ ବିଶ୍ୱ ଦରବାରରେ ପ୍ରଶଂସା ସାଉଁଟିଥିବା ବେଳେ ଏହାର ବଂଶବୃଦ୍ଧି ଓ ସୁରକ୍ଷାକୁ ନେଇ ଅଧିକରୁ ଅଧିକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି। ଅପରପକ୍ଷରେ ଏନଟିସଏର ଅନୁମତି ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦାର ମଞ୍ଚାବନ୍ଧା ନିକଟରେ ବିଶ୍ୱର ପ୍ରଥମ କଳାବାଘ ସଫାରୀ ନିର୍ମାଣକୁ ଅନୁମୋଦନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୩ କୋଟି ୫୦ଲକ୍ଷ ଟଙ୍କା ମଧ୍ୟ ପ୍ରଦାନ କରିଥିଲେ। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ (ସିଜେଏଡ)ଙ୍କ ସବୁଜ ସଙ୍କେତ ପରେ ୧୮ ନଂ ଜାତୀୟ ରାଜପଥ ପାଶ୍ୱର୍ ୧୦୦ହେକ୍ଟର ଜମିରେ ସଫାରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୧୫ରୁ ୨୦କୋଟି ଟଙ୍କା ବ୍ୟ ଅଟକଳରେ ଏହାର ନିର୍ମାଣ ଗତ ଅକ୍ଟୋବର ମାସରେ ସମ୍ପୂର୍ଣ୍ଣ ହୋଇଥାନ୍ତା। ତେବେ ସରକାର ବଦଳିବା ଓ ସୁପ୍ରିମକୋର୍ଟ ଅନୁମତି ବିଳମ୍ବିତ ଯୋଗୁଁ ତାହା ଅଗ୍ରଗତି ହୋଇପାରୁନି।




## ଜଳେଶ୍ୱର ରେଳଷ୍ଟେସନ ବାଇକ୍ ଷ୍ଟାଣ୍ଡରେ ବୋମା ଗୁଜବ

### ● ବୋମା ନୁହେଁ ଜିପିଏସ୍ ସେନସର ଲକର



ଜଳେଶ୍ୱର,୧୯।୧୧(ସମିସ) : ବ୍ୟସ୍ତବହୁଳ ଜଳେଶ୍ୱର ରେଳ ଷ୍ଟେସନ ପରିସର ବାଇକ୍ ଷ୍ଟାଣ୍ଡରେ ଥିବା ଏକ ବାଇକ୍‌ରେ ବୋମା ରହିଥିବାର ଗୁଜବ ସନ୍ଧ୍ୟାରେ ସହରବାସୀଙ୍କୁ ଆତଙ୍କିତ କରିଥିଲା। ଏହି ଖବର ବିଜୁଳି ବେଗରେ ଖେଳିଯିବା ପରେ ଜିଆରପି, ଆରପିଏଫ ପକ୍ଷରୁ ଷ୍ଟାଣ୍ଡକୁ ବ୍ୟାରିକେଡ କରାଯାଇଥିଲା। ସେଠାରେ ଥିବା ଷ୍ଟାଣ୍ଡ କର୍ମଚାରୀ ଅପରାହ୍ନରେ ଏକ ବାଇକ୍‌ରେ ଟାଇମର ଶବ୍ଦ କରୁଥିବା ଜାଣିବାକୁ ପାଇଥିଲେ। ପରେ ପ୍ରଶାସନକୁ ସୂଚନା ଦେବା ପରେ ରେଳ ଏବଂ ଜଳେଶ୍ୱର ପୁଲିସ ଷ୍ଟାଣ୍ଡକୁ ବ୍ୟାରିକେଡ କରି ଯାଞ୍ଚ କରିଥିଲେ। କିନ୍ତୁ ବାଇକ୍ ଷ୍ଟାଣ୍ଡ ପକ୍ଷରୁ ବାଇକ୍ ମାଲିକ ସହିତ ଯୋଗାଯୋଗ କରିବାରୁ ସେ ବାଇକର ସୁରକ୍ଷା ଲାଗି ଜିପିଏସ ସେନସର ଲକର ଖଞ୍ଜା ଯାଇଥିବା ଜଣାପଡିଥିଲା। ଘଟଣା ସ୍ଥଳରେ ଏସଡିପିଓ ସୁବ୍ରତ ବେହେରା, ଆଇଆଇସି ଆଶୋକ ବାରିକ୍, ଖଡ଼ଗପୁର ଆସିଷ୍ଟାଣ୍ଟ ସିକ୍ୟୁରିଟି କମିଶନର ସତିଶ ଚନ୍ଦ୍ର ଶାହା, ଷ୍ଟେସନ ମାଷ୍ଟର ଚନ୍ଦନ ସିଂ, ଆରପିଏଫ ଆଇଆଇସି କେ କେ ଝା, ଜିଆରପି ହାଁସଦା, ଆରପିଏଫ ହେଡ କନଷ୍ଟେବଳ ଏଚ କେ ବେହେରା ସୁରକ୍ଷା କଡାକଡି କରିଥିଲେ। ବାଲେଶ୍ୱରରୁ ବୋମା ନିଷ୍କ୍ରିୟକାରୀ ଟିମ୍ ପହଞ୍ଚି ଯାଞ୍ଚ କରିଥିଲେ।

## ବିଭିନ୍ନ ବିଭାଗର ସମନ୍ୱୟ ବୈଠକ

# ଅଲିଭ୍ ରିଡ୍‌ଲେ କଇଁଛଙ୍କ ଗତିବିଧି, ସୁରକ୍ଷା ଓ ସଂରକ୍ଷଣକୁ ଗୁରୁତ୍ୱ

ବାଲେଶ୍ୱର,୧୯ ।୧୧(ସମିସ)




କୁରୁଡ଼ାସ୍ଥିତ ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରଭାଗ ସ୍ତରୀୟ ହିତାଧିକାରୀଙ୍କ ସହ ସାମୁଦ୍ରିକ କଇଁଛ ଅଲିଭ ରିଡଲେ ସୁରକ୍ଷା ପାଇଁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକ ଅଧକ୍ଷତା କରିଥିବାବେଳେ ଜଳେଶ୍ୱର ଏସିଏଫ ସୁଶ୍ରୀ ଜୟଶ୍ରୀ ମୁର୍ମୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ଡିଏଫଓ ଶ୍ରୀ ମଲ୍ଲିକ ଅଲିଭ ରିଡଲେ ସାମୁଦ୍ରିକ କଇଁଛଗୁଡ଼ିକର ଗତିବିଧି, ସୁରକ୍ଷା ଓ ସଂରକ୍ଷଣ ସମ୍ପର୍କରେ ମତ ରଖିଥିଲେ। ମୁଖ୍ୟଅତିଥି ଭାବେ ମତ୍ସ୍ୟ ବିଭାଗର ଉପ ନିର୍ଦ୍ଦେଶକ ଦୀପ୍ତିକାନ୍ତ ମହାପାତ୍ର ଅଲିଭ ରିଡଲେ ସାମୁଦ୍ରିକ କଇଁଛ ଦୀର୍ଘ ୯ହଜାର କିମି ପ୍ରଶାନ୍ତସାଗର ଅତିକ୍ରମ କରି ଓଡ଼ିଶାର ୪ଟି ଉପକୂଳରେ ଗୋହିର ମୋଥା ଋଷିକୂଲ୍ୟା, ଦେବୀ ନଦୀ, ଚାନ୍ଦିପୁର, ଧାମରା ପ୍ରଭୃତି ସମୁଦ୍ର ବେଳାଭୂମିମାନଙ୍କରେ ଅଣ୍ଡା ଦେବା ପାଇଁ ଚଳିତ ନଭେମ୍ବରରୁ ଆସନ୍ତା ମେ ମାସ ପର୍ଯ୍ୟନ୍ତ ଆଗମନ କରିଥାନ୍ତି। ଏହି ସମୟରେ ସମୁଦ୍ର ବେଳାଭୂମିର ୬୦କିମିକୁ ଜଙ୍ଗଲ ବିଭାଗ, ମତ୍ସ୍ୟ ବିଭାଗ, ସାମୁଦ୍ରିକ ଥାନା, ଡିଆରଡିଓ ଦ୍ୱାରା ସତର୍କତା ଅବଲମ୍ବନ ସ୍ୱରୂପ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥାଏ। ଏହାବ୍ୟତିତ୧୯୭୪ ବନ୍ୟପ୍ରାଣୀ ଆଇନ ଅନୁଯାୟୀ ବିଭିନ୍ନ କଟକଣା ଓ ଦଣ୍ଡବିଧାନ ମଧ୍ୟ ଜାରି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟତମ ଅତିଥି ଭାବେ ଏସିଏଫ ସୁଶ୍ରୀ ତଟିନୀ ସେଠୀ, ବନ୍ୟ ପ୍ରାଣୀ ୱାର୍ଡେନ ଡ. ପ୍ରକାଶ ମର୍ଦ୍ଦରାଜ, ବାଲେଶ୍ୱର ଜିଲ୍ଲାର ବନ୍ୟ ପ୍ରାଣୀ ୱାର୍ଡେନ ଆଶିନି କୁମାର ଦାସ, ମେରାଇନ ଏଡିଏଫଓ ସୁଶ୍ରୀ ସିଏସ ପଲ୍ଲବୀ, ଏଏସପି ଅଶ୍ୱିନୀ କୁମାର ନାଏକ, ଟ୍ରଲର ଆସୋସିଏସନର ଅଧକ୍ଷ ବାଦଲ ଦାସ, ମତ୍ସ୍ୟ ବିଭାଗର ଉପ ନିର୍ଦ୍ଦେଶକ ଦୀପ୍ତିକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ଅଲିଭ ରିଡ଼ଲେ କଇଁଛମାନଙ୍କ ପାଇଁ ସରକାରଙ୍କ ଆଭିମୁଖ୍ୟ, ଜନ ସଚେତନତା, ପିଲାମାନଙ୍କ ମଧ୍ୟରେ ଜାଗରଣ, ସମୁଦ୍ର ବେଳାଭୂମିକୁ ସ୍ୱଚ୍ଛ, ପ୍ଲାଷ୍ଟିକ ମୁକ୍ତ ଅଞ୍ଚଳ, ବିଭିନ୍ନ ସଚେତନତା ବାର୍ତ୍ତା ବହନ କରୁଥିବା ଫଳକ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବେସରକାରୀ ସଂସ୍ଥା କର୍ମକର୍ତ୍ତା, ମତ୍ସ୍ୟଜୀବୀ ସଂଗଠନ କର୍ମକର୍ତ୍ତାଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏସିଏଫ ଦିଗନ୍ତ ଶୋଭନ ଚାନ୍ଦ ଧନ୍ୟବାଦ ଦେଇଥିଲେ।

## ବୁକୁଡି ବନ୍ଧ ରାସ୍ତା ଶୋଚନୀୟ



**ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କଲେ ଗ୍ରାମବାସୀ**

କାଳିପଦା, ୧୯।୧୧ (ସମିସ): ବାଲିଆପାଳ ବ୍ଲକ ବଡାଶ ପଞ୍ଚାୟତ ୧୧ନଂ ୱାର୍ଡ ରେ ବୁକୁଡି ବନ୍ଧ ରାସ୍ତା ଏବେ ମରାମତି ଅଭାବରୁ ଶୋଚନୀୟ ହୋଇ ପଡିଛି। ଏ ନେଇ ୱାର୍ଡର ଅଧିବାସୀ ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାସ୍ତା ଦୁର୍ଗମ ହେତୁ ଯାତାୟାତ କରିବା କଷ୍ଟସାଧ ହୋଇଛି। ରାସ୍ତା ଯାକ ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ସାମାନ୍ୟ ବର୍ଷାରେ ରାସ୍ତା ପାଣି ଓ କାଦୁଅ ପଚ ପଚ ହେଉଛି। ଅନେକ ଦିନ ତଳେ ଏହି ରାସ୍ତା ନିର୍ମାଣ ହୋଇ ଥିଲାବେଳେ ରାସ୍ତାରେ ଅଳ୍ପ ପରିମାଣରେ ମୋରମ ବିଛା ଯାଇଥିଲା। ସେତେବେଳେ ନିମ୍ନ ମାନର କାମକୁ ଗ୍ରାମବାସୀ ବିରୋଧ କରିଥିଲେ। ମାତ୍ର କୌଣସି ପ୍ରତିକାର ହୋଇ ନ ଥିଲା। ଏହି ରାସ୍ତା ପାରି ୱାର୍ଡର ଲୋକମାନେ ଜାମାକୁଣ୍ଡା ଲକ ଓ କାଳିପଦା ବଜାରକୁ ଦୈନନ୍ଦିନ କାମ ପାଇଁ ଯିବା ଆସିବା କରିଥାନ୍ତି। ଗ୍ରାମର ବୈକୁଣ୍ଠ କୁମାର ପାତ୍ର, ଶତ୍ରୁଘ୍ନ ପାତ୍ର, ସମରେନ୍ଦ୍ର ବିଶ୍ୱାଳ, ଲୋକ ନାଥ ବେହେରା, ସୁମନ କୁମାର ମହୁରୀ, ଦନାର୍ଦ୍ଦନ ଅଣ୍ଡିଆ, ମାଗୁଣି ଚରଣ ବେହେରା, ପଞ୍ଚାନନ ବିଶ୍ୱାଳ, ଗଙ୍ଗାଧର ରାଉତ, ଗୌର ହରି ଜେନା ବସ୍ତା ବିଧାୟିକା, ବିଭାଗୀୟ ଉଚ୍ଚ ଅଧିକାରୀ, ବାଲିଆପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଙ୍କୁ ଜଣାଇ ଥିଲେ। ସୋମବାର ବିଧାୟିକା ସୁବାସିନୀ ଜେନା, ଜିଲ୍ଲା ପରିଷଦ ସଦସ୍ୟ ବେଣୁଧର ଜେନା, ନିଶାକର ସେଠୀ ପ୍ରମୁଖ ବିଭାଗୀୟ ଅଧିକାରୀମାନଙ୍କୁ ଧରି ସାନି ସରଜମିନ ସର୍ଭେ କରିଛନ୍ତି। ଆସନ୍ତା ଜାନୁୟାରୀ ମାସରେ ଏହି ରାସ୍ତା କାମ ହେବ ବୋଲି ବିଧାୟିକା ଜେନାଙ୍କ ଠାରୁ ପ୍ରକାଶ।

## ଲାଇଫ୍ ଲାଇନ୍ ଡାଇଗ୍ନୋଷ୍ଟିକ ସେଣ୍ଟର ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର




ଭୋଗରାଇ,୧୯।୧୧(ସମିସ):ଲାଇଫ ଲାଇନ ଡାଇଗ୍ନୋଷ୍ଟିକ ସେଣ୍ଟର ପ୍ରତିଷ୍ଠାର ତୃତୀୟ ବର୍ଷ ଉପଲକ୍ଷେ ସେଣ୍ଟର ମୁଖ୍ୟଙ୍କ କୌଶିକ ଚାନ୍ଦଙ୍କ ପ୍ରଚେଷ୍ଟାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଭିନ୍ନ ଅଞ୍ଚଳର ଜନସାଧାରଣ, ଅଖଣ୍ଡ ଭାରତ ହିନ୍ଦୁ ମହାସଭା ଓ ଭୋଗରାଇ ବିକାଶ ପରିଷଦର ସଦସ୍ୟମାନେ ରକ୍ତଦାନ କରିଥିଲେ। ଉକ୍ତ ଶିବିରରେ ମୋଟ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଲାଇଫ ଲାଇନ ଡାଇଗ୍ନୋଷ୍ଟିକ ସେଣ୍ଟରର ଅନ୍ୟତମ ମୁଖ୍ୟ ଅର୍ଚ୍ଚନା ଚାନ୍ଦଙ୍କ ନେତୃତ୍ୱରେ ଉକ୍ତ ଏହି ଶିବିର ଆୟୋଜନ ହୋଇଥିଲା ବେଳେ ଏଥିରେ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଡକ୍ଟର କମଳାକାନ୍ତ ଜେନା ଫିତା କାଟି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ପ୍ରାକ୍ତନ ବିଦ୍ୟୁତ ବିଭାଗର କନିଷ୍ଠ ଯନ୍ତ୍ରୀ କାର୍ତ୍ତିକ ଚନ୍ଦ୍ର ଚାନ୍ଦ, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଶକ୍ତିଧର ପରିଡ଼ା, ଡାକ୍ତର ସପନ ନାୟକ, ଡାକ୍ତର ଚିନ୍ମୟ ପରିଡା, ଡାକ୍ତର ଉତ୍ତର କୁମାର ଦଣ୍ଡପାଟ, ଜିଲ୍ଲା ଉପମୁଖ୍ୟ ସଚେତକ ପ୍ରତିନିଧି ସୁବଦ ପଣ୍ଡାଙ୍କ ସମେତ ଭୋଗରାଇର ବହୁ ଯୁବ ଗୋଷ୍ଠୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଲାଇଫ ଲାଇନ ଡାଇଗ୍ନୋଷ୍ଟିକ ସେଣ୍ଟରର ମ୍ୟାନେଜର ପ୍ରିୟବ୍ରତ ପ୍ରଧାନ, ସାଇସୂର୍ତ୍ତି ପାଳ, କମଳାକାନ୍ତ ଜେନା, ସୁମିତ୍ର ପାତ୍ର, ଦିନେଶ ରଣା, ସୁନନ୍ଦନ ଦାସ, ଶରତ ଦାସ, ବିଜୟ ବିଶ୍ୱାଳ, ସୁଶାନ୍ତ ବାରିକ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

କାଳିପଦା, ୧୯।୧୧ (ସମିସ): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦା କ୍ଷୀରୋଦା ବିହାରସ୍ଥିତ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ଓଡିଶା ଶିକ୍ଷା ବିକାଶ ସମିତି ପ୍ରାୟୋଜିତ ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟା ଅଞ୍ଜନା ମିଶ୍ରଙ୍କ ପରିଚାଳନାରେ ଗୁରୁମା ଝୁନାରାଣୀ ଦାସ, କୃଷ୍ଣା ସୁର, ଚିନ୍ମୟୀ ଦେ, ଅନ୍ନପୂର୍ଣ୍ଣା ବିଶ୍ୱାଳ, ବିଷ୍ଣୁପ୍ରିୟା କୁହ୍ଲାରୀ, ବିଦ୍ୟୁତ୍‌ପ୍ରଭା ପାତ୍ର, ସ୍ନେହଲତା ଦେ ପ୍ରମୁଖ ନାଗରିକର କର୍ତ୍ତବ୍ୟ, ପରିବେଶର ସୁରକ୍ଷା ଆଦି ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବରେ ଶ୍ରୀରାମପୁର କାଳିଚରଣ ହାଇସ୍କୁଲର ସଂସ୍କୃତ ଶିକ୍ଷୟିତ୍ରୀ ଜୟନ୍ତୀ ପ୍ରଧାନ ସୁବୋଧ ଉପରେ କହିଥିବାବେଳେ ସ୍ଥାନୀୟ କୃପାସିନ୍ଧୁ ନୋଡାଲ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାରାଣୀ ଭୂୟାଁ କୁଟୁମ୍ବ ପ୍ରବୋଧନ ସମ୍ପର୍କରେ କହିଥିଲେ।

## ଉତ୍କଳ ସୀମାନ୍ତ ଉତ୍ସବ ଭୂମିପୂଜନ

ଭୋଗରାଇ, ୧୯।୧୧ (ସମିସ): ଭୋଗରାଇ ବ୍ଲକ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ସାହାବାଜିପୁରରେ ବିଶ୍ୱ ସନାତନ କଲ୍ୟାଣ ସଂଘ ଆନୁକୂଲ୍ୟରେ ଚଳିତ ନଭେମ୍ବର ୨୬ରେ ଆୟୋଜିତ ହେବାକୁ ଯାଉଥିବା ଉତ୍କଳ-ସୀମାନ୍ତ ଉତ୍ସବ ପାଳନ ପାଇଁ ସାହାବାଜିପୁର ମଧୁ ମଣ୍ଡପ ପରିସରରେ ବୁଧବାର ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅରୁଣ ଗିରି, ଅଧ୍ୟାପକ ତ୍ରିଶଙ୍କୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଗାଁ ପରିଚାଳନା କମିଟିର ମୁଖ୍ୟ ନାରାୟଣ ଚନ୍ଦ୍ର ସାହୁ ଭୂମି ପୂଜନ ଉତ୍ସବ ଉଦଘାଟନ କରିଥିଲେ। ସୁବଳ ସାମଲ, ଦର୍ଶନ ବେହେରା, ୱାର୍ଡସଭ୍ୟ ଚରଣବେହେରା, ବିଶ୍ୱସନାତନ କଲ୍ୟାଣ ସଂଘର ଜିଲ୍ଲା ସଂଯୋଜକ ଭଗବାନ ଚନ୍ଦ୍ର ବେହେରା, ଉପସ୍ଥିତ ଥିଲେ।

## ଜାତୀୟ ଫାର୍ମାସୀ ସପ୍ତାହରେ ସଚେତନତା ଶୋଭାଯାତ୍ରା




ଜଳେଶ୍ୱର,୧୯।୧୧ (ସମିସ) : ଜଳେଶ୍ୱର ନଗରସ୍ଥିତ ଇନଷ୍ଟିଚ୍ୟୁଟ ଓଫ ଫର୍ମାସ୍ୟୁଟିକାଲ ସାଇନସ୍ କଲେଜ ପକ୍ଷରୁ ଜାତୀୟ ଫାର୍ମାସୀ ସପ୍ତାହ ପାଳନ ଅବସରରେ ବିଶାଳ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ବୁଧବାର ପୂର୍ବାହ୍ନରେ କଲେଜର ନିର୍ଦ୍ଦେଶକ ଡ. ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଶହଶହ ଫାର୍ମାସୀ ଶିକ୍ଷାର୍ଥୀ ଏବଂ ଅଧ୍ୟାପକ ଓ କର୍ମଚାରୀ ସଚେତନତା ରାଲିରେ ଯୋଗ ଦେଇଥିଲେ। ଷ୍ଟେସନ ବଜାର ବସ୍‌ଷ୍ଟାଣ୍ଡ ପାଖରୁ ଏକ ବିଶାଳ ଶୋଭାଯାତ୍ରାରେ ପ୍ଲା କାର୍ଡ ଧରି ସହର ପରିକ୍ରମା କରିବା ସହିତ ରାଷ୍ଟ୍ରୀୟ ଆରୋଗ୍ୟ ଓ ଜନ ଔଷଧର ସଠିକ ବ୍ୟବହାର, ବିଭିନ୍ନ ରୋଗର ନିରାକାରଣ, ଡାକ୍ତରଙ୍କ ପରାମର୍ଶରେ ଔଷଧ ନିରୁପଣ ଓ ସେବନ କରିବା ପାଇଁ ସଚେତନତା ସ୍ଲୋଗାନ ଦେଇଥିଲେ। ଜିକେ ଭଟର ହସ୍ପିଟାଲ ନିକଟରେ ଶୋଭାଯାତ୍ରା ସମାପ୍ତି ହୋଇଥିବା ବେଳେ ରୋଗୀ ମାନଙ୍କୁ ଫଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। ଫାର୍ମାସିଷ୍ଟ ସପ୍ତାହ ପାଳନ ଅବସରରେ ଅନୁଷ୍ଠାନ ପରିସରରେ ବିଭିନ୍ନ ସାଂସ୍କୃତିକ, ବୌଦ୍ଧିକ, କ୍ରୀଡ଼ା ପ୍ରତିଯୋଗିତା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି। ପ୍ରିନ୍ସପାଲ ଡ. ବିକାଶ କୁମାର ନନ୍ଦ, ଭାଇସ ପ୍ରିନ୍ସପାଲ ଅଶୋକ କୁମାର ମହାନ୍ତି, ଅଧ୍ୟାପକ ହେମନ୍ତ ଖଟୁଆ, ସରୋଜ ସେଠୀ, ରଞ୍ଜନ କୃଷ୍ଣ ପାତ୍ର, ସ୍ୱରୂପ ପରିଡ଼ା, ପବିତ୍ର ଗିରି, ସୁବାଷ ଚନ୍ଦ୍ର ବେହେରା, ପ୍ରୀତି ଦ୍ୱିବେଦୀ, ହିତାକାଙ୍ଗୀ ପଣ୍ଡା, ଗୌତମ ଜାନା, ସୁଭାଶିଷ ମକର, ସୁମନା ଘରା, ସଞ୍ଜିବ ମାନା, ଶାନ୍ତନୁ ସାମନ୍ତ, ଶୁଭାଶିଷ ସାହୁ, ବିଶ୍ୱ ରଞ୍ଜନ ଦାସ, ଦେବେନ୍ଦ୍ର ମାହାନା, କାହ୍ନୁ ଚରଣ ହାଁସଦା, ପରେଶ୍ ରାଉଳ କାର୍ଯ୍ୟକ୍ରମ ସୁପରିଚାଳନା କରିଥିଲେ।

## 'ଭାଇସ ଚାନ୍ସେଲରସ୍ କର୍ଣ୍ଣର' ଓ ନବୀକୃତ ପଠନ କକ୍ଷ ଉଦ୍‌ଘାଟିତ

ବାଲେଶ୍ୱର,୧୯।୧୧(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ବିଶ୍ୱବିଦ୍ୟାଳୟ ସ୍ଥିତ ଡ଼କ୍ଟର ହରେକୃଷ୍ଣ ମହାତାବ କେନ୍ଦ୍ରୀୟ ଗ୍ରନ୍ଥାଗାରରେ "ଭାଇସ ଚାନ୍ସେଲରସ୍ କର୍ଣ୍ଣର' ଓ ନବନିର୍ମିତ ଉନ୍ନତ ପଠନ କକ୍ଷ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରନ୍ଥାଗାର ନିର୍ଦ୍ଦେଶକ ପ୍ରଫେସର ସୁର୍ଯ୍ୟେନ୍ଦୁ କୁମାର ଦେ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଭାସ୍କର ବେହେରା, କୁଳସଚିବ କୁକୁମୀନା ଦାସ, ଅର୍ଥନିୟନ୍ତ୍ରକ କରଣ ସୋରେନ, ବିକାଶ ଅଧିକାରୀ ଡ଼କ୍ଟର ପବିତ୍ର ମୋହନ ନାୟକଙ୍କ ସହିତ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଗ୍ରନ୍ଥାଗାରର ସହକାରୀ ଅଧିକାରୀ ମୁକ୍ତେଶ୍ୱର ମହାପାତ୍ର ଓ ରତିକାନ୍ତ ବେହେରାଙ୍କ ନେତୃତ୍ୱରେ ଓ ସମସ୍ତ କର୍ମଚାରୀମାନଙ୍କ ସହଯୋଗରେ ଆୟୋଜିତ ହୋଇଥିଲା। ପୁସ୍ତକାଳୟର 'ହେରିଟେଜ୍ କର୍ଣ୍ଣର' ବା 'ଐତିହ୍ୟ କକ୍ଷ' ର ଅଂଶ ଭାବେ ନବ ସ୍ଥାପିତ 'ଭାଇସ ଚାନ୍ସେଲରସ୍ କର୍ଣ୍ଣର' ପୂର୍ବରୁ ସ୍ଥାପିତ 'ଫକୀରମୋହନ ଆର୍କାଇଭ୍', 'ଡ଼କ୍ଟର କବିପ୍ରସାଦ ମିଶ୍ର ଗ୍ୟାଲେରୀ', 'ପଦ୍ମଶ୍ରୀ ଡ଼କ୍ଟର ଜୟନ୍ତ ମହାପାତ୍ର ଗ୍ୟାଲେରୀ' ଓ "ପଦ୍ମଭୂଷଣ ଶ୍ରୀ ମନୋଜ ଦାସ ଗ୍ୟାଲେରୀକୁ ମିଶି ଗ୍ରନ୍ଥାଗାରକୁ ନୂତନତ୍ୱ ଓ ଉତ୍କୃଷ୍ଟତା ଦେଇଛି। ପ୍ରଫେସର ସୁର୍ଯ୍ୟେନ୍ଦୁ କୁମାର ଦେ, ଗ୍ରନ୍ଥାଗାରକୁ ବିଶ୍ୱବିଦ୍ୟାଳୟର 'ଜ୍ଞାନପୀଠ' ବୋଲି ବର୍ଣ୍ଣନା କରିଥିଲେ।

## ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ



ଭୋଗରାଇ, ୧୯।୧୧(ସମିସ) : ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତରେ ଥିବା କଂଗ୍ରେସ ଭବନରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ୧୦୯ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମୃତି ସଭା ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଉପସ୍ଥିତ ହୋଇ ଇନ୍ଦିରା ଗାନ୍ଧୀଙ୍କ ଜୀବନ ଦର୍ଶନର ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା, ଗୋପବନ୍ଧୁ ମହାପାତ୍ର, ମନ୍ଦାରସାହି ସରପଞ୍ଚ ମମତା ସାହୁ, ନିମାତପୁର ସରପଞ୍ଚ ରାଜେନ୍ଦ୍ର ଦଲେଇ, ରତନ ବାଗ, ଶିଶିର ମହାପାତ୍ର ବକ୍ତବ୍ୟ ପ୍ରଦାନ କରିଥିଲେ। କପିଳ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ପି.ଏଚ.ଡି. ଲାଭ



ଅପରେସନ ସିନ୍ଦୂର ପାଇଁ ଡ୍ରୋନ୍ ଯୋଗାଇଥିବା ଭୁବନେଶ୍ୱର ସ୍ଥିତ ଖ୍ୟାତନାମା ଡ୍ରୋନ୍ କମ୍ପାନୀ IG Dronesର ଗବେଷଣା ବିଭାଗରେ କାର୍ଯ୍ୟରତ ଶ୍ରୀ ସତ୍ୟପ୍ରକାଶ ମିଶ୍ର ସିଭିଲ ଇଞ୍ଜିନିୟରିଂ ବିଷୟରେ ଡକ୍ଟରେଟ୍ (Ph.D.) ଡିଗ୍ରୀ ଲାଭ କରିଛନ୍ତି । ସେ ଆସାମ ସ୍ଥିତ National Institute of Technology Silchar (NIT Silchar)ର Asso. Prof. Dr. Arjun Sir ଓ Asst. Prof. Dr. Amit Kumar Das ଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । ଶ୍ରୀମାନ ମିଶ୍ରଙ୍କ ଗବେଷଣା ସନ୍ଦର୍ଭ "Comprehensive Seismic Hazard Assessment of Odisha State with Emphasis on Bhubaneswar City and Port Areas", IIT Bombay ର ପ୍ରଫେସର ଡ଼ା ଦୀପାଙ୍କର ଚୌଧୁରୀ ଓ IISc Bangalore ର ପ୍ରଫେସର ଡା. ଜି. ମାଧବୀଲତାଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି । ଡ଼. ସତ୍ୟପ୍ରକାଶ ମିଶ୍ର ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ସ୍ଥିତ ପଲାର ଗ୍ରାମ ନିବାସୀ କବି ସବିତା ମିଶ୍ର ଓ ଅବସରପ୍ରାପ୍ତ BSNL କର୍ମଚାରୀ ଶ୍ରୀଯୁକ୍ତ ନୃସିଂହ ଚରଣ ମିଶ୍ରଙ୍କ କନିଷ୍ଠ ପୁତ୍ର ତଥା ଧର୍ମଶାଳା ଅଞ୍ଚଳର ବିଶିଷ୍ଟ ଶିକ୍ଷକ ୰ ପଣ୍ଡିତ ନାରାୟଣ ମିଶ୍ରଙ୍କ ପୁତ୍ର ଅଟନ୍ତି । ସେ ତାଙ୍କର ଏହି ସଫଳତା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ, ସପରିବାର, ଶିକ୍ଷକ ଓ ବନ୍ଧୁବର୍ଗଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ପାଳିଲା ଜଳେଶ୍ୱର କଂଗ୍ରେସ



ଜଳେଶ୍ୱର,୧୯।୧୧(ସମିସ): ଆଇରନ ଲେଡି, ଭୂତପୂର୍ବ ପ୍ରଧାନ ମନ୍ତ୍ରୀ,ଭାରତ ରତ୍ନ ଇନ୍ଦିରା ଗାନ୍ଧୀଙ୍କ ଜୟନ୍ତୀ ଜଳେଶ୍ୱର କଂଗ୍ରେସ ପକ୍ଷରୁ ପାଳିତ ହୋଇଯାଇଛି। ବୁଧବାର ନୂଆ ବଜାର ସ୍ଥିତ ଭଞ୍ଜଶ୍ରୀ ଭବନରେ ଆୟୋଜିତ ସଭାରେ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡା ସଭାପତିତ୍ୱ କରି ଦିବଂଗତ ପ୍ରଧାନ ମନ୍ତ୍ରୀଙ୍କ ଦୃଢ଼ ନେତୃତ୍ୱ, ଜୀବନ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ, ବରିଷ୍ଠ କଂଗ୍ରେସ ନେତା ଫରିଦ୍ ଅହମଦ, ପୂର୍ବତନ କିସାନ କଂଗ୍ରେସ ସଭାପତି ସୁଦାମ ପାତ୍ର, ହେମନ୍ତ ଗିରି, ପଦ୍ମ ଲୋଚନ ବେହେରା ପ୍ରମୁଖ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ କଂଗ୍ରେସ ନେତା ହରିଶଙ୍କର ଜେନା, ଆଶିଷ ଘୋଷ,ସରୋଜ ଦାସ, ସନ୍ଦୀପ ଜେନା, ଶ୍ରୀକାନ୍ତ ସିଂ, ଦୀପକ ପାତ୍ର, ନୟନ ପାଠୀ, ଜଗନ୍ନାଥ ରାଉଳ, ଶଶାଙ୍କ ଦଣ୍ଡପାଟ, ତାରାପଦ ପାଲ ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ସଭାରେ ଉପସ୍ଥିତ ଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar.
Contact Gadhwal Group.
9437015112

## ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ

ବାଲେଶ୍ୱର,୧୯।୧୧(ସମିସ)




ବାଲେଶ୍ୱର ଯାନ୍ତ୍ରିକ ଓ ବୈଷୟିକ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରଯୋଜିତ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଡ. ଜ୍ୟୋତିର୍ମୟ ଓଝା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିସିଇଟିର ନିର୍ଦ୍ଦେଶକ ଡ. ରତିକାନ୍ତ ସାହୁ ସ୍ୱାଗତ ଭାଷଣ ପ୍ରଦାନ ଓ ଅଧକ୍ଷ ଡ଼. ଶିବେନ୍ଦ୍ର କୁମାର ଘଡେଇ ଶିବିରର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍?ବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ଉଦଘାଟନ କରିବା ସହ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ନୀଳମଣି ମହାବିଦ୍ୟାଳୟ ଅଧକ୍ଷ ଡ଼. ତପନ କୁମାର ବେହେରା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ମୟୂରଭଞ୍ଜ ଜିଲ୍ଲା ଯୁବ ରେଡକ୍ରସ ଜିଲ୍ଲା ସଂଯୋଜକ ଡ. ଦିଲ୍ଲୀପ କୁମାର ଭୋଇ, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଓ ଭଦ୍ରକ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ କମଳାକାନ୍ତ ଓଝା ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀ ନେତୃତ୍ୱ ବିକାଶ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଶିବିରରେ ଜାତୀୟ ସେବା ଯୋଜନାର ମୌଳିକ ତଥ୍ୟ, ନେତୃତ୍ୱ ବିକାଶ, ଡିଜିଟାଲ ସାକ୍ଷରତା, ପ୍ରାଥମିକ ଚିକିତ୍ସା, ସ୍ୱେଚ୍ଛାକୃତ ରକ୍ତଦାନ, ସାଇବର ଅପରାଧ ସମସ୍ୟା ଓ ସମାଧାନ, ସାମାଜିକ ଗଣମାଧ୍ୟମର ବ୍ୟବହାର ଓ ଅପବ୍ୟବହାର, ପରିବେଶ ସୁରକ୍ଷା, ସଡ଼କ ନିରାପତ୍ତା ଓ ନିଶାମୁକ୍ତ ଭାରତ ପ୍ରଭୃତି ସମ୍ପର୍କରେ ସଚେତନତା ସହ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶିବିର ସଂଯୋଜକ ଅମ୍ବୁଜ ଲୋଚନ ଦାଶ ସୂଚନା ପ୍ରଦାନ କରିଛନ୍ତି। ଏହି ଶିବିରରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ୧୦୦ ଜଣ ସ୍ୱେଚ୍ଛାସେବୀ ସମେତ ୧୦ ଜଣ କାର୍ଯ୍ୟକ୍ରମ ଅଧିକାରୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଶ୍ରୀହରିଶଙ୍କର ପାଣିଗ୍ରାହୀ, ରସାନନ୍ଦ ବାଗ, ପ୍ରେମାନନ୍ଦ ସେଠୀ, ଗଣେଶ ତିଆଡ଼ି, କିରଣବାଳା ସେଠୀ, ଡ. ପୂଜାରାଣୀ ପରିଡ଼ା, ମିତାରାଣୀ ଜେନା, କାବେରୀ ସାହୁ, ଜେମାମଣି ସାହୁ ଓ ତାପସ କୁମାର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିର ସଂଯୋଜକ ଅମ୍ବୁଜ ଲୋଚନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ THE SAKALA



## ଆନନ୍ଦବଜାର ଛକ-ଫୁଲାଡି ଯାଏଁ ହେଉଛି ୪ ଲେନ ରାସ୍ତା

# ଅବଧି ସରିଲାଣି; ସରୁନି ନିର୍ମାଣ କାର୍ଯ୍ୟ

ବାଲେଶ୍ୱର,୧୯ ।୧୧(ସମିସ)



ଯାତାୟାତରେ ଅଧିକ ସୁବିଧା ପାଇଁ ସହରର ଆନନ୍ଦବଜାର ଛକଠାରୁ ଫୁଲାଡି ପର୍ଯ୍ୟନ୍ତ ୪ଥାକିଆ ରାସ୍ତା ନିର୍ମାଣ କରାଯାଉଛି। ଯାହାକି ୨୦୨୨-୨୩ ଆର୍ଥିକ ବର୍ଷରେ ଆରମ୍ଭ କରାଯାଇଥିଲା ଏବଂ ୨୦୨୪ ମାର୍ଚ୍ଚ ମାସରେ ସରିବା ପାଇଁ ଗାଇଡଲାଇନ ଥିଲା। ଅନ୍ୟପଟେ ଅବଧି ଶେଷ ହୋଇଛି ହେଲେ ସରୁନି ରାସ୍ତା କାର୍ଯ୍ୟ। କିଛି ବାଟ ପିଚୁ ଓ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିବା ବେଳେ ବାକି ଆଉ କିଛି ରାସ୍ତା ନିର୍ମାଣ ହେବାକୁ ବାକି ରହିଛି। ଯାହାଫଳରେ ନିର୍ମାଣ ହୋଇନଥିବା ରାସ୍ତାଦେଇ ଯାତାୟାତ କରୁଥିବା ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ଧୂଳିମାଡରେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି।

ବାଲେଶ୍ୱର ସହର ତଥା ଜିଲ୍ଲାକୁ ପ୍ରବେଶ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହେଉଛି ସହରର ଆନନ୍ଦବଜାର ଛକଠାରୁ ଫୁଲାଡି ପର୍ଯ୍ୟନ୍ତ ସଂଯୋଗ କରୁଥିବା ରାସ୍ତା। ଏହି ୫କିମି ରାସ୍ତା ବାଲେଶ୍ୱର ମୁଖ୍ୟାଳୟ ସହ ଉତ୍ତର ଓଡ଼ିଶାକୁ ସଂଯୋଗ କରିଥାଏ। ଦୈନିକ ଏହି ରାସ୍ତା ଦେଇ ହଜାର ହଜାର ସଂଖ୍ୟାରେ ଭାରୀଯାନ ଠାରୁ ଆରମ୍ଭ କରି ବାଇକ,ବସ ପର୍ଯ୍ୟନ୍ତ ଯିବା ଆସିବା କରୁଛି। ଏହା ବ୍ୟତିତ ଆମ୍ବୁଲାନସ ମଧ୍ୟ ଯିବା ଆସିବା କରିଥାଏ। ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର, ଭୋଗରାଇ, ବାଲିଆପାଳ,ବସ୍ତା ଠାରୁ ଆରମ୍ଭ କରି ବାଲେଶ୍ୱର ସଦର ବ୍ଲକ ରେମୁଣାବାସୀ ମଧ୍ୟ ବାଲେଶ୍ୱର ସହରକୁ ପ୍ରବେଶ କରିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଏହାବ୍ୟତିତ ମୟୂରଭଞ୍ଜ ଜିଲ୍ଲାବାସୀ ମଧ୍ୟ ବାଲେଶ୍ୱର ସହର ଆସିବାକୁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଅତ୍ୟନ୍ତ ବ୍ୟସ୍ତବହୁଳ ରାସ୍ତାଟି ଅଣଓସାରିଆ ଥିବାରୁ ଏହି ରାସ୍ତାକୁ ୪ଲେନ ବିଶିଷ୍ଟ କରିବାକୁ ବ୍ୟବସ୍ଥା କରାଯାଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ ଏହି ରାସ୍ତା ପାଇଁ ୩୩.୯୭କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ପୂର୍ତ୍ତ ବିଭାଗ (ରାସ୍ତା ଓ କୋଠାବାଡ଼ି) ବିଭାଜନ ବାଲେଶ୍ୱର(୧)ଜରିଆରେ ଏକ ଠିକାଦାରଙ୍କ ଦ୍ୱାରା ଏହା ନିର୍ମାଣ କରାଯାଉଛି। ୨୦୨୪ମାର୍ଚ୍ଚ ମାସ ୩୧ ତାରିଖରେ ରାସ୍ତା ନିର୍ମାଣର ଅବଧି ଶେଷ ହୋଇଯାଇଛି। ହେଲେ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନାହିଁ। ଏପରିକି କିଛି ମୂଳ ରାସ୍ତାକୁ ଛାଡିଦେଲେ ରାସ୍ତାର ଦୁଇ ପାଶ୍ୱର୍ରେ ନୂଆ ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉଛି। ନୁଣିଆଯୋଡି ପୋଲ ଠାରୁ କିଛି ବାଟ ପର୍ଯ୍ୟନ୍ତ ରାସ୍ତାର ଗୋଟିଏ ପଟେ ଖୋଲା ହୋଇପଡ଼ିଥିବା ବେଳେ ସେଥିରେ କେବଳ ମାଟି ଜମା ହୋଇଛି। ଫୁଲାଡି ଠାରୁ ବାଲେଶ୍ୱର କିମ୍ବା ବାଲେଶ୍ୱର ଆନନ୍ଦବଜାର ଠାରୁ ଫୁଲାଡି ପର୍ଯ୍ୟନ୍ତ ରାସ୍ତାକୁ୧୦ମିନିଟ ବଦଳରେ ରାସ୍ତା ସମସ୍ୟା ପାଇଁ ତାହା ଅଧଘଣ୍ଟା ଲାଗିଯାଉଛି। ଏ ନେଇ ସହରବାସୀ ଗିରିଜା ଶଙ୍କର ଦାସ କହିଛନ୍ତି ଯେ, ସରକାର ବଦଳିବା ପରେ କାର୍ଯ୍ୟର ଧାରା ମଧ୍ୟ ବଦଳି ଯାଇଛି। ଯେଉଁକାମ ନିର୍ଦ୍ଧାରିତ ସମୟ ମଧ୍ୟରେ ହେବା କଥା ତାହା ଏବେ କେବଳ ସମୟ ବଢ଼ାଇଚାଲିଛି। ଜିଲ୍ଲାପ୍ରଶାସନ ଲୋକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା କଥା। ଅନ୍ୟପଟେ ଏହି ରାସ୍ତା ନିର୍ମାଣ ସମୟରେ ଲୋକେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଥିବା ବେଳେ ଧୂଳିମାଡରେ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ୁଛନ୍ତି। ଏ ବାବଦରେ ପିଡବ୍ଲୁଡି ଅଧୀକ୍ଷଣ ଯନ୍ତ୍ରୀ ଅଙ୍କୁର ପଣ୍ଡା କହନ୍ତି ଫୁଲାଡିଠାରେ ଜବରଦଖଲ ପାଇଁ କାମ ଆଗେଇପାରୁନି। ଚଳିତ ମାସ ଶେଷ ସୁଦ୍ଧା ସେଠାରେ ଜବରଦଖଲ ଉଚ୍ଛେଦ ସରିବା ପରେ ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବ।

### ବାଧକ ସାଜିଛି ଜବରଦଖଲ

### ଧୂଳିରେ ଯାତ୍ରୀ ହୀନସ୍ତା

## ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟରେ ଜାତୀୟସ୍ତରୀୟ ଆଲୋଚନାଚକ୍ର

ବାଲେଶ୍ୱର,୧୯।୧୧(ସମିସ): ଏକ ସମାନୁପାତିକ, ଗବେଷଣାତ୍ମକ ଓ ସଶକ୍ତ ଭାରତ ଗଠନ ପାଇଁ ପରିବର୍ତ୍ତିତ ଶିକ୍ଷାର ଆବଶ୍ୟକତା ଶୀର୍ଷକ ଉପରେ ଫକୀର ମୋହନ କନିଷ୍ଠ ମହାବିଦ୍ୟାଳୟ, ବାଲେଶ୍ୱର ଓ ଏଇସି, ଭୁବନେଶ୍ୱରର ମିଳିତ ଆନୁକୁଲ୍ୟରେ ଏକ ଦିବସୀୟ ଜାତୀୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ର ଅଧ୍ୟକ୍ଷ ପ୍ରଦୀପ କୁମାର ରଣାଙ୍କ ଅନୁମତି କ୍ରମେ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାର ୨୮ଟି ସ୍ୱୟଂଶାସିତ ମହାବିଦ୍ୟାଳୟ ଓ ଭାରତର ୪ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଗବେଷକ ମାନେ ଅନଲାଇନ ଗୁଗଲ ମିଟ ପ୍ଲାଟଫର୍ମ ମାଧ୍ୟମରେ ଯୋଗ ଦେଇଥିଲେ। ଶିକ୍ଷାବିତ ପ୍ରମୋଦ ବେହେରା ଏହାକୁ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଶାସନିକ ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବାଣିଜ୍ୟ ବିଭାଗର ଅଧ୍ୟାପିକା ପ୍ରିୟଙ୍କା ପତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଅରବିନ୍ଦ କୁମାର ଝା, ଶିକ୍ଷା ବିଭାଗର ମୁଖ୍ୟ, ଇଗନୁ, ନୂଆ ଦିଲ୍ଲୀ, ଡକ୍ଟର ରାଜାବାବୁ ଭାଟୁଲା, ଅଧ୍ୟକ୍ଷ,ସିଏସଆଇ ଶିକ୍ଷା ମହାବିଦ୍ୟାଳୟ, ତେଲେଙ୍ଗାନା, ଐଶ୍ୱର୍ଯ୍ୟା ମିଶ୍ର, ଅଧ୍ୟାପିକା, ଡାଏଟ, ବାଲେଶ୍ୱର, ଡକ୍ଟର ହୃଷୀକେଶ ପାଣିଗ୍ରାହୀ, ସହକାରୀ ପ୍ରଫେସର, ଖଲିକୋଟ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର, ମାନସ କୁମାର ସେଠ, ଅଧ୍ୟାପକ, ଶିକ୍ଷା ବିଭାଗ, ଅନୁଗୁଳ ମହିଳା ମହାବିଦ୍ୟାଳୟ, ଅନୁଗୁଳ ଓ ଜାତୀୟ ସେବା ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଷ୍ଟ୍ରପତି ପୁରସ୍କାର ବିଜେତା ଓ ସାମାଜିକ କର୍ମୀ, ଦେବେନ୍ଦ୍ର ଆଚାର୍ଯ୍ୟ ଓ କିଛି ଛାତ୍ରଛାତ୍ରୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା ସହିତ ନିଜର ଗବେଷଣାତ୍ମକ ଭିତ୍ତିପତ୍ରକୁ ଉପସ୍ଥାପନା କରିଥିଲେ। ସଂଯୋଜକ ପ୍ରମୋଦ ବେହେରା ଧନ୍ୟବାଦ ଦେଇଥିଲେ।

## ବାଲେଶ୍ୱର ମେଲୋଡି ଅସୋସିଏସନ ପକ୍ଷରୁ ମହମବତି ଶୋଭାଯାତ୍ରା

ବାଲେଶ୍ୱର, ୧୯ ।୧୧(ସମିସ): ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ବିୟୋଗରେ ବାଲେଶ୍ୱର ମେଲୋଡି ଆସୋସିଏସନ ପକ୍ଷରୁ ଏକ ମହମବତୀ ଶୋଭାଯାତ୍ରା ସହ ଶୋକସଭା ଅନୁଷ୍ଠିତ ହୋଇଛି। ମହମବତୀ ଶୋଭାଯାତ୍ରା ଫକୀରମୋହନ ଗୋଲେଇ ଠାରୁ ବାହାରି ପୁଲିସ ଲାଇନ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରୁ କଳାକାରମାନେ ଯୋଗଦେଇ ହ୍ୟୁମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ଏଏନ୍‌ଆର୍‌ଏଫ୍-ପିଏଆଇଆର୍ ପ୍ରକଳ୍ପର ମିଳିତ ସଭାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଅଂଶଗ୍ରହଣ



ବାଲେଶ୍ୱର,୧୯ ।୧୧(ସମିସ): ଅନୁସନ୍ଧାନ ଓ ପ୍ରଯୁକ୍ତି ବିଭାଗ ଭାରତ ସରକାର ଅଧୀନ ରାଷ୍ଟ୍ରୀୟ ଗବେଷଣା ତହବିଲ ଦ୍ୱାରା ଅର୍ଥାନୁଦାନ ପ୍ରାପ୍ତ ପ୍ରତିଷ୍ଠିତ ପିଏଆଇଆର ପ୍ରକଳ୍ପର ପ୍ରଥମ ମିଳିତ ସଭାରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଅଂଶଗ୍ରହଣ କରିଛି। ପ୍ରକଳ୍ପର ହବ ଅନୁଷ୍ଠାନ ଜାତୀୟ ପ୍ରଯୁକ୍ତି ମହାବିଦ୍ୟାଳୟ (ଏନଆଇଟି), ରାଉରକେଲା ଠାରେ ଏହି ସଭା ଅନୁଷ୍ଠିତ ହୋଇଥିଲା ଯେଉଁଠାରେ ପ୍ରକଳ୍ପ ସହ ସଂଯୁକ୍ତ ଛଅଟି ସ୍ପୋକ ଅନୁଷ୍ଠାନର ପ୍ରତିନିଧି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ପକ୍ଷରୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଆଭାସୀ ମାଧ୍ୟମରେ ସଭାରେ ଯୋଗଦେଇଥିଲେ। ପ୍ରଫେସର ପଙ୍କଜ କୁମାର ପାରହି, ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର ଓ ପ୍ରଫେସର ନିହାର ରଞ୍ଜନ ରାଉତ ପ୍ରତ୍ୟକ୍ଷ ଭାବେ ସଭାରେ ଉପସ୍ଥିତ ହୋଇ ଚର୍ଚ୍ଚା, ପରାମର୍ଶ ଓ ନୀତିଗତ ପରିକଳ୍ପନାରେ ଅଂଶ ଗ୍ରହଣ କରିଥିଲେ। ସୁସ୍ଥାୟୀ ଉନ୍ନୟନ ନିମିତ୍ତ କୃଷି, ସ୍ୱାସ୍ଥ୍ୟ, ଉର୍ଜା ଓ ପରିବେଶ ପାଇଁ ପ୍ରଯୁକ୍ତି ମହାସଂଘ ଶୀର୍ଷକ ନେଇ ଏହି ପ୍ରକଳ୍ପ ସ୍ଥାୟୀ କୃଷି, ସ୍ୱାସ୍ଥ୍ୟ, ଉର୍ଜା ଓ ପରିବେଶ ସୁସ୍ଥତାର ଅନୁଶାସନୀୟ ଗବେଷଣା,ପ୍ରଯୁକ୍ତି ନବୀକରଣ ଓ ସ୍ଥାୟୀ ଉନ୍ନୟନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଛି।

## ବିଶ୍ୱ ଦୀର୍ଘସ୍ଥାୟୀ ଅବରୋଧି ଫୁସଫୁସ ରୋଗ ଦିବସ



ବାଲେଶ୍ୱର,୧୯ ।୧୧(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ବିଶ୍ୱ ଦୀର୍ଘସ୍ଥାୟୀ ଶ୍ୱାସ ଅବରୋଧି ଫୁସଫୁସ ରୋଗ(ସିଓପିଡି) ଦିବସ ଉପଲକ୍ଷେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସମ୍ମିଳନୀ କକ୍ଷରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ନିଃଶ୍ୱାସ ନେବାରେ କଷ୍ଟ ହିଁ ସିଓପିଡିର ପ୍ରଥମ ଲକ୍ଷଣ, ଧ୍ୟାନ ଦିଅନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ' ଶୀର୍ଷକ ଏକ ଆଲୋଚନା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସହରାଞ୍ଚଳ ବିଭିନ୍ନ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରୁ ଆସିଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧକାରୀ ଏବଂ ଜିଲ୍ଲା ମହିଳା ସ୍ୱାସ୍ଥ୍ୟ କର୍ମୀ ତାଲିମ କେନ୍ଦ୍ରର ଅଧ୍ୟୟନରତ ଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ ବେହେରା କହିଥିଲେ ଯେ, ସିଓପିଡି ରୋଗ ମୁଖ୍ୟତଃ ଧୂମପାନ କରୁଥିବା ବ୍ୟକ୍ତି, ଦୂଷିତ ବାୟୁ ଚଳାଚଳ ଅଞ୍ଚଳ, ସିମେଣ୍ଟ କାରଖାନା, କରତ କଳରେ କାମ କରୁଥିବା ଲୋକଙ୍କ ନିକଟରେ ଦେଖାଯାଏ । ଏହାଛଡା ବହୁଦିନ ଧରି କାଶ ଲାଗି ରହିବା, ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ, ଅଳ୍ପ ପରିଶ୍ରମ କଲେ ଧଇଁ ସଇଁ ଲାଗିବା, ସାମାନ୍ୟ ଥଣ୍ଡା ସହ୍ୟ କରିନପାରିବା ଏବଂ ଛାତି ଅବରୋଧ ପରି ଅନୁଭବ କରିବା ହେଉଛି ଏହି ରୋଗର ଲକ୍ଷଣ। ଏହି ସବୁ ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ବୋଲି କହିଥିଲେ। ଅନ୍ୟପଟେ ଏହି ରୋଗର ନିରାକରଣ ପାଇଁ ଧୂମପାନ ବର୍ଜନ କରିବା ସହ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ, ଯୋଗ ପ୍ରାଣାୟାମ କରିବା, ଉତ୍ତମ ବାୟୁ ଚଳାଚଳ କରୁଥିବା ଗୃହରେ ବସବାସ କରିବା ଏବଂ ଧୂଳି ଧୂଆଁ ଠାରୁ ଦୂରେଇ ରହିଲେ ଏହି ରୋଗକୁ ପ୍ରତିରୋଧ କରାଯାଇ ପାରିବ ବୋଲି ମଧ୍ୟ କହିଥିଲେ। ସଭାରେ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କର, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଭିବିଡି) ସୂର୍ଯ୍ୟ ପ୍ରକାଶ ରାଉତରାୟ,ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ(ଯକ୍ଷ୍ମା) ଡ ମନୋଜ କୁମାର ସାହୁ, ଡିପିଏମ ଚକ୍ରଧର ଜେନା ପ୍ରମୁଖ ଯୋଗଦେଇ ରୋଗର କାରଣ, ନିରାକରଣ ଏବଂ ଜନ ସଚେତନତା ଉପରେ ନିଜର ମତ ରଖିଥିଲେ। କ୍ଷେତ୍ର ସ୍ତରରେ କାର୍ଯ କରୁଥିବା ସ୍ୱାସ୍ଥ୍ୟ କର୍ମୀ,ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଆଶାମାନଙ୍କୁ ଗୋଷ୍ଠୀ ସ୍ତରରେ ଏହି ରୋଗର ନିରାକରଣର ଅଧିକ ସଚେତନତା ସୃଷ୍ଟି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଭାରପ୍ରାପ୍ତ ଜିଲ୍ଲା ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଣ ସଂକ୍ରାମକ ରୋଗର ଉପଦେଷ୍ଟା ମୌସୁମୀ ସାମଲ ଧନ୍ୟବାଦ ଦେଇଥିଲେ।



ଶାମୁକାରେ ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ବାଲେଶ୍ୱରର ଚିତ୍ରଶିଳ୍ପୀ ଅବିନାଶ ନାଥ

## ୯ ନମ୍ବର ୱାର୍ଡରେ ଦୁଇଟି ପ୍ରକଳ୍ପର ଶିଳାନ୍ୟାସ

ବାଲେଶ୍ୱର,୧୯।୧୧(ସମିସ): ପୌରପାଳିକା ଅନ୍ତର୍ଗତ ୯ନମ୍ବର ୱାର୍ଡରେ ସଦର ବିଧାୟକ ମାନସ କୁମାର ଦତ୍ତ ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଭୋଇସାହି କେନ୍ଦ୍ରୀୟ ବିଦ୍ୟାଳୟ ଛକରେ ଥିବା ପୁରାତନ ଦୁର୍ଗା ମଣ୍ଡପର ପୁନରୁଦ୍ଧାର ପାଇଁ ବିଧାୟକ ତାଙ୍କ ପାଣ୍ଠିରୁ ତିନି ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ସେହିପରି ଏହି ୱାର୍ଡର ମଗନକାରା ଛକରେ ଥିବା ସର୍ବପୁରାତନ ନାରୀ ସଙ୍ଘ ପରିସରରେ ଏକ ଶୌଚାଳୟ ପାଇଁ ମଧ୍ୟ ତିନି ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଶିଳାନ୍ୟାସ କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନସିଲର ସଂଜୀବ ଦାସ, ସୀତାକାନ୍ତ ସ୍ୱାଇଁ, ଗଂଗଧର ରାଉତ, ବାଲେଶ୍ୱର ନାରୀ ସଙ୍ଘ ର ଅଧ୍ୟକ୍ଷା ଗୋପା ମୁଦ୍ରା ମହାପାତ୍ର, ଆଇନଜୀବୀ ଉତ୍ପଳ ମହାନ୍ତି, ନିତିନ ଦାସ, ବିକାଶ ପାତ୍ରୀ, ସିଦ୍ଧାର୍ଥ ଦାସ, ସୁବ୍ରତ ଦାସ, ରାକେଶ ନାୟକ, ସନ୍ତୋଷ ସେନାପତି, ନାରାୟଣ ମହାପାତ୍ର,ମଧୁଶ୍ରୀ ପଣ୍ଡା, ଲିପୁନ ପାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଟାଉନ ହାଇସ୍କୁଲରେ ବିଜ୍ଞାନ ମେଳା



ବାଲେଶ୍ୱର,୧୯ ।୧୧(ସମିସ): ସ୍ଥାନୀୟ ଟାଉନ ହାଇସ୍କୁଲରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧୨୦ଟି ପ୍ରକଳ୍ପ ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ ଭୂୟାଁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଅଧିକାରୀ ଡ. ବସନ୍ତ କୁମାର ନାୟକ, ଅନ୍ୟତମ ଅତିଥି ଭାବେ ଏଡିଇଓ ପୂର୍ଣ୍ଣିମା ଦାସ କାର୍ଯ୍ୟକ୍ରମକୁ ଉଦଘାଟନ ପିଲାମାନଙ୍କୁ ଅନୁସନ୍ଧାନୀ ହେବାକୁ ପରାମର୍ଶ ଦେଇଥିଲେ। ଆଲୁମିନି ସଭାପତି ସୁବ୍ରତ କର, ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି, ପ୍ରକଳ୍ପ ପର୍ଯ୍ୟବେକ୍ଷକ ସୁବ୍ରତ କୁମାର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସୁମତି ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମଧୁସ୍ମିତା ବାରିକ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଭାରତୀ ରାଉଳ, ସୁସ୍ମିତା ପଣ୍ଡା, ସୁଲୋଚନା ଜେନା, ନମିତା ନାୟକ, ଶିଖାରାଣୀ ପାତ୍ର, ତନୁଶ୍ରୀ କରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବା ୧୨୦ଟି ପ୍ରକଳ୍ପକୁ ମୁଖ୍ୟଅତିଥି ବୁଲି ଦେଖିଥିଲେ। ମ୍ୟୁନସିପାଲିଟି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନମିତା ମହାପାତ୍ର, ଅତିଥି ଶିକ୍ଷକ ଅକ୍ଷୟ ପାତ୍ର, ଦାମୋଦର ପଣ୍ଡା, ଦେବସ୍ମିତା ଦାସ ସହଯୋଗ କରିଥିଲେ।

## ସୁବାସିନୀ କୃତ୍ତିବାସ ଚାରିଟେବଲ ଟ୍ରଷ୍ଟ ଲୋକାର୍ପିତ

ବାଲେଶ୍ୱର,୧୯।୧୧(ସମିସ): ଜନସେବାକୁ ତୃଣମୂଳସ୍ତରରେ ପହଞ୍ଚାଇବା ଲକ୍ଷ୍ୟରେ ସୁବାସିନୀ କୃତ୍ତିବାସ ଚାରିଟେବଲ ଟ୍ରଷ୍ଟର ଶୁଭ ଲୋକାର୍ପଣ ଉତ୍ସବ ରାଣୀପଟଣା ସ୍ଥିତ ଦୃଷ୍ଟିବାଧିତ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ମୁଖ୍ୟ ବରିଷ୍ଠ ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ନୂତନ ଟ୍ରଷ୍ଟ ଗଠନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଦୃଷ୍ଟିବାଧିତ ବିଦ୍ୟାଳୟର ଅଧ୍ୟକ୍ଷ ଦିବାକର ସ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଶ୍ରୀ ପାଣିଗ୍ରାହୀଙ୍କ କନ୍ୟା ରୋଜଲିନ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୁତୁରା ଚିରଞ୍ଜିବୀ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଟ୍ରଷ୍ଟର ସଦସ୍ୟ ଦେବାଶିଷ ଦେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶତାୟୁ ମହିଳାଙ୍କ ପରଲୋକ

ଚନ୍ଦନେଶ୍ୱର,୧୯।୧୧(ସମିସ): ଗାଜିପୁର ଗ୍ରାମର ସ୍ୱର୍ଗତ ବଳରାମ ଦାସଙ୍କ ସହଧର୍ମିଣୀ ଅନ୍ନପୂର୍ଣ୍ଣା ଦାସ (୧୦୦) ଙ୍କ ଗତକାଲି ରାତ୍ରିରେ ଗାଜିପୁରସ୍ଥିତ ତାଙ୍କ ବାସଭବନ ରେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ମିଷ୍ଟଭାଷୀ ଓ ଧର୍ମପରାୟଣା ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ବଡ଼ପୁଅ ରାଧାଶ୍ୟାମ ଦାସ, ଘନଶ୍ୟାମ ଦାସ, ସାନପୁଅ ପୂର୍ଣ୍ଣଚନ୍ଦ୍ର



ଦାସ, ଜ୍ୱାଇଁ ରାଧାଗୋବିନ୍ଦ ଦାସ, ଝିଅ ମିନତୀରାଣୀ ଦାସ, ନାତି ଅନାଦି ବଲ୍ଲଭ ଦାସ, ରାଧା ବଲ୍ଲଭ ଦାସ, ଗୋବିନ୍ଦ ବଲ୍ଲଭ ଦାସ, କୃଷ୍ଣ ବଲ୍ଲଭ ଦାସ ଉପସ୍ଥିତ ଥିଲେ।

## ସିପିଆଇର ଶତବାର୍ଷିକ ପାଳନ ଅଭ୍ୟର୍ଥନା କମିଟି ଗଠିତ

ବାଲେଶ୍ୱର,୧୯ ।୧୧(ସମିସ): ପତ୍ରୁଆଁପଦା ସ୍ଥିତ ଉଠାଜଳସେଚନ କର୍ମଚାରୀ ଭବନରେ ବରିଷ୍ଠ ଆଇନଜୀବୀ ତଥା କମ୍ୟୁନିଷ୍ଟ ନେତା ଶମ୍ଭୁନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲାର କମ୍ୟୁନିଷ୍ଟ ପାର୍ଟି ବୈଠକ ଅନୁଷ୍ଠିତ ହେବା ସହ ସିପିଆଇର ଶତବାର୍ଷିକ ପାଳନ ପାଇଁ ଏକ ଅଭ୍ୟର୍ଥନା କମିଟି ଗଠିତ ହୋଇଛି। ୧୯୨୫ମସିହା ଡିସେମ୍ବର୨୬ରେ ଜନ୍ମଲାଭ କରିଥିବା ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଚଳିତବର୍ଷ ସମଗ୍ର ଭାରତବର୍ଷରେ ଶତବାର୍ଷିକ ପାଳିତ ହେଉଛି। ସେହି ପରିପ୍ରେକ୍ଷୀରେ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲ୍ଲା ମିଳିତ ଭାବେ ଆସନ୍ତା ଡିସେମ୍ବର୧୮ ରେ ବାଲେଶ୍ୱର ସହରର ଗାନ୍ଧୀସ୍ମୃତି ଭବନରେ ଶତବାର୍ଷିକୀ ପାଳିତ ହେବ। ଉକ୍ତଦିନ ବାଲେଶ୍ୱର ରେଳଷ୍ଟେସନରୁ ଶତାଧିକ କର୍ମୀମାନଙ୍କର ଶୋଭାଯାତ୍ରା ବାହାରି ଗାନ୍ଧୀସ୍ମୃତି ଭବନରେ ପହଁଚିବା ପରେ ସମାରୋହ ଅନୁଷ୍ଠିତ ହେବ। ରାଜ୍ୟ ପରିଷଦର ସହସଂପାଦକ ଜୟନ୍ତ ଦାସ ଓ ବାଲେଶ୍ୱର ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଶମ୍ଭୁନାଥ ମହାନ୍ତି, କାର୍ଯ୍ୟକାରୀ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ପଣ୍ଡା, କରୁଣାକର ପରିଡ଼ା ଓ ଶୁଭେନ୍ଦ୍ର ପ୍ରତାପ ମହାନ୍ତି,ସାଧାରଣ ସମ୍ପାଦକ ଭାଗବତ ପ୍ରତିହାରୀ, ଉପ ସାଧାରଣ ସମ୍ପାଦକ ଜଗବନ୍ଧୁ ମିଶ୍ର ଓ ଗୌରାଙ୍ଗ ପାଣିଗ୍ରାହୀ,ଉପାଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଓ ବନ୍ଦନା ବିଶ୍ୱାସ ଏବଂ ଶ୍ୟାମସୁନ୍ଦର ଜେନାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ଏହାଛଡା ତିନୋଟି ଜିଲ୍ଲାରୁ୧୦ଜଣଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି।

## ୨୩ରେ ଟିପିଏନ୍‌ଓଡିଏଲ ମିସାଇଲ ସିଟି ୱାର୍ଲଡ୍ ହାଫ୍ ମାରାଥନ

ବାଲେଶ୍ୱର, ୧୯ ।୧୧(ସମିସ)




ବାଲେଶ୍ୱର ମାରାଥନ ଆସୋସିଏସନ ପକ୍ଷରୁ ଆସନ୍ତା ୨୩ତାରିଖରେ 'ରନ ୱିଥ ଦି ସନ' ବିଷୟବସ୍ତୁ ନେଇ ବାଲେଶ୍ୱର ସହରରେ ପ୍ରଥମଥର କରି ଟିପିଏନଓଡ଼ିଏଲ ମିସାଇଲ ସିଟି ୱାର୍ଲଡ ହାଫ ମାରାଥନ ଅନୁଷ୍ଠିତ ହେବ। ସ୍ଥାନୀୟ ଏକ ହୋଟେଲ ପରିସରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ମାରାଥନ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି।

ସବୁଜ ଶକ୍ତି ବ୍ୟବହାରକୁ ପ୍ରୋତ୍ସାହନ ଓ ଶକ୍ତି ସଂରକ୍ଷଣର ସଚେତନତା ବାର୍ତ୍ତା ଦେଇ ଏହି ମାରାଥନ ବାଲେଶ୍ୱର ସହରର ପୁଲିସ ରିଜର୍ଭ ପଡ଼ିଆ ନିକଟରେ ଅନୁଷ୍ଠିତ ହେବ। ଏହି ମାରାଥନରେ ୨୧କିମି, ୧୦କିମି, ୫ କିମି ଏବଂ ୩ କିମି(କୌତୁକ ଦୌଡ଼)ର ବର୍ଗ ରହିଛି। ଏବେ ସୁଦ୍ଧା ଦୁଇ ହଜାରରୁ ଅଧିକ ଧାବକ ପଞ୍ଜୀକରଣ ମଧ୍ୟ କରିସାରିଛନ୍ତି। ବିଜେତାମାନଙ୍କ ପାଇଁ ପୁରସ୍କାର ଏବଂ ଟ୍ରଫି ରହିଥିବା ବେଳେ ସମସ୍ତ ପଞ୍ଜିକୃତ ଅଂଶଗ୍ରହଣକାରୀଙ୍କୁ ଟି ସାର୍ଟ, କିଟ ଏବଂ ଦୌଡ ଶେଷରେ ପଦକ ପ୍ରଦାନ କରାଯିବ। ଏଥିରେ ବିଶେଷ କରି ଭାରତୀୟ ଅଲିମ୍ପିକ ଖେଳାଳି ଏବଂ ଜାତୀୟ ସ୍ତରୀୟ ଦୌଡ ପ୍ରତିଯୋଗିତାର ପୂର୍ବ ଚମ୍ପିୟାନ ଦୂତୀ ଚାନ୍ଦ ଏଥିରେ ବ୍ରାଣ୍ଡ ଆମ୍ବାସାଡର ସହ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମାରାଥନ ପରିଚାଳନା ପାଇଁ ଚିକିତ୍ସା ଓ ଟ୍ରାଫିକ ପରିଚାଳନାରେ ସହାୟତା ଏବଂ ଆବଶ୍ୟକୀୟ ଅନୁମତି ମିଳିଥିବା ବେଳେ ମୁଖ୍ୟ ପ୍ରାୟୋଜକ ଟିପିନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ ସହ ଅନ୍ୟମାନେ ସାମିଲ ରହିଛନ୍ତି ବୋଲି ମଧ୍ୟ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ମାରାଥନ ଆସୋସିଏସନର ସଭାପତି ସଞ୍ଜୟ ଗୁପ୍ତା ଉପସ୍ଥିତ ରହି ଅକ୍ଷୟ ଶକ୍ତି ତଥା ସୌର ଶକ୍ତି ବିଷୟରେ ସଚେତନତା ବୃଦ୍ଧି କରିବା, ସମାଜର ସ୍ଥାୟୀତ୍ୱ ବିକାଶ, ବାଲେଶ୍ୱରର କ୍ରୀଡା ସଂସ୍କୃତି ଏବଂ ଐତିହ୍ୟକୁ ପ୍ରୋତ୍ସାହିତ କରିବା ମାରାଥନର ମୂଳଲକ୍ଷ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ସନ୍ତୋଷ କୁମାର ବେହେରା, ସମ୍ପାଦକ ଉମ୍ବରୁଧର ଚାନ୍ଦ, ଯୁଗ୍ମ ସମ୍ପାଦକ ଆଲୋକ ସାହୁ, କୋଷାଧ୍ୟକ୍ଷ ବିଟା ଆର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମାରାଥନ ଟି-ସାର୍ଟ ଲୋକାର୍ପିତ ହୋଇଥିଲା।

# ସମ୍ପାଦକୀୟ



ଯେଉଁଠାରେ ବିଜୟର ପଥ ସଂଘର୍ଷପୂର୍ଣ୍ଣ ସେଠାରେ ଜିତିବାର ଆନନ୍ଦ ଅଧିକ।

-ପେଲେ

ସକାଳ
THE SAKALA

## ପାଗ ପ୍ରତିକୂଳ

ଏ ବର୍ଷର ବିଳମ୍ବିତ ମୌସୁମୀ ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବର୍ଷି ଚାଲିବାରୁ ଅନେକ ଆଶା କରିଥିଲେ ବେଶ ଶୀତ ଅନୁଭୂତ ହେବ। ତାହା ହିଁ ଏବେ ପରିଲକ୍ଷିତ ହୋଇଛି। ତେବେ ଏହି ବର୍ଷା ଓ ଶୀତ ମଧ୍ୟରେ ଏକ ସ୍ୱତନ୍ତ୍ର ଅନୁଭୂତି ହେଉଛି ବଜାରରେ ଶୀତଦିନିଆ ପରିବା ଉଭାନ ହୋଇଯାଇଛି। ଚାହିଦା ଅନୁଯାୟୀ ଯୋଗାଣ ହ୍ରାସ ପାଇଥିବାରୁ ପରିବା ମୂଲ୍ୟ ଆକାଶଛୁଆଁ ହୋଇଯାଉଛି। ଅଥଚ ଆମ ପରିସଂଖ୍ୟାନ କହୁଛି ଖୁଚୁରା ମୁଦ୍ରାସ୍ଫୀତି ହାର ବିଯୁକ୍ତରେ ଚାଲିଛି। ଏହା ଗତବର୍ଷର ଅକ୍ଟୋବର ସହ ତୁଳନାତ୍ମକ ବିଚାର। ଗତବର୍ଷ ତୁଳନାରେ ଆମ ଗ୍ରାମାଞ୍ଚଳର ମୁଦ୍ରାସ୍ଫୀତି ହାର ବିଯୁକ୍ତ ୧.୮୫ ପ୍ରତିଶତ। ସମଗ୍ର ଦେଶରେ ଓଡ଼ିଶାର ହାର ସର୍ବନିମ୍ନ। ସିଧାସଳଖ କହିଲେ ଏହା ଦରଦାମର ସ୍ଥିତିକୁ ସୂଚିତ କରୁଛି। ରାଜ୍ୟସ୍ତରରେ ଏହି ହାର ରହିଛି ବିଯୁକ୍ତ ୧.୩୯ ପ୍ରତିଶତ। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ଏହି ହିସାବକୁ ଚ୍ୟାଲେଞ୍ଜ କରିବ କିଏ? ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ସ୍ଥିତି ପୂରା ଓଲଟପାଲଟ ହୋଇଯାଇଛି।

ଆମେ ଏଠାରେ ପାଠକୀୟ ଅନୁଭବ କଥା କହୁଛୁ। ପ୍ରାୟ ପ୍ରତ୍ୟେକ ପରିବାର ନିଜର ତେଲ ଲୁଣ ସଂସାର ପାଇଁ ବଜାର କରୁଥିବେ। ତେଲ, ଡାଲି ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ମୂଲ୍ୟ କେତେ କମିଛି ନା ବଢ଼ିଛି ତାହା ସେମାନେ ଅନୁଭବ କରୁଥିବେ। ପରିବା କଥା ନ କହିବା ଭଲ। ଅକ୍ଟୋବର ଶେଷ ପର୍ଯ୍ୟନ୍ତ ବର୍ଷା ଲାଗି ରହିବାରୁ ଜମି ପାଗ ଦେଲାନି। ତେଣୁ ବିଳମ୍ବରେ ଆରମ୍ଭ ହୋଇଥିବା ପରିବା ଚାଷର ସୁଫଳ ପାଇବାକୁ ଆହୁରି ଅନ୍ୟୁନ ମାସେ ଅପେକ୍ଷା କରିବାକୁ ପଡ଼ିବ। ଶୀତଦିନିଆ ପରିବା ବଜାର ଏକପ୍ରକାର ଶ୍ରୀହୀନ ହୋଇପଡ଼ିଛି। ଶୀତ ଦିନରେ ବିଲାତି କିଲୋ ଯଦି ୮୦ ଟଙ୍କା ହୁଏ ଅନ୍ୟ ପରିବା କଥା ନ କହିବା ଭଲ। ରାଜ୍ୟରୁ ମୌସୁମୀ ବିଦାୟ ନେବା ପୂର୍ବରୁ ଲଘୁଧାନକୁ ଉଜାଡ଼ି ଦେଇଥିବା ବେଳେ ବଡ଼ ଧାନ ରୋଗପୋକର ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଛି। ଇଏ ହେଲା, ଠିକେ ଠିକେ ଚାଷ ଖବର। ଏଭଳି ପରିସ୍ଥିତିରେ ଖାଉଟି ପାଇଁ ଏମିତି କେଉଁ ସୁବିଧା ସୁଯୋଗ ମିଳିଗଲା ଯେ ସେ ହାତ ଚାଟି ଖାଇବ? ତେଣୁ ପରିସଂଖ୍ୟାନରେ ଏହି ଯାଦୁକାରୀ କେବଳ ଧର୍ମକୁ ଆଖିଠାର।

ଏ କଥା ସତ ଯେ ରାଜ୍ୟକୁ ଆସୁଥିବା ଥଣ୍ଡା ପବନ ଓ ଶୁଷ୍କ ବାୟୁର ପ୍ରଭାବରେ ତାପମାତ୍ରା ତଳମୁହାଁ ହୋଇଚାଲିଛି। କେବଳ ରାଜଧାନୀର ୨୫ ବର୍ଷର ରେକର୍ଡ ଭାଙ୍ଗିବା ବଡ଼କଥା ନୁହେଁ। ନଭେମ୍ବର ମଧ୍ୟଭାଗରେ ତାପମାତ୍ରା ଉତ୍ତର, ଦକ୍ଷିଣ, ପଶ୍ଚିମ ଓ କେନ୍ଦ୍ରାଞ୍ଚଳରେ ବେଶ ଭଲ ଶୀତ ଅନୁଭୂତ ହେଉଛି। ରାଜ୍ୟର ୬ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ କିମ୍ବା ତା'ଠାରୁ କମ୍ ରହିଛି। ଏବର୍ଷ ଜି. ଉଦୟଗିରିରେ ସବୁଠାରୁ କମ (୫.୪ଡିଗ୍ରୀ) ତାପମାତ୍ରା ରହିଥିବାର ରେକର୍ଡ କରାଯାଇଛି। ହଠାତ୍ ଶୀତର ପ୍ରକୋପ ବଢ଼ିଯିବାରୁ ସ୍ୱାଭାବିକ ଭାବେ ଥଣ୍ଡା, ସର୍ଦ୍ଦି ଓ ଗଳାରୋଗ ମଧ୍ୟ ବଢ଼ିଛି। ଆମେ ଏଠାରେ ଯେଉଁ ସମସ୍ୟା ଓ ପରିସ୍ଥିତି ସଂପର୍କରେ ଉଲ୍ଲେଖ କରିଛୁ ତାହା ପରିବେଶ ଗତ ସନ୍ତୁଳନ ବିଗିଡ଼ି ଯାଉଥିବାରୁ ପରିଲକ୍ଷିତ ହେଉଛି। ତେଣୁ ବ୍ୟବସ୍ଥାକୁ ପରିବେଶ ଅନୁକୂଳ କରିବା ପ୍ରତି ସବୁସ୍ତରକୁ ଧ୍ୟାନ ଦିଆଯିବା ଉଚିତ।

## କୃଷି ଉତ୍ପାଦ ଶୁଳ୍କ ହ୍ରାସ

ରୁଷ ତେଲକୁ ନେଇ ଉତ୍ପନ୍ନ ସମସ୍ୟାର ସମାଧାନ ହୋଇଥିବାରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ପ୍ରତି ଆଭିମୁଖ୍ୟ ନରମ ହୋଇଛି। ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଖୁବ୍ ଶୀଘ୍ର ଘୋଷଣା କରାଯିବା ଏକପ୍ରକାର ସ୍ପଷ୍ଟ ହୋଇଛି। ତେବେ ଶେଷ ମୂହୂର୍ତ୍ତରେ କିଛି କେଁ ପଶିବା ବିଚିତ୍ର ନୁହେଁ। ଏକଥା ସତ୍ୟ ଯେ ବିଭିନ୍ନ ଦେଶ ଉପରେ ଶୁଳ୍କ ଲଗାଇବା ପରେ ଆମେରିକାକୁ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଦେଶର ଦରଦାମ ପରିସ୍ଥିତି ନିୟନ୍ତ୍ରଣର ସୀମା ଟପି ଥିବାରୁ ନିଜେ ଟ୍ରମ୍ପ ମଧ୍ୟ ଚାପର ସମ୍ମୁଖୀନ ହୋଇଛନ୍ତି। ସର୍ବଶେଷ ଖବରରୁ ପ୍ରକାଶ ଯେ ୨୫୪ ଟି ସାମଗ୍ରୀ ଉପରୁ ସେ ଶୁଳ୍କ ହାର କମାଇଛନ୍ତି। ୨୨୯ ଟି କୃଷି ସାମଗ୍ରୀ ଏହାର ଅନ୍ତର୍ଭୁକ୍ତ। ଭାରତ ୨୦୨୪ ରେ ୫.୭ ବିଲିୟନ ଡଲାର ମୂଲ୍ୟର କୃଷି ସାମଗ୍ରୀ ରପ୍ତାନି କରିଥିଲା। ନିକଟରେ ଶୁଳ୍କ ଛାଡ଼ ବର୍ଗରେ ଥିବା କୃଷି ସାମଗ୍ରୀ ରପ୍ତାନି ପରିମାଣ ଥିଲା ୧ ବିଲିୟନ ଡଲାର। ଏଭଳି ଏକ ନିଷ୍ପତ୍ତି ବିନିମୟରେ ଆମେରିକାରୁ ଭାରତ ସୋୟାବିନ, ମକା ଓ ଦୁଗ୍ଧ ଗୁଣ୍ଡ ଆମଦାନୀ କରିବ। ପେଟ୍ରୋଲରେ ଇଥାନଲ ମିଶ୍ରଣର ଅନୁପାତ ବୃଦ୍ଧି ପାଇଥିବାରୁ ତାହାର ଚାହିଦା ବୃଦ୍ଧିପାଇଛି। ଆମେରିକାରୁ ଆମଦାନୀ ହେବାକୁ ଥିବା ମକା ଇଥାନଲ୍ ଉତ୍ପାଦନ ପାଇଁ ବ୍ୟବହାର କରିବାକୁ ଭାରତ ଯୋଜନା ସ୍ଥିର କରିଛି।

ଟ୍ରମ୍ପ ପ୍ରଶାସନ ପକ୍ଷରୁ ଏହି ଶୁଳ୍କ ସଂଶୋଧନ ତାଲିକା ଗତ ୧୪ ତାରିଖରେ ଜାରି କରଯାଇଛି। ନଭେମ୍ବର ୧୩ ତାରିଖରୁ ଏହାକୁ ମଧ୍ୟ କାର୍ଯ୍ୟକାରୀ କରାଯାଇଛି। ଚା', କଫି, ମସଲା ସହ ଫଳ, କାଜୁ ଓ କୋକୋଆ ପ୍ରସ୍ତୁତ ସାମଗ୍ରୀ ରପ୍ତାନି କରିବା ସକାଶେ କ୍ଷେତ୍ର ପ୍ରସ୍ତୁତ ହୋଇଛି। ଏହା ଫଳରେ ଭାରତୀୟ କୃଷି ଉତ୍ପାଦ ରପ୍ତାନିକାରୀ ଆମେରିକା ବଜାରରେ ପ୍ରତିଯୋଗୀକ୍ଷମ ହୋଇପାରିବେ। ଶ୍ରମଭିତ୍ତିକ କୃଷି କ୍ଷେତ୍ର ପାଇଁ ଏହି ନିଷ୍ପତ୍ତି ଆଶ୍ୱସ୍ତି ଆଣିଦେଇଛି। ବାଣିଜ୍ୟ ମନ୍ତ୍ରୀ ଆଲୋଚନା ପ୍ରସଙ୍ଗରେ ସୂଚନା ଦେଇଛନ୍ତି ଯେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ରସଂଘ ମଧ୍ୟରେ ଖୁବ୍ ଶୀଘ୍ର ଚୁକ୍ତିନାମା ଚୂଡ଼ାନ୍ତ ହେବ। ତେଣୁ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ଆଗକୁ ବ୍ୟାପକ ସୁଯୋଗ ସୃଷ୍ଟି ହେବ। ଅନ୍ୟ ପକ୍ଷରେ ବୟନ ସାମଗ୍ରୀ ଓ ପୋଷାକପତ୍ର ରପ୍ତାନୀ ଏହି ବହିଃଶୁଳ୍କ ଫଳରେ ବାଧାପ୍ରାପ୍ତ ହୋଇଛି। ୨୦୨୪ ରେ ଏହି ସାମଗ୍ରୀ ରପ୍ତାନି ପରିମାଣ ୩,୦୬୧.୫୪ ନିୟୁତ ଡଲାର ଥିବା ବେଳେ ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ଏହା ୨,୬୬୬.୪୧ ନିୟୁତ ଡଲାରକୁ ହ୍ରାସ ପାଇଛି। ତେଣୁ ବର୍ଷକ ମଧ୍ୟରେ ହାରାହାରି ୧୩ ପ୍ରତିଶତ ରପ୍ତାନି ବଢ଼ିଛି। ସେହିଭଳି ଆମେରିକାରେ ସବୁଠାରୁ ଅଧିକ ଚାହିଦା ଥିବା ଗାଲିଚା ରପ୍ତାନି ମଧ୍ୟ ୧୫,୮୦ ପ୍ରତିଶତ ହ୍ରାସ ପାଇଛି। ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମାର ଚୂଡ଼ାନ୍ତ ରୂପରେଖ ଜାଣିବା ସକାଶେ ଉତ୍ସୁକତା ବୃଦ୍ଧି ପାଇଛି।

ଆମ ଦେଶରେ ସୁନା ଓ ରୁପାର ଚାହିଦା ଦିନକୁ ଦିନ ବୃଦ୍ଧି ପାଇଥିବାରୁ ବିଦେଶରୁ ଆମଦାନୀ କରି ଆଭ୍ୟନ୍ତରୀଣ ଚାହିଦା ଭରଣା କରାଯାଇଛି। ଏ ବାବଦ ବାଣିଜ୍ୟ ନିଅଣ୍ଟ ୪୧.୬୮ ବିଲିୟନ ଡଲାରକୁ ବୃଦ୍ଧି ପାଇଛି। ଗତ ଅକ୍ଟୋବର ମାସ ସୁଦ୍ଧା ସାମଗ୍ରିକ ଭାବେ ବାଣିଜ୍ୟ ନିଅଣ୍ଟ ୨୧.୮୦ ବିଲିୟନ ଡଲାର ଅତିକ୍ରମ କରିଛି। ରପ୍ତାନୀ ଅପେକ୍ଷା ଅଧିକ ଆମଦାନୀକୁ ପ୍ରୋତ୍ସାହନ ଦିଆଯାଇଛି। ଏହି ନିଅଣ୍ଟ ପରିମାଣ ସଂକୋଚନ ପାଇଁ ଯୋଜନାବଦ୍ଧ କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ବେଳେ ଟ୍ରମ୍ପଙ୍କ ବର୍ଦ୍ଧିତ ବହିଃଶୁଳ୍କ ନୀତି ଓ କଟକଣା ପ୍ରୟୋଗ ରପ୍ତାନୀ ବାଣିଜ୍ୟରେ ଗୁରୁତର ପ୍ରତିବନ୍ଧକ ସୃଷ୍ଟି କରିଛି। ଗତ କିଛିମାସ ଧରି ଚାଲିଥିବା ଦ୍ୱିପାକ୍ଷିକ ଆଲୋଚନାର ସୁଫଳ ନେଇ ସମସ୍ତେ ଆଶାବାଦୀ। ଏଭଳି ସ୍ଥିତିରେ ଟ୍ରମ୍ପଙ୍କ ପ୍ରାରମ୍ଭିକ ଘୋଷଣାକୁ ଏକ ଶୁଭସୂଚନା ରୂପେ ଗ୍ରହଣ କରାଯାଇପାରେ।

## ବିହାର ନିର୍ବାଚନ: କଥା ଓ କୌଶଳ

**ସୌଭାଗ୍ୟ ସୁନ୍ଦରାୟ**

ସୁଚିନ୍ତିତ ରାଜନୈତିକ ଗୋଟିଚାଳନା, ସ୍ଥାନୀୟ ଅଞ୍ଚଳର ସମସ୍ୟା ଓ ବିକାଶକୁ ଆଧାର କରି ଚଳିତ ବିହାର ବିଧାନସଭା ନିର୍ବାଚନ ଫଳାଫଳକୁ ଏନଡିଏ ନିଜ ସପକ୍ଷରେ ନେବା ପାଇଁ ସଫଳ ହୋଇଛି। ଜେଡି(ୟୁ) ନେତା ତଥା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏନଡିଏର ନିର୍ବାଚନୀ ଚେହେରା ହୋଇଥିବା ବେଳେ ନେତୃତ୍ୱ ନେଇଥିଲା ବିଜେପି। ବିଜେପି କର୍ମୀ ପ୍ରାୟତଃ ବୁଥସ୍ତରରୁ ଦୂରଦୃଷ୍ଟି ସହକାରେ ନିର୍ବାଚନୀ ପରିଚାଳନା କରିଥିଲେ, ଯଦ୍ୱାରା କେବଳ ଉଚ୍ଚବର୍ଗ, ସହରାଞ୍ଚଳ ଓ ଅର୍ଦ୍ଧ-ସହରାଞ୍ଚଳ ନୁହେଁ, ମୁସଲିମ ସମ୍ପ୍ରଦାୟ ଓ ଅନ୍ୟ ସଂଖ୍ୟାଲଘୁ ବର୍ଗର ଭୋଟ ମଧ୍ୟ ଏନଡିଏ ସପକ୍ଷରେ ଆଣିବାକୁ ସମର୍ଥ ହୋଇପାରିଲା।

ଚଳିତ ନିର୍ବାଚନରେ ନୀତୀଶ କୁମାର ବ୍ୟକ୍ତିଗତ ଭାବେ ବେଶୀ ସକ୍ରିୟ ନଥିଲେ ମଧ୍ୟ ତାଙ୍କର ଅଭିଜ୍ଞତା ଓ ରାଜନୈତିକ ଭାବମୂର୍ତ୍ତି ମେଣ୍ଟ ପାଇଁ ପୁଞ୍ଜି ହୋଇଥିଲା। ଗତ ବର୍ଷକ ମଧ୍ୟରେ ପ୍ରଧାନମନ୍ତ୍ରୀ ବିହାରକୁ ବାରମ୍ବାର ଗସ୍ତ କରିଥିଲେ। ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ନିଜ ବକ୍ତବ୍ୟରେ ବିକଶିତ ବିହାର ଓ ସୁଶାସନ ଉପରେ ଗୁରୁତ୍ୱ ଦେଇଥିଲେ। ଲାଲୁ ପ୍ରସାଦ ଯାଦବଙ୍କ 'ଜଙ୍ଗଲରାଜ' ବିଷୟ ମଧ୍ୟ ଉଠାଇଥିଲେ। ରାଜ୍ୟକୁ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ସଂଖ୍ୟାଲଘୁଙ୍କ ପ୍ରତି ବିଶେଷ କଟାକ୍ଷ କରିନଥିଲେ କି ଧାର୍ମିକ ବାତାବରଣ ଧ୍ରୁବୀକରଣ ପାଇଁ ଉଦ୍ୟମ କରିନଥିଲେ। କେବଳ 'ଛଟ୍' ମୟାଙ୍କ ପ୍ରତି ଅପମାନ ବିଷୟ ନିର୍ବାଚନୀ ସଭାରେ ଉଠାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଘନଘନ ଗସ୍ତ ବିଜେପି କର୍ମୀଙ୍କ ଉତ୍ସାହକୁ ଦୀର୍ଘ ସମୟ ଧରି ବଜାୟ ରଖିବାରେ ସହାୟକ ହୋଇଥିଲା। ଜୁନ ୩୦ ତାରିଖରେ ପ୍ରଧାନମନ୍ତ୍ରୀ ସିୱାନଠାରେ ଏକ ଜନସଭାରେ ଯୋଗ ଦେଇଥିଲେ। ଏହା ମୁଖ୍ୟତଃ ଆରଜେଡି ଗଡ଼ କହିଲେ ଅତ୍ୟୁକ୍ତି ହେବ ନାହିଁ।

ଚଳିତ ଥର ବିହାରରେ ଆରଜେଡି ଭୋଟ ହାର ପ୍ରାୟ ୨୩% ଥିବା ବେଳେ ଜେଡି(ୟୁ)ର ୧୯.୨୫%, ବିଜେପିର ୨୦.୦୮%, କଂଗ୍ରେସର ୮.୭୧% ଓ ଏଲଜେପିର ୪.୯୭% ରହିଛି। ବିହାର ଜନସଂଖ୍ୟାର ୮୨% ହେଉଛନ୍ତି ହିନ୍ଦୁ। ହିନ୍ଦୁ ବର୍ଗରେ ଯାଦବଙ୍କ ସଂଖ୍ୟା ସର୍ବାଧିକ ୧୪.୩%। ସେହିପରି କୁର୍ମି-ଖୁସୱାଙ୍କ ସଂଖ୍ୟା ୭.୧%। ଉଭୟ ଯାଦବ ଓ କୁର୍ମୀ-ଖୁସୱା ଓବିସି ଶ୍ରେଣୀଭୁକ୍ତ। ଯାଦବ ଓ ମୁସଲିମ ଭୋଟ ସାଧାରଣତଃ ଆରଜେଡି ନିକଟକୁ ଯାଇଥାଏ। କାରଣ ଆରଜେଡି ନେତା ଯାଦବ ସଂପ୍ରଦାୟର। ଜେଡି(ୟୁ) ନେତା ନୀତୀଶ କୁମାର କୁର୍ମୀ ସଂପ୍ରଦାୟର ହୋଇଥିବାରୁ ଏହି ଭୋଟ ଜେଡି(ୟୁ) ନିକଟକୁ ଯାଇଥାଏ। ମିଳିତ ଭାବେ ରାଜ୍ୟର ଓବିସି ଭୋଟ ହାର ୨୪.୮% ହୋଇଥିବା ବେଳେ ଉଚ୍ଚବର୍ଗର ଭୋଟ ହାର ୧୫.୫% ରହିଛି। ଏହି ବର୍ଗରେ ବ୍ରାହ୍ମଣ, କାୟସ୍ଥ, ରାଜପୁତ ଓ ଭୂମିହାର ଆସୁଛନ୍ତି। ରାଜ୍ୟର ମୋଟ ମୁସଲିମ ଜନସଂଖ୍ୟା ହେଉଛି ୧୭.୭%। ଏହି ସଂଖ୍ୟା ମଧ୍ୟରେ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି) ଓ ଅତ୍ୟଧିକ ପଛୁଆ ବର୍ଗ (ଇବିସି) ଅନ୍ତର୍ଭୁକ୍ତ।

ବିହାରକୁ ମୁଖ୍ୟତଃ କେତେକ ଅଞ୍ଚଳରେ ବିଭକ୍ତ କରି ଏନଡିଏ ନିଜ ପ୍ରଚାର ଅଭିଯାନ କରିଥିଲା। ଆରଜେଡି ଭୋଟବ୍ୟାଙ୍କ ଅଞ୍ଚଳକୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଜନସାଧାରଣଙ୍କୁ ପ୍ରଭାବିତ କରିପାରିଥିଲା। ଏଥିରୁ ସୁଫଳ ମଧ୍ୟ ମିଳିଲା। ବିକ୍ଷିପ୍ତ ଭାବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଥିବା ପଛୁଆ ବର୍ଗ ଓ ଅତିପଛୁଆ ବର୍ଗ ମୁସଲିମ ଭୋଟରଙ୍କ ସମର୍ଥନ ଏନଡିଏ ଚଳିତ ଥର ପାଇପାରିଛି। ଏଥିରେ ମହିଳା ମୁସଲିମ ଭୋଟର ଅଧିକ ସଂଖ୍ୟାରେ ରହିଛନ୍ତି। ମିଳିଥିବା ରିପୋର୍ଟ ଅନୁଯାୟୀ ମୁସଲିମବହୁଳ ଅଞ୍ଚଳରେ ଏନଡିଏ ୪୨.୨% ଭୋଟ ଦଖଲ କରିଛି। ମହାଗଠବନ୍ଧନ ୧୧.୧% ଭୋଟ ଦଖଲ କରିଛି, ଯାହା ପୂର୍ବ ନିର୍ବାଚନରେ ୩୬.୮% ଥିଲା। କମ୍ ମୁସଲିମ ଜନସଂଖ୍ୟାବିଶିଷ୍ଟ ଅଞ୍ଚଳରେ ଏନଡିଏ ୪୮% ଭୋଟ ଦଖଲ କରିଛି। ଅପରପକ୍ଷରେ ମହାଗଠବନ୍ଧନ ପାଇଛି ୩୮.୨% ଭୋଟ।

ତେବେ କୋଶୀ, ସିମାଞ୍ଚଳ ଅଞ୍ଚଳରେ ଆଶାଉଦ୍ଦିନ ଓୱାସିଙ୍କ ଏଆଇଏମଆଇଏମ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ଏଠାରେ ମୁସଲିମ ଭୋଟ ବିଶେଷ ଭାବେ ଏନଡିଏ ନିକଟକୁ ଯାଇପାରିଲା ନାହିଁ। ପୂର୍ବ-ବିହାର ଅନ୍ତର୍ଗତ ଏହି ଅଞ୍ଚଳରେ କୋଶୀ ନଦୀ ପ୍ରବାହିତ। ଏହା ସ୍ଥାନୀୟ ଜନତାଙ୍କ ପାଇଁ ଦୁଃଖ ବୋଲି କୁହାଯାଇଥାଏ। ସୀମାଞ୍ଚଳର ୯୦% ଜନସାଧାରଣ ଗ୍ରାମାଞ୍ଚଳ ବାସିନ୍ଦା ଏବଂ ଭୂମିହୀନ ଶ୍ରମିକ। ଏଠାରୁ ଜନସାଧାରଣ ଦାଦନ ଭାବେ ପଞ୍ଜାବ ଓ ହରିୟାନାକୁ ଯାଇଥା'ନ୍ତି। ଏଠାରେ ମୁସଲିମ ଜନସାଧାରଣଙ୍କ ସଂଖ୍ୟା ଅଧିକ। କିଶନଗଞ୍ଜରେ ମୁସଲିମ ଜନସଂଖ୍ୟା ପ୍ରାୟ ୬୮% ଓ କଟିହାରରେ ୪୪%। ଚଳିତ ବିଧାନସଭା ନିର୍ବାଚନରେ ଏଆଇଏମଆଇଏମ ୨୫ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୧.୮୫% ଭୋଟ ପାଇଛି। ଦଳ ସୀମାଞ୍ଚଳ ଅଞ୍ଚଳରେ ୪୦% ମୁସଲିମ ଜନସଂଖ୍ୟା ବିଶିଷ୍ଟ ୯ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ୫ଟି ଆସନରେ ବିଜୟୀ ହେଲା। ତେବେ ୪୦%ରୁ କମ୍ ମୁସଲିମ ଜନସଂଖ୍ୟା ବିଶିଷ୍ଟ ୭ଟି ନିର୍ବାଚନମଣ୍ଡଳୀରେ ଦଳ ପ୍ରାର୍ଥୀ ଦେଇଥିଲେ ମଧ୍ୟ ସମସ୍ତେ ପରାଜିତ ହୋଇଛନ୍ତି। ମିଥିଳା ସୀମାଞ୍ଚଳ ଅଞ୍ଚଳରେ ଏନଡିଏ ଫଳାଫଳ ସେତେଟା ଭଲ ହୋଇନାହିଁ। କଂଗ୍ରେସ କେବଳ ମୁସଲିମ ବହୁଳ କିଶନଗଞ୍ଜ ଆସନ ବଜାୟ ରଖିବାରେ ସମର୍ଥ ହୋଇଛି। ଏ ଅଞ୍ଚଳରେ ସାମୂହିକ ଭାବେ ମୁସଲିମ ସଂପ୍ରଦାୟ ପ୍ରାୟତଃ ଆରଜେଡିର ସମର୍ଥକ ଭାବେ ଅଦ୍ୟାବଧି ରହିଆସିଥିଲେ। ଚଳିତ ନିର୍ବାଚନରେ ଏଆଇଏମଆଇଏମ ସମସ୍ତ ଅଙ୍କ ବିଗାଡ଼ି ଦେଇଛି। ଏହି ନିର୍ବାଚନରେ ସମଗ୍ର ରାଜ୍ୟର ପ୍ରାୟତଃ କମ୍ ମୁସଲିମ ବହୁଳ ନିର୍ବାଚନମଣ୍ଡଳୀର ମୁସଲିମ ଭୋଟ ଏନଡିଏ ଖାତାକୁ ଯାଇଥିବା ଜଣାପଡୁଛି। ଫଳରେ ମହାଗଠବନ୍ଧନ କ୍ଷତିଗ୍ରସ୍ତ ହୋଇଛି।

ତୃଣମୂଳ ସ୍ତରରେ ନିର୍ବାଚନ ପରିଚାଳନା ଏନଡିଏର ସଫଳତା ବୃଦ୍ଧିର ଅନ୍ୟତମ କାରଣ ବୋଲି ଅନୁମାନ କରାଯାଉଛି। ଉତ୍ତର-ବିହାର ବା ମିଥିଳା ଅଞ୍ଚଳର ୫ଟି ଜିଲ୍ଲା ମଧ୍ୟରୁ ମଧୁବଣି ଓ ଦରଭଙ୍ଗାରେ ମୁସଲିମ ସଂଖ୍ୟା ଅଧିକ। ତେବେ ଉଚ୍ଚ ବର୍ଗର ସଂଖ୍ୟା ମଧ୍ୟ ଏ ଅଞ୍ଚଳରେ ଅଧିକ ରହିଛି, ଯେଉଁ କାରଣରୁ ଦରଭଙ୍ଗା, ମୋତିହାରି ବେଟିଆ ଆଦି ସହରାଞ୍ଚଳ ଓ ଅର୍ଦ୍ଧ-ସହରାଞ୍ଚଳରେ ବିଜେପି ଓ ଜେଡି(ୟୁ)ର ପ୍ରଭାବ ରହିଛି। ଏ ଅଞ୍ଚଳର ୩୪ ଆସନ ମଧ୍ୟରୁ ମହାଗଠବନ୍ଧନ ପାଇଛି ମାତ୍ର ୩ଟି ଆସନ, ଯାହା ପୂର୍ବ ନିର୍ବାଚନରେ ୧୧ ଥିଲା। ଅର୍ଥାତ ମୁସଲିମ ବର୍ଗ ଭୋଟ ମହାଗଠବନ୍ଧକୁ ମିଳି ନାହିଁ।

ପୂର୍ବ ଓ ଦକ୍ଷିଣ-ପୂର୍ବ ବିହାରରେ ଯାଦବ, ଅତି ପଛୁଆ ବର୍ଗ ଓ ମୁସଲିମ ଭୋଟର ମିଶାମିଶି ଭାବେ ରହିଛନ୍ତି। ଏ ଅଞ୍ଚଳରେ ଉଭୟ ଆରଜେଡି ଓ ଜେଡି(ୟୁ)ର ପ୍ରଭାବ ରହିଆସିଛି। ପଶ୍ଚିମ ଓ ଉତ୍ତର-ପଶ୍ଚିମ ବିହାରରେ ପଛୁଆ ବର୍ଗ ମଧ୍ୟରେ ବିଜେପିର ପ୍ରଭାବ ରହିଥିବା ବେଳେ ଯାଦବଙ୍କ ମଧ୍ୟରେ ଆରଜେଡିର ପ୍ରଭାବ ରହିଆସିଛି। ପାଟନା, ମଗଧ ଓ ଭୋଜପୁରକୁ ନେଇ ଗଣାଯାଉଥିବା କେନ୍ଦ୍ରୀୟ ବିହାରରେ ବିଜେପି, ଜାତୀୟ କଂଗ୍ରେସ ଓ ଆରଜେଡିର ପ୍ରଭାବ ପ୍ରାୟତଃ ରହିଛି। କିନ୍ତୁ ଏ ଅଞ୍ଚଳର ୬୯ ଆସନ ମଧ୍ୟରୁ ଏନଡିଏକୁ ୫୭ଟି ଆସନ ଚାଲିଗଲା, ଯାହା ପୂର୍ବ ନିର୍ବାଚନରେ ୧୯ ଥିଲା। କେବଳ ପାଟନାର ୧୪ ବିଧାନସଭା ଆସନ ମଧ୍ୟରୁ ଏନଡିଏ ୧୧ଟି ଦଖଲ କରିଛି। ଗତ ନିର୍ବାଚନରେ ଏଠାରୁ ଏନଡିଏ ମାତ୍ର ୫ ଆସନରେ ବିଜୟୀ ହୋଇଥିଲା। ଭାଗଲପୁର-ମୁଙ୍ଗେର ସାଧାରଣତଃ ସହରାଞ୍ଚଳ ହୋଇଥିବାରୁ ଏଠାରେ ଏନଡିଏ ଭଲ ଫଳାଫଳ କରିଛି।

ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ସହ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କଲ୍ୟାଣକାରୀ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ନିର୍ବାଚନ ଇସ୍ତାହରରେ ଆଞ୍ଚଳିକ ସମସ୍ୟାକୁ ସ୍ଥାନ ଦିଆଯାଇଥିଲା। ଆଗାମୀ ୫ ବର୍ଷ ମଧ୍ୟରେ ବିହାରକୁ ବନ୍ୟାମୁକ୍ତ କରିବାର ଯୋଜନା ଥିଲା ଅନ୍ୟତମ। ଏଥିପାଇଁ ଏକ ବନ୍ୟା ପରିଚାଳନା ବୋର୍ଡ ଗଠନ କରାଯିବା ସହ ନଦୀ ସଂଯୋଗୀକରଣ ପ୍ରକଳ୍ପ, ବନ୍ଧ ଓ କେନାଲ ନିର୍ମାଣ କରାଯିବାକୁ ପ୍ରସ୍ତାବ ରଖାଯାଇଛି। କୋଶି-ସୀମାଞ୍ଚଳ ଅଞ୍ଚଳରେ କୋଶି ଓ ମହାନନ୍ଦା ପ୍ରବାହିତ। ଉତ୍ତର ବିହାରରେ ଗଣ୍ଡକ ଓ ବାଗମତୀ ନଦୀ ପ୍ରବାହିତ। ଏହି ସମସ୍ତ ନଦୀରେ ପ୍ରାୟତଃ ବନ୍ୟା ଆସି ଜନଜୀବନ ବିପର୍ଯ୍ୟସ୍ତ କରିଥାଏ। ଏଥିପାଇଁ ଯୋଜନାବଦ୍ଧ ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ଅଦ୍ୟାବଧି ହୋଇପାରି ନାହିଁ। ଏଣୁ ଏହି ଆଞ୍ଚଳିକ ସମସ୍ୟା ପ୍ରତି ଇସ୍ତାହାରରେ ଦୃଷ୍ଟି ଦିଆଯାଇଛି। ସେହିପରି ୭ଟି ଏକ୍ସପ୍ରେସ ରାଜପଥ, ୧୦ଟି ଶିଳ୍ପ ପାର୍କ ପ୍ରତିଷ୍ଠା ପାଇଁ ଇସ୍ତାହାରରେ କୁହାଯାଇଛି, ଯାହା ଗମନାଗମନ ସୁଗମ କରିବାରେ ସହାୟକ ହୋଇପାରିବ। ୱାକ୍ଫ ଆଇନ ସ୍ଥଗିତ ରଖିବା ପାଇଁ ଆରଜେଡିର ପ୍ରତିଶ୍ରୁତି ସତ୍ତ୍ୱେ ମୁସଲିମ ଭୋଟର ଏକ ବୃହତ୍ ଅଂଶ ଏନଡିଏ ନିକଟକୁ ଚାଲିଗଲା। ଏଣୁ ଆଞ୍ଚଳିକ ସମସ୍ୟା, ନିର୍ବାଚନ ପରିଚାଳନାର ବିକେନ୍ଦ୍ରୀକରଣ ଯୋଗୁଁ ଏନଡିଏ ଚଳିତ ଥର ବିପୁଳ ସଫଳତା ହାସଲ କରିଥିବା କୁହାଯାଇପାରେ।

(ବରିଷ୍ଠ ସାମ୍ବାଦିକ)
କଟକ, ମୋ: ୯୪୩୭୨୨୯୨୩୩

## ସୁଧାର ଗାଈର ବାଛୁରୀ ମରେ!

**ଅର୍ଜୁନ ଘଡ଼େଇ**

ସୁଧାର ଗାଈର ବାଛୁରୀ ମରିବା ଲୋକବାଣୀଟି ଆମ ସମାଜରେ ବେଶ୍ ପ୍ରଚଳିତ। ସୁଧାର, ଶାନ୍ତ ଗାଈଟିଏର ନିରବତା ଯୋଗୁଁ ଯେମିତି ନିଜ ସନ୍ତାନ ବି ମୃତ୍ୟୁମୁଖରେ ପଡ଼ିଥାଏ, ସେପରି ଜଣେ ଭଦ୍ର, ସରଳ, ଶାନ୍ତ ମଣିଷ ନିଜର ଆଚରଣ, ସହିଷ୍ଣୁତା ଗୁଣ ଯୋଗୁଁ ଅନେକ କିଛି କ୍ଷତି ସହିଥାଏ। ତଳକୁ ମୁହଁ କରି ମାଟିର ମହାନତାକୁ ସ୍ମରଣ କରେ, ସହନଶୀଳତ ଭାବନା ନେଇ। ଲୋକେ କିନ୍ତୁ ତା'କୁ କହନ୍ତି ମାଇଚିଆ ନଂପୁସକ ଇତ୍ୟାଦି ଇତ୍ୟାଦି। ଏହା କେବଳ ଦୁର୍ବଳ ଉପରେ ସବଳର ଅତ୍ୟାଚାର ନୁହେଁ, ଅମଣିଷଙ୍କ ଅମାନବିକତା, ଅସହିଷ୍ଣୁ, ପରଶ୍ରୀକାତରତା, ଅହଙ୍କାରୀ ଭାବର ପରିପ୍ରକାଶ ମାତ୍ର, ଯାହା ଯୁଗଯୁଗ ଧରି ସଂଘଟିତ ହୋଇ ଆସିଛି ଏବଂ ଆଜିର ସଭ୍ୟ ସମାଜରେ ବି ଘଟୁଛି। ସୁଧାର ଗାଈର ବାଛୁରୀଟିଏ ଖାଦ୍ୟ ବିନା ପଛେ ମରୁ, କିନ୍ତୁ ନିଜ ସ୍ୱାର୍ଥରେ ସାମାନ୍ୟ ଆଞ୍ଚ ନ ଆସୁ, ଏହାହିଁ ଅନେକ ଲୋକଙ୍କର ମାନସିକତା ଆଜି ବହୁକ୍ଷେତ୍ରରେ ପରିଲକ୍ଷିତ ହେଉଛି।

ଲୋକବାଣୀଟିର ତତ୍ତ୍ୱ ଏଇଆ ଯେ, ପାଳିତ ଗାଈଟିଏଠାରୁ କ୍ଷୀର ସଂଗ୍ରହ ପାଇଁ ମାଲିକ ଗାଈ ଦୁହାଳୀ ଯିଏ ଯେତେବେଳେ ପ୍ରୟାସ କରନ୍ତି ଯଦି ଗାଈଟି ସୁଧାର ବା ଶାନ୍ତ ଶିଷ୍ଟ ହୋଇଥାଏ ତେବେ କେତେବେଳେ ସେଇ ଗାଈ ଖୁଣ୍ଟରେ ବା ପଛ ଗୋଡ଼ରେ ରସିଛନ୍ଦି ସେଇଠି ବାନ୍ଧି ଦିଅନ୍ତି ତା'ର ଶିଶୁ-ବାଛୁରୀକୁ। ବାସ୍ ଶାନ୍ତ ହୋଇ ଛିଡ଼ା ହୋଇଥାଏ ଗାଈଟି। କ୍ଷୀର ଖାଇବାକୁ ଚାହିଁଥାଏ ବାଛୁରୀଟି ମା'ର ପହ୍ନାକୁ ସତୃଷ୍ଣ ନୟନରେ। ପିଲାପେଟକୁ ତ ଆହାର ଯାଏନି, ମା'ସ୍ତନରୁ କିନ୍ତୁ କ୍ଷୀର ଶୋଷିନିଏ ଗାଈ ଦୁହାଁଳୀ ଜଣକ। ଆଉ ସମସ୍ତ କ୍ଷୀର ସଂଗ୍ରହ କରି ସାରିବା ପରେ ପିଲାକୁ ବନ୍ଧନ ମୁକ୍ତ କରିଦିଏ। ବାଛୁରୀଟି ବିକଳ ହେଇ ମା'ର ପହ୍ନାରେ ଯେତେ ମୁହଁ ଲଗେଇ ଶୋଷିବାକୁ ଚେଷ୍ଟା କଲେ ବି ବୁନ୍ଦାଏ କ୍ଷୀର ତା' ପାଟିକୁ ଆସେନି। ବିଚରା ଭୋକିଲା ପେଟରେ ଛିଡ଼ା ହୋଇ ରହେ। ଏ ସବୁ ଜାଣିବି ଗାଈଟି ପ୍ରତିବାଦ କରିନଥାଏ। ନିଜ ସ୍ୱାର୍ଥସିଦ୍ଧି ପାଇଁ ଅବିବେକୀ ମଣିଷଟି ମନେ ମନେ ଖୁସି ଜାହିର କରେ ପଶୁଟିର ନିର୍ବୋଧତାକୁ ଲକ୍ଷ୍ୟ କରି। ଏହା ଯେ ପଶୁଟିର ନିର୍ବୋଧତା ନୁହେଁ, ବରଂ ସହନଶୀଳତା ଏକଥା ବୁଝିପାରେନି ଅବିବେକୀ ମଣିଷ। ଆଜିର ସମାଜରେ ଏପରି ଅମଣିଷଙ୍କ ସଂଖ୍ୟା ବୃଦ୍ଧି ସାମାଜିକ ଜୀବନରେ ଅଶାନ୍ତି ଓ ଅସ୍ଥିରତା ସୃଷ୍ଟି କରୁଥିଲେ ବି ନିରାକରଣର ବ୍ୟବସ୍ଥା ନାହିଁ।

ଗାଈ ବୋଧହୁଏ ସ୍ଥିର କରି ନେଇଥାଇପାରେ ଦୁଷ୍ଟାମୀ କଲେ ମାଲିକର ଆଘାତ ସହିବାକୁ ପଡ଼ିବ। ଶରୀର ଆହୁରି କ୍ଷତାକ୍ତ ହେବା ସହ ଶିଶୁଟି ବି କଷ୍ଟ ଭୋଗିପାରେ। ତେଣୁ ନିରବ ଶାନ୍ତ ହୋଇ ଛିଡ଼ା ହେଇଗଲେ ଭଲ! ଏମିତି ଅନେକ ଶାନ୍ତ ସ୍ୱଭାବର ମଣିଷ ଭାବିଥା'ନ୍ତି ଦୁଷ୍ଟମାନଙ୍କ ଆକ୍ରମଣରୁ ମୁକୁଳିବା ତ ସହଜ କିମ୍ବା ସମ୍ଭବ ନୁହେଁ, ବରଂ ମୁହଁ ପୋତି ରହିଗଲେ ଜୀବନ ପ୍ରତି ବିପଦ କମିଯିବ।

ସବୁକୁ ସହିଯିବା ମାନସିକତାକୁ କିନ୍ତୁ ନିର୍ବୋଧତା ବୋଲି କୁହାଯାଏ। 'ଇନୋସେନ୍‌ସୀ ଇଜ୍ ଏ କ୍ରାଇମ୍' ବୋଲି ମଧ୍ୟ କୁହାଯାଇଛି। ନିରବତା, ଅଜ୍ଞାନତାକୁ ଅପରାଧିକ ତତ୍ତ୍ୱ ଭାବରେ ଯେଉଁମାନେ ବିଚାର କରି ଏକଥା କହିଥିଲେ ତାହା ସବୁ ସମୟରେ ସବୁ କ୍ଷେତ୍ରରେ ପ୍ରଯୁଜ୍ୟ ହୋଇନଥାଏ। କିଛି ଭୁଲ୍ କୌଣସି ଅପକର୍ମ ନକରି, ନିରୀହ, ଶାନ୍ତ ସରଳ ମଣିଷଟି ଅନେକ ଦଣ୍ଡ, କଷ୍ଟ, ନିର୍ଯାତନା ଯେତେବେଳେ ପାଉଥାଏ ତା' ପାଇଁ ଆହା ପଦେ କହିବା ପାଇଁ କେହି ନଥାନ୍ତି। କିମ୍ବା ତା'କୁ ସାହସ ଦେଇ ପ୍ରତିବାଦ କରିବାର ଶକ୍ତି ପ୍ରଦାନ କରିବାକୁ ତା' ଚାରିପଟେ କେହି ନଥା'ନ୍ତି। ତେଣୁ ସେ ଭାବିନିଏ ଯେତେ ଅନ୍ୟାୟ, ଅତ୍ୟାଚାର ତା' ପ୍ରତି ହେଲେ ମଧ୍ୟ ମୁଣ୍ଡ ପୋତି ସହିଗଲେ ଭଲ। ତା' ବେକରେ ଗାଈର ଗୋଡ଼ରେ ବନ୍ଧା ହୋଇଥିବା ବାଛୁରୀ ପରି ପରିବାର ଲୋକେ ବନ୍ଧା ହୋଇ ରହିଛନ୍ତି। ସେମାନେ ବି ବିପଦରୁ ରକ୍ଷା ପାଇଯିବେ। ଏମିତି ଶାନ୍ତ, ଶୃଙ୍ଖଳିତ ମଣିଷମାନେ ବଞ୍ଚି ରହିବା ପାଇଁ ଏବଂ ତାଙ୍କୁ ବଞ୍ଚେଇ ରଖିବା ପାଇଁ ସମାଜର ଅନ୍ୟମାନଙ୍କର ବି ଦାୟିତ୍ୱବୋଧ ରହିବା ଆବଶ୍ୟକ। ସେମାନେ ନିରବତା ଗୁଣକୁ ତାଚ୍ଛଲ୍ୟ ନକରି ସାହସ ଦେଲେ, ସମର୍ଥନ ଯୋଗାଇଦେଲେ ହୁଏତ ସରଳ ମଣିଷଟି ତୁଣ୍ଡ ଖୋଲି କିଛି ପ୍ରତିବାଦ କରିବାରେ ସକ୍ଷମ ହେଇପାରେ।

ସମାଜର ସବୁକ୍ଷେତ୍ରରେ କ'ଣ ଏମିତି ଶାନ୍ତ, ସରଳ ମଣିଷମାନେ ନିଷ୍ପେଷିତ ହେଉଥିବେ ଆଉ ବାହୁବଳୀମାନେ ଯନ୍ତ୍ରଣା ଦେଇ ଚାଲୁଥିବେ? ଆମେ କେବଳ କହିବା 'ଆଇନ୍‌ର ଆଶ୍ରୟ ନିଅ' ନ୍ୟାୟ ମିଳିବ। ଏପରି ସାନ୍ତ୍ୱନା ଯଥେଷ୍ଟ ନୁହେଁ। ନ୍ୟାୟଳୟରୁ କିମ୍ବା ଭଦ୍ରଲୋକଙ୍କ ଠାରୁ ନ୍ୟାୟ ଆଶା କରିବା, ଅଧିକାର ସାବ୍ୟସ୍ତ କରିବା, ଆଜିର ସମୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସାମାଜିକ ନ୍ୟାୟ ବ୍ୟବସ୍ଥାକୁ ଦୃଢ଼ୀଭୂତ କରି, ନ୍ୟାୟପାଳିକାକୁ ସଶକ୍ତ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି ଶାନ୍ତି ପୂର୍ଣ୍ଣ ଜୀବନ ପାଇଁ। ଅଶାନ୍ତ ପରିବେଶ ସୃଷ୍ଟି ହେଲେ ସାମାଜିକ ଜୀବନ ନଷ୍ଟ ଭ୍ରଷ୍ଟ ହେବ। ଏକ ସୁସ୍ଥ ସମାଜ-ସୁନ୍ଦର ଜୀବନ ସ୍ୱପ୍ନ ପ୍ରାୟ ମନେ ହେବ।

ସବୁବେଳେ ଅତ୍ୟାଚାରୀ, ସ୍ୱାର୍ଥପର ମଣିଷର ସ୍ୱାର୍ଥ ସିଦ୍ଧି ହୋଇନଥାଏ। ମଣିଷକୁ ଜିତିଗଲେ ବି ପରମେଶ୍ୱରଙ୍କ ବିଚାରାଳୟରେ ସେ ନିଶ୍ଚିତ ଦଣ୍ଡିତ ହେବ, ଏହା ନିଃସନ୍ଦେହ। ସେତେବେଳେ ନା ଥିବ ଶକ୍ତି ବା କ୍ଷମତା।

ଦାଣ୍ଡମୁକୁନ୍ଦପୁର(ପୁରୀ), ମୋ: ୯୪୩୮୦୪୮୬୧୫

## ବିପ୍ଳବର ବାଣୀ-ନନ୍ଦନ ସଚ୍ଚିଦାନନ୍ଦ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ଏଡ଼ିକି ସେ ଅମାନିଆଁ ପିଲା, ଫଉଜର ଗୁଳିଗୋଳା ରଜା ଝଡ଼ କିଛି ନ ମାନିଲା / ଧୂଳିଖେଳ ଛାଡ଼ି, ଗୁଳି ଆଗେ ଜୀବନକୁ ହସି ହସି ଦେଲା ସିନା ବାଢ଼ି।' ଅତ୍ୟାଚାର, ଉତ୍ପୀଡ଼ନ, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିବା ଢେଙ୍କାନାଳର ସେହି ଚିର ଅମ୍ଳାନ ବାଜିରାଉତଙ୍କ ଅସାମାନ୍ୟ ବୈପ୍ଳବିକ ବାଣୀ ସଚ୍ଚିଦାନନ୍ଦ ଆବିଷ୍କୃତ କରି ନେଇ ଆସିଲେ ମହାକାଶର ଅଦୃଶ୍ୟ ଅଥଚ ଅମଳିନ ତେଜୋଦୀପ୍ତ ତରଙ୍ଗରୁ। ସଚ୍ଚିଦାନନ୍ଦ ରାଉତରାୟ ବୀର ସନ୍ତାନ ବାଜି ରାଉତଙ୍କ ହୃଦୟକୁ ପ୍ରବେଶ କରିଛନ୍ତି, ନା ବାଜି ରାଉତ ଏକ ସୂକ୍ଷ୍ମ ଆଲୋକରେଖା ହୋଇ ତାଙ୍କ ଛାତିକୁ ଦୋହଲାଇ ଦେଇଛନ୍ତି! ସଚ୍ଚି ରାଉତରାୟଙ୍କ 'ବାଜିରାଉତ' ଚିରକାଳ ନିମିତ୍ତ ଏକ ଅଲିଭା ଶିଖା।

ଅନ୍ୟମାନଙ୍କ ଆଖିରେ ସେ ଦୁନିଆକୁ ଦେଖିଥା'ନ୍ତେ କାହିଁକି? ସେଥିପାଇଁ ପାଇଁ ତ ଗାଇ ଉଠିଲେ - 'ତୁମେ ଦେଖିଅଛ ଶିଳାରେ ତାହାର ରମ୍ୟ କଳାର ରୂପ, ମୁଁ ଦେଖିଛି ତହିଁ କୋଟି କଙ୍କାଳ ଭଗ୍ନ ବୁକୁର ସ୍ତୂପ।' 'କୋଣାର୍କ' କବିତାର ଏହି ପଦ ସେହିପରି ଅନ୍ତର୍ଭେଦୀ ହୋଇଉଠିଲା ଓଡ଼ିଶାର ପାଠକଙ୍କ ପାଇଁ। 'ଛୋଟ ମୋର ଗାଁଟି ଭୂଗୋଳ ପୋଥି ପତରେ ପଛେ ନଥାଉ ତାର ନାଁଟି' - 'ପଲ୍ଲିଶ୍ରୀ' କବିତା ପୁସ୍ତକର ଏହି କବିତା କେଉଁ ଅନୁରାଗୀଙ୍କ କଣ୍ଠରେ ଧ୍ୱନିତ ହୋଇନାହିଁ! 'ପାଣ୍ଡୁଲିପି' କବିତା ସଂକଳନର ଭାବ-ସମ୍ଭାର ବହୁ ପାଠକଙ୍କ ଦ୍ୱାରା ହୋଇଛି ଆଦୃତ। କେବଳ କବିତା ସର୍ଜନାରେ ସଚ୍ଚିଦାନନ୍ଦ ନିଜକୁ ସୀମିତ ରଖି ନାହାନ୍ତି। 'ମଶାଣିର ଫୁଲ' ରୁଢ଼ିବାଦୀ ସମାଜ ବିରୁଦ୍ଧରେ ଏକ ତୀକ୍ଷଣ ଅସ୍ତ୍ର। ନିରୀହ ନିଷ୍ପାପ ପଲ୍ଲୀବଧୂର ମୃତ୍ୟୁ ପରେ ବି ଯେଉଁ ସମାଜ ତା'କୁ ବର୍ଣ୍ଣନା କରିପାରେ କଳଙ୍କିନୀ ଦୋଚାରିଣୀ ବୋଲି, ସେଇ ସମାଜକୁ ଜଗୁ ତିଆଡ଼ି ମୁହଁରେ ସେ ଜବାବ ଦେଇଛନ୍ତି - 'ଥାଉ ଥାଉ। ଅନ୍ୟକୁ ବିଚାର କର ନାହିଁ। ମଣିଷ କ'ଣ ମଣିଷକୁ ଠିକ ବୁଝିପାରେ?' ଏ ପ୍ରଶ୍ନ ସେ ଗୋଟିଏ ଗଳ୍ପରେ, ନିର୍ଦ୍ଦିଷ୍ଟ ସମୟ ଖଣ୍ଡ ସକାଶେ ପଚାରି ନାହାନ୍ତି। ଏହା ପ୍ରତିଟି ଯୁଗର ବିବେକ-ବିଚାରଶୂନ୍ୟ ସମାଜ ପ୍ରତି ସମାନ ଭାବରେ ପ୍ରଯୁଜ୍ୟ। 'ଅନ୍ଧାରୁଆ' ଗଳ୍ପରେ ବି ଶୋଷଣକାରୀ ସମାଜ ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଛନ୍ତି। 'ହାତ' ପରି ଗଳ୍ପ କେତେ ନୈରାଶ୍ୟ ଜର୍ଜରିତ ଅନ୍ତରରେ ଭରି ଦେଇଛି ଅପୂର୍ବ ସାନ୍ତ୍ୱନା।

ସାମ୍ୟବାଦୀ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ସଚ୍ଚି ରାଉତରାୟ ଏକ ନବଯୁଗର ମନ୍ତ୍ରଦାତା। 'ଚିତ୍ରଗ୍ରୀବ' ଉପନ୍ୟାସ ତାଙ୍କର ସାମ୍ୟବାଦୀ ତତ୍ତ୍ୱମୂଳକ ଏକମାତ୍ର ଉପନ୍ୟାସ। 'କବିତା ୧୯୬୨' ପାଇଁ ସେ ଲାଭ କଲେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର। କାବ୍ୟିକରୀତି ସହିତ ବାକରୀତିର ସମନ୍ୱୟ ସାଧନ କରି ସେ ଲେଖିଛନ୍ତି କେତେ ଉଚ୍ଚକୋଟୀର କବିତା। ଯତି, ଯମକ, ଉପଧା ଓ ଛନ୍ଦର ଧରାବନ୍ଧା କଟକଣାରୁ କବିତାକୁ ମୁକ୍ତ କରି ଅବାଧ ଭାବ ପ୍ରକାଶ ପାଇଁ ସେ ସୃଷ୍ଟି କରିଦେଲେ ନୂତନ ମାର୍ଗ। ତାଙ୍କର ସାମଗ୍ରିକ କୃତି ସକାଶେ ଲାଭ କଲେ ମଧ୍ୟ ଜ୍ଞାନପୀଠ ପୁରସ୍କାର। 'ଅଭିଯାନ', 'ଅଭିଜ୍ଞାନ', 'ପାଥେୟ', 'ଭାନୁମତୀର ଦେଶେ', 'ହସନ୍ତ', ଆଦି କବିତା 'ମଶାଣିର ଫୁଲ ଓ ଅନ୍ୟାନ୍ୟ ଗଳ୍ପ', 'ଛାଇ' ପରି ଗଳ୍ପ ସଂକଳନ, ଆତ୍ମଜୀବନୀ 'ଉତ୍ତର କକ୍ଷ', 'ଆଧୁନିକ ସାହିତ୍ୟର କେତୋଟି ଦିଗ', 'ସାହିତ୍ୟ: ବିଚାର ଓ ମୂଲ୍ୟବୋଧ' ଭଳି ଉଚ୍ଚତର ଚେତନା-ସମ୍ପନ୍ନ ସାହିତ୍ୟ ସମୀକ୍ଷା କବିଙ୍କ ସିଦ୍ଧିର ଭିନ୍ନ ଭିନ୍ନ ଅର୍ଥପୂର୍ଣ୍ଣ ସଂକେତ। ତେବେ ଯେଉଁ କେତୋଟି କବିତା ଓ ଗଳ୍ପ ସୃଷ୍ଟି ସକାଶେ ସେ ହୋଇଥିଲେ ସର୍ବତ୍ର ଆଦୃତ ଓ ଅଭିନନ୍ଦିତ, ସେହି ସଚ୍ଚି ରାଉତରାୟଙ୍କୁ ତାଙ୍କର ପ୍ରିୟ ପାଠକମାନେ ଆଉ ଖୋଜି ପାଇଲେ ନାହିଁ ଅନ୍ୟ ପୁସ୍ତକଗୁଡ଼ିକରେ; ବିଶେଷତଃ 'ପାଣ୍ଡୁଲିପି' ପରବର୍ତ୍ତୀ ପର୍ଯ୍ୟାୟର କବିତାରେ। ହୃଦୟର ଆବେଗ ଅପେକ୍ଷା ବୌଦ୍ଧିକତାର ଆଧିକ୍ୟ ହେତୁ ତାହା ସାଧାରଣ ପାଠକମାନଙ୍କ ଠାରୁ ଦୂରବର୍ତ୍ତୀ ହୋଇ ଯାଇଛି। କବିତା ରଚନାର ପରୀକ୍ଷା ନିରୀକ୍ଷା ସକାଶେ ଅନେକ ଦୃଷ୍ଟିରୁ ଏହାଦ୍ୱାରା ଓଡ଼ିଆ ସାହିତ୍ୟ ଜଗତ ସମୃଦ୍ଧ ହୋଇପାରିଛି ସୁନିଶ୍ଚିତ। ସଚ୍ଚି ରାଉତରାୟ ଓଡ଼ିଶାର ଅଗଣିତ ପାଠକ ହୃଦୟରେ ଯଦି ଆଜି ବି ରହିଛନ୍ତି ଅମଳିନ। ଓଡ଼ିଆ ଜାତି ଅବା ତାଙ୍କୁ ଦେଇପାରିଛି କ'ଣ? ତାଙ୍କ ସ୍ମୃତିରେ ନିର୍ମାଣ କରିଦେଇଛି ନିଜ ହୃଦୟ ମଧ୍ୟରେ ଏକ ଏକ 'ମାଟିର ତାଜ'। ମାଟି ଓ ମଣିଷର କବି ସଚ୍ଚି ରାଉତରାୟ ସର୍ବଦା ବନ୍ଦିତ ଓ ସ୍ପନ୍ଦିତ ହେଉଥିବେ ପ୍ରତିଟି ଓଡ଼ିଆର ପ୍ରାଣ-ପ୍ରକୋଷ୍ଠରେ। 'ଆଲୁଅ ତା'ର କି ମନୋହର, ଅନ୍ଧକାର ତା'ଠାରୁ ଭଲ' - ଧ୍ୱନିତ ହେଉଥିବ ଆକାଶ ପବନରେ ଚିରକାଳ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପିଏମ୍ କିଷାନର ୨୧ତମ କିସ୍ତି ପାଇଲେ ଚାଷୀ

ଭୁବନେଶ୍ୱର, ୧୯ ।୧୧(ସମିସ): କୃଷକଙ୍କୁ ପିଏମ୍ କିଷାନ ସମ୍ମାନ ନିଧିର ୨୧ତମ କିସ୍ତି ପ୍ରଦାନ କରାଯାଇଛି। ତାମିଲନାଡୁର କୋଏମ୍ବାଟୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। କୃଷି ଭବନଠାରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ, କୃଷକ କଲ୍ୟାଣ ଓ ସଶକ୍ତିକରଣ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। କୃଷକଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନା ଯୋଗ୍ୟ ଚାଷୀଙ୍କ ନିକଟରେ ପହଞ୍ଚୁ। ଯେପରି କୌଣସି ଯୋଗ୍ୟ ଚାଷୀ ସରକାରୀ ଯୋଜନାରୁ ବଞ୍ଚିତ ନ ହେବେ, ସେଥିପାଇଁ ସରକାର ତତ୍ପର ଥିବା ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ଷକୁ କେନ୍ଦ୍ର ସରକାର ୩ଟି କିସ୍ତିରେ ୬ ହଜାର ଲେଖାଏଁ ପ୍ରଦାନ କରୁଥିବାବେଳେ ରାଜ୍ୟ ସରକାର ସିଏମ୍ କିଷାନ ଯୋଜନାରେ ୨ଟି କିସ୍ତିରେ ୪ ହଜାର ଟଙ୍କା ପ୍ରଦାନ କରୁଛନ୍ତି। ରାଜ୍ୟର ୩୪.୧୨ ଲକ୍ଷରୁ ଅଧିକ ଚାଷୀ ୨ ହଜାର ଟଙ୍କା ଲେଖାଏଁ ସହାୟତା ପାଇଛନ୍ତି। ଚଳିତ ଆର୍ଥିକ ବର୍ଷରେ ସିଏମ୍ କିଷାନ ଯୋଜନାରେ ୫୧.୫୪ ଲକ୍ଷ ଚାଷୀଙ୍କୁ ୨୯ ୯୧ ହଜାର କୋଟି ଟଙ୍କା ପ୍ରଦାନ କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହ ପିଏମ୍ ଧନଧାନ୍ୟ କୃଷି ଯୋଜନାରେ କନ୍ଧମାଳ, ମାଲକାନଗିରି, ସୁନ୍ଦରଗଡ ଏବଂ ନୂଆପଡା ଜିଲ୍ଲାକୁ ସାମିଲ କରିଥିବାରୁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିପଦରେ ୩୫୦ କୋଟି...

(୫.୯୯%), ଯୁକ୍ତରାଷ୍ଟ୍ରରେ ୧୩୮ ନିୟୁତ (୩.୯୯%) ଏବଂ ରୁଷରେ ୧୩୩ ନିୟୁତ (୩.୮୪%) ରହିଛି। ଏଥିରେ ୮୧% ଆଣ୍ଡ୍ରଏଡ୍ ଏବଂ ୧୯% ଆଇଓଏସ୍ ବ୍ୟବହାରକାରୀ ଅନ୍ତର୍ଭୁକ୍ତ। ଏହାସହିତ, ୯% ବ୍ୟବସାୟିକ ଆକାଉଣ୍ଟ ମଧ୍ୟ ଏଥିରେ ରହିଛି।

### ବିହାରରେ ପୁଣି...

କୁହାଯାଉଛି । ଅନ୍ୟପକ୍ଷରେ ଚିରାଗ ପାଶ୍ୱାନଙ୍କ ଏଲ୍‌ଜେପି ତାଙ୍କ ଦଳ ପାଇଁ ଅନ୍ୟୂନ ୨ଟି ମନ୍ତ୍ରୀ ପଦ ଦାବି କରିଛନ୍ତି। ତେବେ ନୀତିଶଙ୍କ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳରେ ତାଙ୍କ ଭାଇ ଅରୁଣ ଭାରତୀଙ୍କୁ ମନ୍ତ୍ରୀପଦ ମିଳିପାରେ ବୋଲି କୁହାଯାଉଛି ।

ବିହାର ନିର୍ବାଚନ ଫଳ ପ୍ରକାଶ ପରେ ବିଜେପି ସର୍ବାଧିକ ଆସନ ପାଇଥିବା ସତ୍ତ୍ୱେ ନୀତିଶଙ୍କୁ ମୁଖ୍ୟମନ୍ତ୍ରୀ କରାଯିବାକୁ ନେଇ ଦଳରେ କିଛି ପରିମାଣରେ ଅସନ୍ତୋଷ ସୃଷ୍ଟି ହୋଇଛି । ଏପରିକି ଦଳର କିଛି ବରିଷ୍ଠ ନେତା ଏନ୍‌ଡ଼ିଏ ମୁଖ୍ୟମନ୍ତ୍ରୀ ବିଜେପିରୁ କରାଯାଉ ବୋଲି ମଧ୍ୟ ଦାବି କରିଛନ୍ତି । ମାତ୍ର ବିହାର ନେତାଙ୍କ ଦାବିକୁ ବିଜେପି ଜାତୀୟ ନେତୃତ୍ୱ ଗ୍ରହଣ କରିନାହାନ୍ତି । ନୀତିଶଙ୍କ ପରି ବଡ଼ ନେତା ବିହାର ବିଜେପିରେ ନ ଥିବା ଯୋଗୁଁ ବିଜେପି ଏପରି କଷ୍ଟସାଧ ନିଷ୍ପତ୍ତି ନେବାକୁ ବାଧ ହୋଇଥିବା କୁହାଯାଉଛି ।

କୁହାଯାଉଛି ଯେ ବିଜେପି ନିକଟରେ ନୀତିଶଙ୍କ ବିକଳ୍ପ ନାହିଁ। ଯେଉଁଥିପାଇଁ ଦୀର୍ଘବର୍ଷ ଧରି ବିଜେପି ବିହାରରେ ଏକାକୀ ସଂଖ୍ୟା ଗରିଷ୍ଠତା ପାଇପାରୁ ନାହିଁ। ପୁନଶ୍ଚ ବିହାର ରାଜନୀତି ବିଶେଷତଃ ଜାତି ଆଧାରିତ ଓ ସୁଶୀଲ କୁମାର ମୋଦିଙ୍କ ପରଲୋକ ପରେ ଜାତୀୟସ୍ତରରେ ମାନ୍ୟତା ପାଇଥିବା କୌଣସି ଓବିସି ଚେହେରା ବିଜେପିରେ ନାହାନ୍ତି। ଗତ ଦେଢ଼ ଦଶନ୍ଧି ଧରି ବିଜେପି ବିହାରରେ ନୀତିଶ କୁମାରଙ୍କ କନିଷ୍ଠ ସହଯୋଗୀ ହୋଇ ରହିଛି ଓ ଜଣେ ବି ପ୍ରଭାବଶାଳୀ ନେତା ସୃଷ୍ଟି କରିବାରେ ଦଳ ସମର୍ଥ ହୋଇପାରି ନାହିଁ। ଦ୍ୱିତୀୟ କାରଣଟି ହେଉଛି ନୀତିଶ କୁମାର ବିହାରର କୁର୍ମୀ, ଇବିସି ଓ ମହାଦଳିତ ସମ୍ପ୍ରଦାୟର ପ୍ରମୁଖ ନେତାର ମାନ୍ୟତା ପାଇଛନ୍ତି। ବିହାରର ମୋଟ ମତଦାତାଙ୍କ ମଧ୍ୟରୁ ଏହି ବର୍ଗ ଭୋଟରଙ୍କ ସଂଖ୍ୟା ପ୍ରାୟ ୨୦% ଓ ଗତ ନିର୍ବାଚନରେ ଏହି ବର୍ଗ ହିଁ ଏନ୍‌ଡ଼ିଏ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ତେଣୁ ନୀତିଶଙ୍କୁ ଉପେକ୍ଷା କରିବା ବିଜେପି ପାଇଁ ମହଙ୍ଗା ପଡ଼ିବାର ଆଶଙ୍କା ରହିଛି । ଶେଷ କାରଣଟି ହେଉଛି ନୀତିଶଙ୍କୁ ଉପେକ୍ଷା କରିବା କେନ୍ଦ୍ର ସରକାରଙ୍କ ପ୍ରତି ବିପଦ ସୃଷ୍ଟି କରିବାର ଭୟ। ବର୍ତ୍ତମାନ ଲୋକସଭାରେ ଏନ୍‌ଡ଼ିଏର ଆସନ ସଂଖ୍ୟା ୨୯୨, ଯାହା ସଂଖ୍ୟା ଗରିଷ୍ଠତାଠାରୁ ମାତ୍ର ୨୦ଟି ଆସନ ଅଧିକ। ନୀତିଶଙ୍କ ଜେଡ଼ିୟୁ ସମର୍ଥନ ପ୍ରତ୍ୟାହାର କରିନେଲେ ବି କେନ୍ଦ୍ରରେ ବିଜେପି ସରକାର ପାଇଁ ତତ୍‌କ୍ଷଣାତ୍ କୌଣସି ବିପଦ ସୃଷ୍ଟି ହେବ ନାହିଁ, ମାତ୍ର ଏହାର ପରିଣାମ ଆଦୌ ଭଲ ହେବ ନାହିଁ । ଯେ କୌଣସି ସମୟରେ ଅନ୍ୟ ଅଂଶୀଦାର ଦଳ ବିଜେପି ସହ ଅସଙ୍ଗତ ମୂଲଚାଲ କରିବାକୁ ବାହାରି ଆସିବେ। ତେଣୁ ବିହାରରେ ନୀତିଶଙ୍କ ନେତୃତ୍ୱରେ ଏନ୍‌ଡ଼ିଏ ସରକାର ଚାଲୁ ଓ କେନ୍ଦ୍ର ସରକାର ସୁରକ୍ଷିତ ରହୁ ବୋଲି ବିଜେପି ଆପାତତଃ ନିଷ୍ପତ୍ତି ନେଇଛି ବୋଲି କୁହାଯାଉଛି ।

### ଟ୍ରିବ୍ୟୁନାଲ ସଂସ୍କାର...

କହିଲେ ଯେ ଟ୍ରିବ୍ୟୁନାଲ ସଂସ୍କାର ଅଧ୍ୟାଦେଶ ଏବଂ ଆଇନର ସମୀକ୍ଷା କରିଛନ୍ତି କୋର୍ଟ। ସମୀକ୍ଷା ବେଳେ ଜଣାପଡ଼ିଛି ଯେ ଟ୍ରିବ୍ୟୁନାଲ ଆଇନର ଯେଉଁ ବ୍ୟବସ୍ଥାକୁ କୋର୍ଟ ଖାରଜ କରିଦେଇଥିଲେ, ସେହି ଆଇନକୁ ପୁଣି ପ୍ରସ୍ତୁତ କରାଯାଇଛି। ଅବଶ୍ୟ ଏଥିରେ ସାମାନ୍ୟ ଏପଟସେପଟ କରାଯାଇଛି। କିନ୍ତୁ କୋର୍ଟ ଯାହାକୁ ବିରୋଧ କରିଥିଲେ ତାହା ବଜାୟ ରହିଛି । ଯାହାକୁ କୋର୍ଟ ବିରୋଧ କରିଛନ୍ତି, ସେଥିରେ ସଂଶୋଧନ କରିବା ବଦଳରେ ପାର୍ଲାମେଣ୍ଟ ସେହି ପୁରୁଣା ଆଇନ ଆଣି ବିଚାର ବ୍ୟବସ୍ଥାର ଘୋର ଉଲ୍ଲଂଘନ କରିବାକୁ ଉଦ୍ୟମ କରିଛନ୍ତି। ମାନ୍ୟବର ବେଞ୍ଚ କହିଲେ ଯେ ଅଦାଲତରେ ପଡ଼ିଥିବା ବିଚାରାଧୀନ ମାମଲାର ସମାଧାନ କେବଳ ବିଚାର ବିଭାଗର ଦାୟିତ୍ୱ ନୁହେଁ, ସଂସଦ ଏବଂ ବ୍ୟବସ୍ଥାପିକା ମଧ୍ୟ ଦାୟିତ୍ୱ ନେବା ଉଚିତ। ଟ୍ରିବ୍ୟୁନାଲ ସଂପର୍କରେ ଆଇନ ପ୍ରଣୟନ ବେଳେ ବିଚାର ବିଭାଗର ଆଦେଶକୁ ସରକାର ମାନିବାକୁ ବାଧ୍ୟ। ବିଭିନ୍ନ ଟ୍ରିବ୍ୟୁନାଲ ପ୍ରଶାସନର ସୁପରିଚାଳନା, ନିଯୁକ୍ତି ଏବଂ କାମରେ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ଲାଗି ନେସନାଲ ଟ୍ରିବ୍ୟୁନାଲ କମିସନର ଆବଶ୍ୟକତା ରହିଛି। ତେଣୁ ଆସନ୍ତା ୪ ମାସ ମଧ୍ୟରେ ଏଭଳି କମିସନ ଗଠନ କରିବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମ କୋର୍ଟ। ଏହାସହିତ ବିଭିନ୍ନ ଟ୍ରିବ୍ୟୁନାଲରେ ନିଯୁକ୍ତି, କାର୍ଯ୍ୟକାଳ ଏବଂ ଅବସର ସୀମା ନେଇ କୋର୍ଟ ପୂର୍ବରୁ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତାହାକୁ କାଏମ ରଖିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଲେ ଯେ ଇନକମ୍ ଟାକ୍ସ ଆପେଲେଟ୍ ଟ୍ରିବ୍ୟୁନାଲ ଏବଂ ଏକ୍ସାଇଜ ଆଣ୍ଡ ସର୍ଭିସ ଟାକ୍ସ ଆପେଲେଟ୍ ଟ୍ରିବ୍ୟୁନାଲ ସଭ୍ୟମାନଙ୍କ ଅବସର ବୟସ ସୀମା ୬୨ ବର୍ଷ ଏବଂ ଏହାର ଅଧ୍ୟକ୍ଷଙ୍କ ବୟସ ସୀମା ୬୫ ବର୍ଷ ରହିବ। ସୂଚନାଯୋଗ୍ୟ ଯେ ଟ୍ରିବ୍ୟୁନାଲ ସଂସ୍କାର ଆଇନରେ ସଂଶୋଧନ କରି ସରକାର ଫିଲ୍ମ ସାର୍ଟିଫିକେଟ ଆପେଲେଟ୍ ଟ୍ରିବ୍ୟୁନାଲ ସମେତ ଅନେକ ଟ୍ରିବ୍ୟୁନାଲକୁ ଉଚ୍ଛେଦ କରିଥିବା ବେଳେ ଏକାଧିକ ଟ୍ରିବ୍ୟୁନାଲରେ ନିଯୁକ୍ତି, କାର୍ଯ୍ୟକାଳ ଓ ବୟସ ସୀମାରେ କେନ୍ଦ୍ର ସରକାର ଅନେକ ଅଦଳବଦଳ କରିଥିଲେ। ସୁପ୍ରିମ କୋର୍ଟରେ ଏହାକୁ ଚାଲେଞ୍ଜ କରିଥିଲେ ମାଡ୍ରାସ ବାର ଆସୋସିଏସନ ଏବଂ କଂଗ୍ରେସ ନେତା ଜୟରାମ ରମେଶ।

### ପୁଣି ବାତ୍ୟା...

ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଘନୀଭୂତ ସମ୍ଭାବନା ରହିଛି। ତେଣୁ ପ୍ରାଥମିକ ଭାବେ ଏହି ଲଘୁଚାପ ଆନ୍ଧ୍ର ଓ ଓଡ଼ିଶା ଉପକୂଳ ପାଇଁ ବିପଦ ବଢ଼ାଇଛି। ବଡ଼ କଥା ହେଉଛି ଯେ ଏହା ଅବପାତରେ ପରିଣତ ହେବା ପରେ ଆହୁରି ଘନୀଭୂତ ହେବାକୁ ଥିବାରୁ ବାତ୍ୟା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ପାରୁ ନାହିଁ।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ୨୧ ତାରିଖ ବେଳକୁ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ୨୪ ତାରିଖ ସୁଦ୍ଧା ଘନୀଭୂତ ହୋଇ ଅବପାତର ରୂପ ନେବ। ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇପାରେ। ଏହା ଉତ୍ତର ପଶ୍ଚିମ ଦିଗରେ ଗତି କରିବାକୁ ଥିବା ବେଳେ ଏହା ଆନ୍ଧ୍ର ଉପକୂଳକୁ ମୁହାଁଇବାର ପ୍ରାଥମିକ ଆକଳନରୁ ଜଣାପଡୁଛି। ଏହା ଆନ୍ଧ୍ର ଉପକୂଳ ମୁହାଁ ହେଲେ ମଧ୍ୟ ଓଡ଼ିଶାରେ ଏହାର ପ୍ରଭାବ ରହିବ। ୨୭ରେ କେନ୍ଦ୍ରାପଡ଼ାଠାରୁ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ମେଘୁଆ ପାଗ ସହ ବର୍ଷା ହେବ। ୨୮ ତାରିଖରେ ଉତ୍ତର-ପଶ୍ଚିମ ଓଡ଼ିଶା ବ୍ୟତୀତ ରାଜ୍ୟରେ ବାକି ଅଞ୍ଚଳରେ ବର୍ଷା ହେବ। ୨୯ରେ ମୁଖ୍ୟତଃ ଗଞ୍ଜାମ ଓ ଗଜପତି ପ୍ରଭାବିତ ହେବ। ଉପକୂଳ ଓ ସଂଲଗ୍ନ ଜିଲ୍ଲାରେ ଭାରି ବର୍ଷା ହେବ ବୋଲି ପ୍ରଫେସର ପଶୁପାଳକ ଆକଳନ କରିଛନ୍ତି।

ପ୍ରାଥମିକ ଭାବେ ଏହି ସମ୍ଭାବ୍ୟ ଅବପାତ/ବାତ୍ୟାଟି ଆସନ୍ତା ୨୯ କିମ୍ବା ୩୦ ବେଳକୁ ସ୍ଥଳଭାଗ ଛୁଇଁପାରେ। ତେଣୁ ଏହା ପ୍ରଭାବରେ ୨୭ କିମ୍ବା ୨୮ ତାରିଖରୁ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ସମେତ ଅନ୍ୟ କେତେକ ଜିଲ୍ଲାରେ ବର୍ଷା ହୋଇପାରେ। ଯଦି ଏହା ଆନ୍ଧ୍ର ନିକଟରେ ସ୍ଥଳଭାଗ ଛୁଏଁ, ତେବେ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରଭାବ ସୀମିତ ରହିବ। ମାତ୍ର ଏହା ଓଡ଼ିଶାର ନିକଟତର ହେଲେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରଭାବ ସୃଷ୍ଟି ହେବ। ଏମିତି ହେଲେ ରାଜ୍ୟକୁ ଏକ ବଡ଼ କ୍ଷତି ସହିବାକୁ ପଡ଼ିପାରେ। କାରଣ ଏବେ ସାରା ଓଡ଼ିଶାରେ ଧାନ ଅମଳ ସମୟ ଚାଲିଛି। ଉପକୂଳ ଓଡ଼ିଶାରେ ପାଚିଲା ଧାନ କ୍ଷେତରେ ହସୁଥିବା ବେଳେ ପଶ୍ଚିମ ଓଡ଼ିଶା ଧାନ ଅମଳ ଆରମ୍ଭ ହୋଇଯାଇଛି। ତେଣୁ ଏ ଦୃଷ୍ଟିରୁ ପ୍ରାୟ ଆସନ୍ତା ୨ ମାସ ପର୍ଯ୍ୟନ୍ତ ରାଜ୍ୟ ପାଇଁ ବର୍ଷା ଦୃଷ୍ଟିରୁ ବହୁ ସମ୍ବେଦନଶୀଳ ଭାବେ ଗଣାଯାଉଛି। ଏହା ପୂର୍ବରୁ ଲଘୁଚାପ ପ୍ରଭାବରେ ରାଜ୍ୟରେ ଶୀତ ଦିନେ ଅଦିନିଆ ବର୍ଷା ନେଇ ଚିନ୍ତା ବଢିଛି। ଏହା ପୂର୍ବରୁ ୨୦୨୧ ଡିସେମ୍ବର ପ୍ରଥମ ସପ୍ତାହରେ ରାଜ୍ୟ ଉପରେ ବାତ୍ୟା ଜୱାଦର ଗୁରୁତର ପ୍ରଭାବ ପଡ଼ିଥିଲା। ରାଜ୍ୟର ସମଗ୍ର ଉପକୂଳବର୍ତ୍ତୀ ଜିଲ୍ଲାରେ ଏହି ବାତ୍ୟା ଯୋଗୁଁ ଧାନ ଫସଲ ଉଜୁଡ଼ି ଯାଇଥିଲା। ଚଳିତ ବର୍ଷ ପୁଣି ଥରେ ଏହି ଆହ୍ୱାନ ସୃଷ୍ଟି ହୋଇଥିବା ବେଳେ ଚାଷୀଙ୍କ ପାଇଁ ଚିନ୍ତା ବଢ଼ିଛି। ତେଣୁ ସ୍ଥିତିକୁ ଦେଖି ଆଗୁଆ ଧାନ କାଟି ନିରାପଦ ସ୍ଥାନରେ ରଖିବାକୁ ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି।

### ସଂପ୍ରସାରଣ ହେବ...

ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ଅତ୍ୟନ୍ତ ଆବଶ୍ୟକ। ଏହାଦ୍ୱାରା ରାଜ୍ୟର ଆର୍ଥିକ ବିକାଶ ହେବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟିହେବ। ତେବେ ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ କରାଯାଇ ସହମତି ଭିତ୍ତିରେ ଜମି ଅଧିଗ୍ରହଣ କରାଯିବ ବୋଲି ସେ କହିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଦବୀର ଜଣେ ଉଚ୍ଚ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ଲୋକଙ୍କ ସହିତ ଆଲୋଚନା ଜରିଆରେ ସବୁ ସମସ୍ୟାର ସମାଧାନ କରାଯିବ। ଷ୍ଟିଲ୍ ପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ୍‌ଙ୍କ ସହଯୋଗ ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ କୁମାରସ୍ୱାମୀ ଉଭୟଙ୍କୁ ଧନ୍ୟବାଦ ଦେଇଥିଲେ। ବୈଠକରେ ରାଉରକେଲାରେ ଏୟାରପୋର୍ଟ ସ୍ଥାପନ ପାଇଁ ଜମି ଯୋଗାଣ ଏବଂ ଅନ୍ୟାନ୍ୟ ବିଷୟ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ମଧ୍ୟ ଉପସ୍ଥିତ ଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରକୁ ପିଟିପିଟି...

ରଖିଛି। ସେପଟେ ମୃତକର ଦେହରେ ଅନେକ କ୍ଷତ ଚିହ୍ନ ରହିଛି। ଅନ୍ୟପଟେ ମୃତକ ବାପିର ସ୍ତ୍ରୀ ପାର୍ବତୀ କୋହ୍ଲାର ଉଦଳା ଥାନାରେ ପହଞ୍ଚି ତାଙ୍କ ସ୍ୱାମୀଙ୍କୁ ନିର୍ଦ୍ଦୋଷରେ ପିଟିପିଟି ହତ୍ୟା କରାଯାଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। ମୃତକ ବାପି ଏକ ଗ୍ୟାସ୍ ଦୋକାନରେ କାମ କରିବା ସହିତ ଗ୍ୟାସ୍ ଡେଲିଭରି କାମ ମଧ୍ୟ କରୁଥିଲା। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ଟଳିଲେ ଆଉ...

ଏସିଏମ କ୍ୟାଡରର ମାଓବାଦୀ ରହିଥିବା ବେଳେ ମୃତକଙ୍କ ମଧ୍ୟରେ ୪ ପୁରୁଷ ଓ ୩ ମହିଳା ମାଓବାଦୀ ରହିଛନ୍ତି। ଉକ୍ତ ସ୍ଥାନରୁ ୨ଟି ଏକେ ୪୭ ବନ୍ଧୁକ ସହ ମୋଟ ୮ଟି ବନ୍ଧୁକ ଓ ବହୁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ସେହିପରି ଆଜି ଆନ୍ଧ୍ର ପ୍ରଦେଶ ପୁଲିସ ବିଭିନ୍ନ ସ୍ଥାନରୁ ୫୦ ଜଣ ମାଓବାଦୀଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ତିନି ଜଣ ମାଓ ସଂଗଠନ ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟ, ୨୩ ଜଣ ପ୍ଲାଟୁନ ସଦସ୍ୟ, ୫ ଜଣ ଡିଭିଜନାଲ କମିଟି ସଦସ୍ୟ ଏବଂ ୧୯ ଜଣ ଏରିଆ କମିଟି ସଦସ୍ୟ ଥିବା ଜଣା ପଡିଛି। ଗିରଫ ମାଓବାଦୀଙ୍କ ମଧ୍ୟରୁ ଅନେକ ମୃତ ମାଓ କମାଣ୍ଡର ମାଡଭି ହିଡମାଙ୍କ ସହ ଘନିଷ୍ଠ ଭାବରେ ଜଡିତ ଥିଲେ ବୋଲି ଆନ୍ଧ୍ର ପ୍ରଦେଶ ପୋଲିସ କହିଛି। ମାଓ ସଙ୍ଗଠନ ନିଜର ଶେଷ ନିଶ୍ୱାସ ନେଉଥିବା ଇଣ୍ଟେଲିଜେନ୍ସ ଏଡିଜି ମହେଶଚନ୍ଦ୍ର ଲଡ୍ଡା କହିଛନ୍ତି।

### ଦାଦନ ଫେରନ୍ତା...

ସେଠାରେ ଉପସ୍ଥିତ ଥିବା ଯୁବକ କେଉଁଆଡେ ଯିବ ବୋଲି ଉକ୍ତ ଦମ୍ପତିଙ୍କୁ ପଚାରିଥିଲେ। ଦମ୍ପତି ବନ୍ଧୁଗାଁକୁ ବସ ପାଇଁ ଅପେକ୍ଷା କରିଛୁ ବୋଲି କହିଥିଲେ। ତେବେ ବଳାତ୍କାର ଅଭିଯୁକ୍ତ ବର୍ତ୍ତମାନ ଆଉ ବନ୍ଧୁଗାଁକୁ ବସ ମିଳିବ ନାହିଁ ଏବଂ ମୋ ଘରେ ରହିଯାଅ ବୋଲି ସେମାନଙ୍କୁ କହି ପ୍ରଥମେ ପିଡିତା ମହିଳାଙ୍କ ସ୍ୱାମୀଙ୍କୁ ନେଇ ଏକ ଦୋକାନରେ ଛାଡି ଟିଫିନ ଆଣି ଆସୁଛି କହି ସେଠାରୁ ଚାଲିଯାଇଥିଲେ। ସେଠାରୁ ଆସି ପୀଡ଼ିତାଙ୍କୁ କୋଇଲାପଡ଼ା ନିକଟସ୍ଥ ବୁଦାକୁ ନେଇ ବଳାତ୍କାର କରିଥିଲେ। ତେବେ ସ୍ତ୍ରୀ ଦୀର୍ଘ ସମୟ ଧରି ନ ଫେରିବାରୁ ସ୍ୱାମୀ ବସଷ୍ଟାଣ୍ଡ ଆସି ସ୍ତ୍ରୀକୁ ଖୋଜିଥିଲେ ମଧ୍ୟ ପାଇନଥିଲେ। ହେଲେ ସ୍ୱାମୀ ସ୍ତ୍ରୀକୁ ଖୋଜାଖୋଜି କରିବା ବେଳେ ପୀଡ଼ିତା କାନ୍ଦି କାନ୍ଦି ଆସୁଥିବା ଦେଖିବାକୁ ପାଇଥିଲେ। ଏହାପରେ ସ୍ତ୍ରୀ ସମସ୍ତ ଘଟଣା ସ୍ୱାମୀଙ୍କୁ ଜଣାଇବା ପରେ ଉଭୟ ଯାଇ ରାୟଗଡ଼ା ଟାଉନ ଥାନାରେ ଏତଲା ଦେଇଥିଲେ। ଏନେଇ ରାୟଗଡ଼ା ଏସଡିପିଓ ଗୌରହରି ସାହୁଙ୍କୁ ପଚାରିବାରୁ ପୀଡ଼ିତାଙ୍କ ଲିଖିତ ଅଭିଯୋଗକୁ ଭିତ୍ତି କରି କେସ ନଂ ୪୩୧ରେ ମାମଲା ରୁଜୁ କରି ସନ୍ଦେହରେ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରିବା ସହିତ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି। ମହିଳାଙ୍କ ବୟାନ ମୁତାବକ ଦୁଷ୍କର୍ମ ଘଟଣା ଘଟିଥିବା ସ୍ଥାନକୁ ଯାଇ ସେଠାରେ ତଦନ୍ତ କରାଯାଇଛି ବୋଲି ଏସ୍‌ଡିପିଓ ଶ୍ରୀ ସାହୁ କହିଛନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate, Cuttack, dated-14/11/2025. I, **Roopesh Kumar Rout,** R/o- Ganju Market, Near SBI ATM Booth, Sector-22, UTC- Rourkela (ITS), PO: Rourkela-7, Dist- Sundargarh, Odisha, PIN-769007, declared that I have changed the name of my son from **Charles Prince Rout** to **Prince Rout.** Henceforth, he shall be known as **Prince Rout** for all purposes.

**Roopesh Kumar Rout**

**AFFIDAVIT**

I, Kailash Chandra Agrawal, S/o. Chiranjial Kharkawala, resident of Aradhana Apartment,Flat no. 1E, 1st floor, Biswanath lane, Balu Bazar, PS. Lalbag, Dist.-Cuttack, Odisha-753002 declare by this affidavit No..400 , dtd. 19.11.2025 that now onwards I shall be known as **KAILASH CHANDRA KHARKAWALA** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Sohela dtd.12.11.2025, I Mamata Sahu, D/o- Yudhisthir Sahu, resident of Village- Kanakabira, Ps./Dist.- Bargarh, Pin-768030 state that, I have changed my name from **Mamata Duan** to **Mamata Sahu**. Henceforth I shall be known as **Mamata Sahu** for all future purposes.

**AFFIDAVIT**

By virtue of an affidavit sworn before the Executuve Magistrate, Nabarangpur, dated 18.11.2025 I, DURYADHAN KARKARA, S/o- Late Prem Karkara, Vill.- Kurumakot, Po.- Tentulikhunti, Ps.- Tentulikhunti, Dist.- Nabarangpur, Odisha, Pin- 764070, declare that, I have changed the name of my daughter from **PAPA KARKARA** to **LIPSA KARKARA**. Henceforth, she shall be known as **LIPSA KARKARA** for all purposes.

Sd/- Duryadhan Karkara

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISON GAJAPATI PARLAKHEMUNDI**
**NATIONAL COMPETITIVE BIDDING THROUGH e-Procurcment**
**1ST Corrigendum to Tender Call Notice** O-1445
**Identification No. Online Tender 08/GJP/2025-26 T.O Letter No: 3024 Dtd: 29.10.2025**

The tender for the works invited vide Tender Identification No. Online Tender 04/GJP/2024-25 is hereby modified as follows due to unavoidable circumstances. The modification dates are as below:

| Sl. No. | Item | Time Schedule as per Original TCN | Time schedule modified as per Corrigendum Notice |
|---|---|---|---|
| 1 | Availability of tender online for bidding. | Dt. 10.11.2025 at 10.00 A.M to 17.11.2025 up to 5.00 P.M. | Dt. 20.11.2025 at 10.00 A.M to 27.11.2025 up to 5.00 P.M |
| 2 | Date & Time of Opening of tender | Dt. 18.11.2025 at 11.00 A.M | Dt. 28.11.2025 at 11.00 A.M |

All other contents will remain unchanged.

Executive Engineer
R.W. Division, Gajapati

OIPR-

**CONFISCATION NOTICE OF TRACTOR & TROLLEY** MM-289

It is to inform to all concerned through this publication that one Sonalika Tractor with Trolley bearing Regd. Number OR-07V-7237 Engine No. Not Visible , Chassis Number – Not Visible loaded with illicit forest produce i.e, Jamukoli Log- 7pcs=17.184cft, Kakapoi Logs-7 pcs=20.443cft & Acacia Logs=7pcs=8.804 cft on the PWD Road from Beguniapada Jn to Jharanai for illicit transportation of Forest Produce as above. The aforesaid forest produce along the above vehicle may be confiscated for its involvement in Forest Offence case No. UD Case No. 19 of 2020-21 of Khallikote Range for non-submission of reply to the show cause and non-attendance of the accused person owner thereof on the date of hearing fixed on 02.12.2022 before the Authorized Officer-cum- A.C.F, Brahmapur Division.

The final dated of hearing to the aforesaid cases is fixed to 26.11.2025 at 11.00 A.M in the forum of the Authorized Officer-cum- Assistant Conservator of Forests, Brahmapur Division for giving another opportunity of being heard in person in the matter. Failure to attend the hearing by any claimant/ accused on the date within 30 days from the dated of publication of this notice in reference to the above vehicle, the vehicle may be confiscated under Section 56 (2(b)) of the Odisha Forest Act, 1972 exparte.

**Authorized Officer-cum-A.C.F**
**Brahmapur Forest Division**

OIPR-

**GOVERNMENT OF ODISHA** O-1506
**OFFICE OF THE SUPERINTENDING ENGINEER**
**RURAL WORKS DIVISION, DEOGARH.**
E-mail Id – eerw_deogarh@yahoo.co.in
**E-Procurement Notice**
**BID.IDENTIFICATION NO. SERWDGH-Online- 08/2025-26**

1. **No of building works** :- (06 Nos)
2. **Estimated cost:-** Approx. Rs.2.54 lakh to Rs.36.22 Lakhs each
3. **Mode of submission of tender:** -Tender shall be submitted online in www.tendersodisha.gov.in
4. **Availability of tender for online bidding:–21.11.2025, 10.00 A.M to 28.11.2025 up to 5.00 P.M**
5. **Date and time of opening of tender:–29.11.2025, 11.00 A.M**
6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

**Superintending Engineer**
**R.W. Division, Deogarh**

OIPR-

**OFFICE OF THE NOTIFIED AREA COUNCIL: CHAMPUA** C-1408
e-Mail: champuanac@gmail.com
No. 2590, Date: 04.11.2025
**e-Procurement Notice**

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersodisha.gov.in

| | | | |
|---|---|---|---|
| 1. | Tender Reference No | : | EOCHAMPUANAC-NO-58/2025-26 |
| 2. | Tender I.D No: | : | |
| 3. | Name of the Work | : | Civil Construction works as mentioned in website |
| 4. | No. of works | : | 13 No. |
| 5. | Estimated Cost | : | Rs. 1005078.00 to Rs. 544149.00 |
| 6. | Period of Completion | : | 60 days |
| 7. | Date &Time of Bidding | : | 06.11. 2025 to 17.11.2025 up to 5pm |
| 8. | Last date & time for receipt Of bids in the portal | : | 17 .11.2025 up to 5pm |
| 9. | Last date for Submission of documents | : | On or before 19 .11.2025 up to 5PM (By speed Post/ post) |
| 10. | Bids received online shall be opened on dt. | : | 20 .11.2025 at 9.30 AM |
| 11. | Name and address of the Officer inviting Bid | : | Executive Officer, Champua NAC |

Further details can be seen from the procurement portal i.e. www.tendersodisha.gov.in

Executive Officer
Champua NAC

OIPR-

**GOVERNEMENT OF ODISHA** L-110
**AGRICULTURE DEPARTMENT**
**OFFICE OF THE EXECUTIVE ENGINEER (AGRIL.)**
**DHENKANAL DIVISION, DHENKANAL**
**No.1078/ Date 19.11.2025**
**INVITATION FOR BIDS (IFB)**
**e-procurement notice**
Bid Identification number / Tender call notice no. - EE (A)/D/D-03 of 2025-26

The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the project approximately from 8.00 lakhs to 42.00 lakh. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 21.11.2025 at 10.00 hours to 29.11.2025 at 05.00 PM. The bid will be opened on 01.12.2025 at 03.30 PM in the O/o Executive Engineer (Agril.), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.

Email ID:-eeagri.dhenkanal.@gmail.com

Executive Engineer (Agril)
Dhenkanal Division, Dhenkanal

OIPR-

**GOVERNMENT OF ODISHA,** A-901
**DEPARTMENTOF WATER RESOURCES**
**Office of the Superintending Engineer,**
**Mechanical Division, Bhubaneswar.**
Email Address: smdivisionbbsr@yahoo.com
**e-Procurement Tender Call Notice No.- SE/MDB-11/W/2025-26**

| | | | |
|---|---|---|---|
| 1. | Name of the Work | : | Mechanical Gate Works |
| 2. | No. of Works | : | 04 (Four) |
| 3. | Category of executors | : | SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Estimated Cost | : | ₹ 7,08,957.00 to ₹ 7,36,172.00 |
| 5. | EMD | : | Refer to DTCN |
| 6. | Cost of tender paper | : | Refer to DTCN |
| 7. | Period of Completion | : | Refer to DTCN |
| 8. | Date & time of availability of bid documents in the Portal | : | From dt.19.11.2025 (10.00 AM) to dt.01.12.2025(5.30 PM) |
| 9. | Last date/ time for receipt of bid in the Portal | : | dt.01.12.2025 (up to 5.30 PM) |
| 10. | Date and Place of opening of Bid | : | dt.02.12.2025 (12.00 Noon onwards in the O/O the undersigned) |
| 11. | Lottery | : | If required the date of lottery is to be intimated to the Qualified Bidders after evaluation. |
| 12. | Name of the Officer inviting bid | : | Superintending Engineer, Mechanical Division, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

**Superintending Engineer,**
**Mechanical Division, Bhubaneswar**

OIPR-

**AFFIDAVIT**

By virtue of an affidavit sworn before Notary Public, Bhubaneswar, on dated 17.11.2025, I Sanjukta Mohanta, W/o- Sanjaya Mohanta, resident at Kabata, Po-Lembo, Sub-Dist- Sukinda, Dist-Jajpur, Odisha, PIN-755018, declare that I have changed my son's name from Sridhartha Mohanta to Himanshu Mohanta. Henceforth, He shall be known as **HIMANSHU MOHANTA** for all future purposes.

**AFFIDAVIT**

I Aruna Kumara Acharya, S/o- Prakash Chandra Acharya resident of Muktamaladeipur Sasan, Po.- Banthapalli, Ps.- Polasara, Dist.- Ganjam, Pin-761104, Odisha, declare by this affidavit No. A-ii, Dated 18.11.2025 that now onwards I shall be known as **Arun Kumar Acharya** for all future purposes.

**AFFIDAVIT**

I, Someswar Singh(81) of Balijodi, PO: Sonaparbat, PS: Tangarpalli, Dist Sundargarh do hereby solemnly affirm and state that my name has been wrongly mentioned as SUMESHWAR SINGH in my Adhar Card(352286427342). Whereas my actual name is SOMESWAR SINGH in the educational certificate. Both the names stands for one and same person i.e. myself as per affidavit no A/10, dtd 19.11.2025.

**NOTICE**

By virtue of an affidavit sworn before Executive Magistrate Bangomunda I Tejabhanu Mahananda (48) S/o Nityananda Mahananda, Village : Bartunda, P.O: Kapilabhata, P.S: Bangomunda, Bolangir, Odish that I have changed my name from Tejabhanu Mahananda to Teju Mahananda Henceforth, I shall be known as Teju Mahananda for all purposes.

**NOTICE**

By virtue of an affidavit sworn before Notary Public, Balangir on 04.11.2025, I, Dhruba Kumar Jain, resident of:- Udaya Nagar, Po/Ps/Dist: Balangir,767001 (Odisha) declare that I have changed my name from Dhrub Kumar Jain to Dhruba Kumar Jain. Henceforth, I shall be known as Dhruba Kumar Jain for all purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated-17/11/2025. I, **Trushnarani Dandsena** (new name) formerly called as Trusnarani Mohapatra (old name), D/o Mangilal Dandsena, Permanent resident of At-Swadhinpara, Titilagarh, PO-Titilagarh, PS- Titilagarh, Dist-Balangir (Odisha), PIN- 767033 now residing at the same place declare that I have changed my name from **Trusnarani Mohapatra** (old name) to **Trushnarani Dandsena** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Trushnarani Dandsena** (new name).

**Trushnarani Dandsena**

**AFFIDAVIT**

By virtue of an affidavit no.1034 before the Executive Magistrate, Chandahandi, Dist.: Nabarangpur on dtd.19.11.2025, I, Dinesh Sinha, Village-Telatandi, PO-Saradhapur, PS-Chandahandi, Dist.: Nabarangpur-764077 have changed my name from Dense Sinha to Dinesh Sinha. Henceforth, I shall be known as **Dinesh Sinha** for all purposes.

**AFFIDAVIT**

By virtue of an affidavit (CF No.147, dtd- 25/10/2025) sworn before the Executive Magistrate, Gaisilet. I, **Shyamamani Deep,** D/o Madhusudan Deep, permanent & current resident of AT/PO-Ganiapali, PS- Gaisilet, Dist-Bargarh, PIN- 768049, Odisha declare that I have changed my name from **Pritinanda Deep** (old name) to **Shyamamani Deep** (new name). Henceforth, I shall be known as **Shyamamani Deep** (new name) for all purposes.

**Shyamamani Deep**

**NOTICE**
**(above 18 years of age)**

By virtue of an affidavit sworn before the Notary Public, Sambalpur, I, Sairendri Choudhury, resident of Balerpada, Burla, PO/PS–Burla, Dist.: Sambalpur declare that I have changed my name from Sourendri Choudhury (old name) to Sairendri Choudhury (new name). Henceforth, I shall be known as **Sairendri Choudhury** for all purposes.

**Sd/- Sairendri Choudhury**

**AFFIDAVIT**

By virtue of an affidavit sworn before Executive Magistrate, Bhadrak vide No.1410, dt-16.08.2025, I, **Manas Ranjan Sankhua,** S/o Chakradhar Sankhua, resident of At-Nuapatna, PO- Grejidarada, PS/Dist- Bhadrak, PIN-756128, Odisha declare that I have change the name of my son from **Aditya Sankhua** to **M.P. Aditya.** Henceforth, he shall be known as **M.P. Aditya** for all future purposes.

**Manas Ranjan Sankhua**

**LOST**

I Smt. Hukumat Sahu, W/o-Pilulal Sahu, At/Po-Dumerdihi, Khariarroad, Dist. Nuapada. I have lost my original sale deed Sl. No. 419,plot. 350, 350/520 at the time of transit, after several trial I am unable to found the documents. If anyone finds it, please inform to this mob. No. 9668249884.

**Notice**
**(above 18 years of age)**

By virtue of an affidavit sworn before Notary Public, Bhubaneswar dated 15.11.2025, I RAJALXMI PRADHAN, aged about 47 years, D/o: Dhruba Charan Sahoo, permanent resident of: At: Suara, PO: Koiang, PS: Konark, Dist.: Puri, Odisha, PIN-752118, currently residing at: Plot No: 582/653, Ganganagar, Unit–6, Lingipur, PO: Sisupal PS: Dhauli, Bhubaneswar, Dist.: Khordha, Odisha, PIN–751002, Aadhar No: 4598 3863 6183, declare that I have changed my name from RAJALXMI PRADHAN to RAJALXMI DEI. Henceforth I shall be known as RAJALXMI DEI for all purposes.

**Rajalaxmi Dei**

**AFFIDAVIT**

By virtue of an affidavit No.1030 before the Executive Magistrate, Chandahandi, Dist.: Nabarangpur on dtd. 18.11.2025, I, Premanchal Nayak, Village-Sinapali, PO-Dandamunda, PS-Chandahandi, Dist-Nabarangpur, Pin-764077 have changed my name from Premchan Nayak to Premanchal Nayak. Henceforth, I shall be known as **Premanchal Nayak** for all purposes.

**AFFIDAVIT**

By virtue of this Affidavit before the Executive Magistrate, Bhubaneswar. **Dt.14.11.25**. I, **KSHETRA BASI BEHERA**, S/o-Budhia Behera, Resident of Kalyani Krushna Nagar Basti, Nuasahi, Nayapalli, Bhubaneswar, Khordha, Odisha-751012 declare that I have changed my name from **KSHETRAMANI BHOI** to **KSHETRA BASI BEHERA** as per my Aadhar card no- 2878 1652 3500. But it has been recorded as **KSHETRAMANI BHOI** in my LIC Policy Bearing No-586300817. **KSHETRA BASI BEHERA** and **KSHETRAMANI BHOI** is one and same identical person.

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated-19/11/2025. I, **Jijnyasa Jyotirjayasha Routray,** D/o Prasanna Kumar Routray, resident of Plot No. 398-G, Laxmi Nagar, Patia, Bhubaneswar, Dist- Khordha, PIN- 751024, Odisha declare that I have changed my name from **Jiynyasa Jyotirjayasha** to **Jijnyasa Jyotirjayasha Routray.** Henceforth, I shall be known as **Jijnyasa Jyotirjayasha Routray** (new name) for all purposes.

**Jijnyasa Jyotirjayasha Routray**

# ନିଜ ଜମି ବୋଲି କହି ବିକିଦେଲେ ଗ୍ରାମ୍ୟ ଜଙ୍ଗଲ ଜମି

**ଖଇରା,୧୯ ।୧୧ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ଥାନା ଶ୍ୟାମସୁନ୍ଦରପୁର ଗ୍ରାମ ପଞ୍ଚାୟତ ଅଧୀନ ଚାନ୍ଦଗୋଛି ଗ୍ରାମର ଗ୍ରାମ୍ୟ ଜଙ୍ଗଲ କିସମ ଜମିକୁ ମହିଁସାମୁଣ୍ଡା ଗ୍ରାମର ପ୍ରତାପ ଗିରି ନାମକ ବ୍ୟକ୍ତି ଡଙ୍କତା କରି ଲକ୍ଷ ଲକ୍ଷ ଟଙ୍କାରେ ବିକ୍ରି କରିଥିବା ଅଭିଯୋଗ ହୋଇଛି । ତହସିଲଦାରଙ୍କ ମାପ ପରେ ଏହି ଜମିର କିସମ ଜଣାପଡିବା ପରେ ଉକ୍ତ ବ୍ୟକ୍ତି ନାମରେ ଖଇରା ଥାନାରେ ଏକ ମାମଲା(୩୪୫/୨୫) ରୁଜୁ କରାଯାଇଛି । ଚାନ୍ଦଗୋଛି ମୌଜାରେ ଲୋକମାନେ ଚାଷ ଜମିକୁ ଯିବା ପାଇଁ ଏହି ଗ୍ରାମ୍ୟ ଜଙ୍ଗଲ ଜମିକୁ ରାସ୍ତା ଭାବେ ବ୍ୟବହାର କରିଥାନ୍ତି । ହେଲେ ମହିଁସାମୁଣ୍ଡା ଗ୍ରାମର ଏହି ବ୍ୟକ୍ତି ଜଣକ ନିଜ ଚାଷ ଜମିକୁ ବିଭିନ୍ନ ବ୍ୟକ୍ତିଙ୍କୁ ବିକ୍ରି କରିବା ସହିତ ଜମିକୁ ଲାଗିଥିବା ଖାତା ନମ୍ବର ୧୦୬, ପ୍ଲଟ ନମ୍ବର ୨୮ ୭ରେ ଥିବା ୬ଡିସମିଲ ଜଙ୍ଗଲ କିସମ ଜମିକୁ ମଧ୍ୟ ବିକ୍ରି କରିଦେଇଥିଲେ । ଘଟଣାକ୍ରମେ ଏହି ମୌଜାରେ ଚାଷଜମିଥିବା କଲିହା ଗ୍ରାମର ରତ୍ନାକର ବେହେରାଙ୍କ ଉକ୍ତ ଜମିବିକ୍ରେତା ପ୍ରତାପଙ୍କ ସହ ମନୋମାଳିନ୍ୟ ଘଟିବା ପରେ ପ୍ରତାପ ରାସ୍ତା ଭାବେ ବ୍ୟବହାର କରାଯାଉଥିବା ଏହି ଜଙ୍ଗଲ କିସମ ଜମିରେ ବାଡ ବସାଇବା ସହ ରତ୍ନାକରଙ୍କୁ ତାଙ୍କ ଚାଷଜମିକୁ ଯିବାକୁ ଦେଇ ନ ଥିଲେ । ଏଥିସହ ପ୍ରତାପ ବିଭିନ୍ନ ପ୍ରକାର ଧମକଚମକ ମଧ୍ୟ ଦେଇଥିଲେ । ରତ୍ନାକରଙ୍କ ଜମି ପଡିଆ ପଡିବା ପରେ ପ୍ରତିବାଦ ସ୍ୱରୂପ ରତ୍ନାକର ଉଚ୍ଚଅଦାଲତରେ ଆଶ୍ରୟ ନେଇଥିଲେ । ଉଚ୍ଚ ଅଦାଲତ ଏହି ଜନସ୍ୱାର୍ଥ ମାମଲା (ଡବ୍ଲ୍ୟୁ. ପି(ସି) (ପିଆଇଏଲ) ନଂ୨୨୫୪୩) ର ବିଚାର କରି ଖଇରା ତହସିଲଦାରଙ୍କୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଖଇରା ତହସିଲଦାର ରାସ୍ତା ଭାବେ ବ୍ୟବହାର କରାଯାଉଥିବା ଏହି ଜମିର ମାପ କରି ଏହା ଗ୍ରାମ୍ୟଜଙ୍ଗଲ କିସମ ଜମି ବୋଲି ଜାଣିବା ପରେ ୭ଦିନ ମଧ୍ୟରେ ବାଡ ଉଚ୍ଛେଦ କରିବାକୁ ପ୍ରତାପଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ବ୍ୟକ୍ତି ଜଣକ ବାଡ ନଉଠାଇବା ପରେ ରତ୍ନାକର ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# ବାଲେଶ୍ୱର ଲୋକ ମହୋତ୍ସବ ଉଦ୍‌ଘାଟିତ

ବାଲେଶ୍ୱର,୧୯।୧୧(ସମିସ)




ସହର ଆଇଟିଆଇ ପଡ଼ିଆରେ ବାଲେଶ୍ୱର ଲୋକ ମହୋତ୍ସବ ଆଜି ସଦର ବିଧାୟକ ମାନସ କୁମାର ଦତ୍ତଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ସଭାପତି ଅସିତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ବାଲେଶ୍ୱର ମ୍ୟୁନିସିପାଲିଟି ଚେୟାରମ୍ୟାନ ସବିତା ସାହୁ, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ଶାନ୍ତନୁ ଦାସ, ବିଭୂପଦ ଦାସ, ରାଧାକାନ୍ତ ଦାସ ଯୋଗଦେଇ ଲୋକମହୋତ୍ସବ ପରସ୍ପର ମଧ୍ୟରେ ଭାଇଚାରା ସୃଷ୍ଟି କରିଥାଏ ବୋଲି ପ୍ରକାଶ କରିଥିଲେ । ଲୋକ ମହୋତ୍ସବ କମିଟିର ଚେୟାରମ୍ୟାନ ବିଶ୍ୱଜିତ ପରମାଣିକ, ଉପାଧ୍ୟକ୍ଷ ଜିତେନ୍ଦ୍ର ଦାସ, ବିକାଶ ପାଢ଼ୀ, ଶ୍ରୀମନ୍ତ ମାଝୀ , କାର୍ଯ୍ୟକାରୀ ସଭାପତି ଶ୍ରୀମାନ ଶ୍ରୀଚନ୍ଦନ, ସାଧାରଣ ସମ୍ପାଦକ ସଞ୍ଜୟ ସାମନ୍ତ, ଉପସଭାପତି ସିମନ ଦାସ ମହାପାତ୍ର, ସୌଭାଗ୍ୟ ମାନସ ନାୟକ, ସମ୍ପାଦକ ସତ୍ୟପ୍ରକାଶ ପତି, ରାଜେଶ ମହାକୁଡ଼, ହେମନ୍ତ ମହାନ୍ତି, ସଲିମ ସୁବସା, ରାଜେନ୍ଦ୍ର ପଟନାୟକ, ଆଶିଷ ସାହୁ, ଓମପ୍ରକାଶ ମହାପାତ୍ର, ଦେବଜ୍ୟୋତି ଦଶମହାପାତ୍ର, କୋଷାଧ୍ୟକ୍ଷ ନିଶିତ ବାରିକ, ଜୟରାମ ଦାସ, ସମ୍ବିତ ବିଶ୍ୱାଳ, ହ୍ରିତିକ ନାୟକ, ସୌମ୍ୟରଞ୍ଜନ ପାଣିଗ୍ରାହୀ, ଝାଡେଶ୍ୱର ଜେନା, ସିଲାବ ସତ୍ୟକମ, ଅନୁଅମ ମିଶ୍ର, ସୌମ୍ୟ ରଞ୍ଜନ ଯାଦବ, ଗୌର ମଲ୍ଲିକ, ନିରଞ୍ଜନ ମହାନ୍ତି ଜିତେନ୍ଦ୍ର ମହାଳିକ, ରାଜକିଶୋର ମିଶ୍ର, ସମରେଶ କୁମାର ସାମଲ, ଜଗନ୍ନାଥ ପାଣିଗ୍ରାହୀ, ଅଞ୍ଜନ ପରିଡା, ପ୍ରଦିପ କୁମାର ସାମଲ, ସିଦ୍ଧାର୍ଥ ଶଙ୍କର ପଣ୍ଡା, ଶ୍ରୀକାନ୍ତ ପାଢ଼ୀ ଜ୍ୟୋତିର୍ମୟୀ ସାମଲ,ଉକ୍ତ ମହୋତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ଏପରିକି ବିଦେଶରୁ ଚାରି ଶହରୁ ଅଧିକ ଷ୍ଟଲ ଆସିଛି । ବିଶିଷ୍ଟ କଣ୍ଠଶିଳ୍ପୀ ଦେବାଶିଷ ଲୋକ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କ ମନ ମୋହିଛନ୍ତି । ଏହି ଲୋକ ମହୋତ୍ସବ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ ।

# ଶ୍ୟାମାନନ୍ଦୀ ନିତାଇଗୌର ଭକ୍ତ ସମିତିର ସଂକୀର୍ତ୍ତନ ଓ ନଗର ପରିକ୍ରମା

ଚନ୍ଦନେଶ୍ୱର, ୧୯।୧୧(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ଶଙ୍ଖାରୀ ସ୍ଥିତ ନାଫରାଇ



ଗାଁରେ ଥିବା ଶ୍ୟାମାନନ୍ଦୀ ନିତାଇଗୌର ଭକ୍ତ ସମିତିର ସଂକୀର୍ତ୍ତନ ଓ ନଗର ପରିକ୍ରମା ଦୀର୍ଘ ୨୧ବର୍ଷ ଧରି ଚାଲିଆସୁଥିବା ଏହି ପରିକ୍ରମା ଚଳିତ ଆଶ୍ୱିନ ସଂକ୍ରାନ୍ତିରୁ ଆରମ୍ଭ ହୋଇ ବୁଧବାର ଉଦଯାପିତ ହୋଇଯାଇଛି । ନାଫରାଇର ଶ୍ରୀଶ୍ରୀ ଶ୍ୟାମସୁନ୍ଦର ରାୟଠାକୁର ମନ୍ଦିରରେ ଅନ୍ନ ମହାମହୋତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ୨ହଜାରରୁ ଉହଜା ଭକ୍ତ ଓ ଗ୍ରାମବାସୀ ଯୋଗ ଦେଇ ପ୍ରସାଦ ସେବନ କରିଥିଲେ । ଶ୍ୟାମାନନ୍ଦୀ ନିତାଇଗୌର ଭକ୍ତ ସମିତିର ନୀଳାମ୍ବର ସାମଲ, ଅନନ୍ତ ପାତ୍ର, ସୁଧୀର ପାତ୍ରଙ୍କ ତତ୍ତ୍ୱାବଧାନରେ ବରେନ୍ଦ୍ର ଜେନା, ହରିପଦ କର, ଦେବେନ୍ଦ୍ର ଜେନା, ନିତ୍ୟାନନ୍ଦ ପାତ୍ର, ନିତ୍ୟାନନ୍ଦ ଗିରି, ରାଜେନ୍ଦ୍ର ସେନ, ରବିନ୍ଦ୍ର ସାମଲ, ମଣ୍ଟୁ ସାମଲ, ରମେଶ ଦାସ, ବାବାଜୀ ଦାସ ଅଧିକାରୀ, ହରିପଦ ଦାସ ଅଧିକାରୀ, ମନ୍ମଥ ଦାସ ଅଧିକାରୀ ପ୍ରମୁଖଙ୍କ ସହ ସମସ୍ତ ଭକ୍ତମାନେ ପରିଚାଳନା କରିଥିଲେ ।

# ହ୍ୟୁମାନ ସାଗରଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା

ସୋର,୧୯।୧୧(ସମିସ): ସୋର ବ୍ଲକ ସରଶଙ୍ଖ ଛକ ନିକଟରେ ବିଶିଷ୍ଟ କଣ୍ଠଶିଳ୍ପୀ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ଅମର ଆତ୍ମାର ସଦଗତି ପାଇଁ ସୋରର କଳାକାର ମାନଙ୍କ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସନ୍ଧ୍ୟାରେ ଶରସଙ୍ଖ ଛକରୁ କଳାକାର ମାନେ ଏକ ଶୋଭାଯାତ୍ରାରେ ତାରିଣୀ ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ । ହ୍ୟୁମାନ ସାଗର ଅମର ରହେ ଧ୍ୱନିରେ ସ୍ଥାନୀୟ ଅଞ୍ଚଳ ପ୍ରକମ୍ପିତ




ହୋଇଥିଲା । ଏହି ଶୋଭାଯାତ୍ରାରେ କଳାକାର ପ୍ରଫୁଲ୍ଲ ମଲ୍ଲିକ, ରାଜା ପଣ୍ଡା, ରମେଶ ବାରିକ, ଚନ୍ଦନ ପାଣିଗ୍ରାହୀ, କାର୍ତ୍ତିକେଶ୍ୱର ପାଣ୍ଡବ, ରାଧାକାନ୍ତ ବାରିକ, ଜୀବନ କୁମାର, ପ୍ରଭାତ ଦଳେଇଙ୍କ ସମେତ ଶତାଧିକ କଣ୍ଠଶିଳ୍ପୀ, ବାଦ୍ୟଶିଳ୍ପୀ ଓ ସାଉଣ୍ଡ ମାଲିକ ଉପସ୍ଥିତ ଥିଲେ ।

# ଖଇରା ସାହିତ୍ୟ ସଂସଦର ଶ୍ରଦ୍ଧାଞ୍ଜଳି ସଭା

**ଖଇରା,୧୯ ।୧୧ (ସମିସ):** ଖଇରା ସାହିତ୍ୟ ସଂସଦ ପକ୍ଷରୁ ଦିବଂଗତ ପ୍ରାଧ୍ୟାପକ ତଥା ସାହିତ୍ୟିକ ଡ. ପ୍ରହ୍ଲାଦ ଚରଣ ମହାନ୍ତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମୃତିସଭା ରବିବାର ଦିନ ଖଇରାଠାରେ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ମାୟାଧର ନାୟକଙ୍କ ପୌରହିତ୍ୟରେ ଆୟୋଜିତ ଏହି ସ୍ମୃତିଚାରଣ ସଭାରେ ବହୁ ସଂଖ୍ୟକ ସଦସ୍ୟା ସଦସ୍ୟ ଯୋଗ ଦେଇ ଅମର ଆତ୍ମାର ସଦଗତି କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଖଇରା ସାହିତ୍ୟ ସଂସଦର ସମ୍ପାଦକ ରଘୁନାଥ ପତ୍ରୀ, ଚିନ୍ତାମଣି ସାହାଣି, ପଦ୍ମନାଭ ଶନିବିଗ୍ରହ, ଉଗ୍ରସେନ ମାଝୀ, ରମାକାନ୍ତ ଶତପଥି, ଦିନବନ୍ଧୁ ଦାଶ, ନାରାୟଣ ପେଡା, ଦମୟନ୍ତୀ ପଣ୍ଡା ଓ ବସନ୍ତ କୁମାର ଦାସ ଯୋଗ ଦେଇ ଡ. ମହାନ୍ତି ଜଣେ ଛାତ୍ରବତ୍ସଳ ଓ ଆଦର୍ଶ ପ୍ରାଧ୍ୟାପକ ଥିଲେ ବୋଲି ପ୍ରକାଶ କରିଥିଲେ । ପଦ୍ମନାଭ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# ବଦଳି ନିର୍ଦ୍ଦେଶ ସତ୍ତ୍ୱେ ଗାଦି ଛାଡୁନାହାନ୍ତି ଭଦ୍ରକ ଖଣି ବିଭାଗ ଉପନିର୍ଦ୍ଦେଶକ

**ସୋର, ୧୯।୧୧(ସମିସ):** ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ମାନୁ ନାହାନ୍ତି ଭଦ୍ରକ ଖଣି ଉପନିର୍ଦ୍ଦେଶକ ସନ୍ତୋଷ ଦଳାଇ । ତାଙ୍କ ନାମରେ ଦୁର୍ନୀତିର ଲମ୍ବାଚିଠା । ଖଇରାର ଶାରୀଶୁଆ ହେଉ କିମ୍ବା ସୋରର ବାଗୁଡ଼ି ଏବଂ ବାରିପଦା ରେ ଏବେ ସକ୍ରିୟ ପଥର ମାଫିଆ, ହଜାର ହଜାର ଟ୍ରିପ କଳା ପଥର ଲୁଟ ହେଉଥିବା ବେଳେ ନିରବ ଦ୍ରଷ୍ଟା ସାଜିଛନ୍ତି ଏହି ଅଧିକାରୀ । ବାଲେଶ୍ୱର, ଭଦ୍ରକ ଏବଂ ମୟୂରଭଞ୍ଜ ଜିଲ୍ଲା ର ବାଲି ଏବଂ ପଥର, ଏବଂ ଲଘୁଖଣିଜ ଲୁଟ ପଛରେ ମାଫିଆଙ୍କ ସହ ଉପନିର୍ଦ୍ଦେଶକଙ୍କ କାଳେ ରହିଛି ଭିତିରି ସମ୍ପର୍କ । ଯେଉଁଥି ପାଇଁ ପ୍ରତ୍ୟେକ ଦିନ ଚୋରା ଚାଲାଣ ହୋଇ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ରାଜ୍ୟ ସରକାର । ଏହି ଲୁଟ ପଛରେ ଭଦ୍ରକ ଉପନିର୍ଦ୍ଦେଶକ ସନ୍ତୋଷ ଦଳାଇ ସହଯୋଗ କରୁଥିବା ନେଇ ରାଜ୍ୟ ସରକାରଙ୍କ ପାଖରେ ବାରମ୍ବାର ଅଭିଯୋଗ ହେବାପରେ ଚଳିତ ମାସ ୧୧ତାରିଖରେ ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ ବଦଳି ନିର୍ଦ୍ଦେଶ ଦେଇଛନ୍ତି । ଖୋର୍ଦ୍ଧାର ଉପନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରୁଥିବା ଦିଲ୍ଲୀପ କୁମାର ସାହୁଙ୍କୁ ଭଦ୍ରକ ଉପନିର୍ଦ୍ଦେଶକ ଭାବରେ ନିଯୁକ୍ତି ଦିଆଯାଇଛି । କିନ୍ତୁ ଆଠ ଦିନ ପରେ ମଧ୍ୟ ଗାଦି ଛାଡିବାକୁ ନାରାଜ ଭଦ୍ରକ ଖଣି ବିଭାଗ ର ଉପନିର୍ଦ୍ଦେଶ ସନ୍ତୋଷ କୁମାର ଦଳାଇ ବାବୁ । ଗାଦି ନ ଛାଡିବାକୁ ନେଇ ସେ ବଡ ବଡ଼ିଆ ନେତା, ମନ୍ତ୍ରୀ ଏବଂ ଉଚ୍ଚ ଅଧିକାରୀଙ୍କ ଶରଣରେ ଥିବାର ଚର୍ଚ୍ଚା ହେଉଛି ।

# କୋର୍ଟ ମାଲଖାନାରୁ ଚୋରି ଘଟଣାରେ ୫ ଗିରଫ

**ସୋର, ୧୯।୧୧ (ସମିସ):** ଗତ ୨ ତାରିଖ ବିଳମ୍ବିତ ରାତିରେ ସେସନସ କୋର୍ଟ ମାଲଖାନାରୁ ଚୋରି ଘଟଣାରେ ସୋର ପୁଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା କଥା ସୋର ଥାନା ପରିସରରେ ଏକ ସାମ୍ବାଦିକ ସମ୍ମିଳନୀରେ ସଦର



ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ ସୂଚନା ଦେଇଛନ୍ତି । ଗତ ୨ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କୋର୍ଟ ମଧ୍ୟରେ ପଶି କୋର୍ଟ ପରିସରରେ ଲାଗିଥିବା ୧୨ଟି ସିସି କ୍ୟାମେରାକୁ ଭାଙ୍ଗି ମାଲଖାନାରୁ ସୁନା, ରୁପା ଅଳଙ୍କାର, ବନ୍ଧୁକ, ବ୍ରାଉନସୁଗାର ଚୋରି କରି ନେଇ ଯାଇଥିଲେ । ସକାଳେ ଏ ବାବଦରେ ଜଣା ପଡିବା ପରେ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ସମେତ କୋର୍ଟରେ ପହଞ୍ଚି ତଦନ୍ତ କରି ଫେରିଥିଲେ । ଏ ବାବଦରେ ସୋର ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତ ସମୟରେ ପୁଲିସ ନୀଳଗିରି ଥାନା କାହାଳିଆ ଗ୍ରାମର ଭବାନୀ ଶଙ୍କର ମହଲ (୨୮), ହରପ୍ରିୟା ମହଲ (୨୯),ସୋର ଥାନା ରୁଷୋ ଗ୍ରାମର ଗହଣା ବ୍ୟବସାୟୀ କମଳାକାନ୍ତ ରଣା (୫୭), ବାଗୁଡ଼ି ଗ୍ରାମର ନିରଞ୍ଜନ ରଣା(୫୭), ତୁଡ଼ିଗଡିଆ ଗ୍ରାମର ଦାମୋଦର ବେଜ (୫୯) ଙ୍କୁ ଗିରଫ କରିଥିଲେ ।ପଚରା ଉଚରା ପରେ ପୁଲିସ ସେମାନଙ୍କ ନିକଟରୁ ସୁନା, ରୁପା ଅଳଙ୍କାର,ଏକ ପିସ୍ତଲ ଏବଂ ୨୫ ରାଉଣ୍ଡ ଜୀବନ୍ତ ଗୁଳି ଏବଂ ଏକ ମୋଟର ସାଇକେଲ, ନଗଦ ୧୮ ହଜାର ଟଙ୍କା ପୁଲିସ ଜବତ କରିଛି ।ସନ୍ଧ୍ୟାରେ ସୋର ମେଡିକାଲରେ ସମସ୍ତଙ୍କର ଡାକ୍ତରୀ ମାଇନା ପରେ ପୁଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି । ଖୁବ୍ ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଏସଡିପିଓ ଶ୍ରୀ ନାୟକ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ଏବଂ ଏସଆଇ ସାଧୁ ସିଂ ଗାଗରାଇ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ପିଏମ୍ କିଷାନ ସମ୍ମାନନିଧି ଯୋଜନା କାର୍ଯ୍ୟକ୍ରମ




ବାଲେଶ୍ୱର,୧୯।୧୧(ସମିସ): କୃଷି ଓ କୃଷକଙ୍କ ଉନ୍ନୟନ ପାଇଁ କେନ୍ଦ୍ର ସରକାରଙ୍କ ପ୍ରାମୁଖ୍ୟପୂର୍ଣ୍ଣ ଯୋଜନାମାନଙ୍କ ମଧ୍ୟରେ ପିଏମ କିଷାନ ସମ୍ମାନନିଧି ଯୋଜନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି । ଆଜି ପ୍ରଧାନମନ୍ତ୍ରୀ ଯୋଜନାର ୨୧ତମ କିସ୍ତିର ସହାୟତା ରାଶି ଜାରି କରିବା ପରେ ଏହାର ଅବସରରେ ଜିଲ୍ଲାପାଳଙ୍କ ଅଡିଟୋରିଆମ କକ୍ଷରେ ଏକ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତୁଷାର କାନ୍ତି ତୁଙ୍ଗ ଅଧ୍ୟକ୍ଷତା କରିଥିଲେ । ଏଥିରେ ସଦର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହ, କୃଷି ବିଜ୍ଞାନ କେନ୍ଦ୍ର, ବାଲିଆପାଳର ବୈଜ୍ଞାନିକ ଅମିତ ଜ୍ୟୋତି ମଲ୍ଲିକ, ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ନିଶିକାନ୍ତ ବଳ, ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ପ୍ରଦୀପ କୁମାର ବଳ ଓ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ଉପସ୍ଥିତ ଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକରୁ ଶହେରୁ ଅଧିକ କୃଷକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ତାମିଲନାଡୁର କୋଇମ୍ବାଟୋରରୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ବାଲେଶ୍ୱର ଜିଲ୍ଲାରୁ ଲାଇଭ ସଂଯୋଗ ସ୍ଥାପିତ କରାଯାଇଥିଲା । ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ୨,୩୯,୩୭୯ ହିତାଧିକାରୀଙ୍କ ଖାତାକୁ ସିଧାସଳଖ ସହାୟତା ରାଶି ପ୍ରଦାନ କରାଯାଇଥିଲା ।

# ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ଆଲୋଚନାଚକ୍ର

ଜଳେଶ୍ୱର,୧୯।୧୧(ସମିସ): ଜଳେଶ୍ୱର ସ୍ଥାନୀୟ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ଉତ୍ତର ଓଡ଼ିଶା ରେ ଲୋକନାଟ୍ୟରେ ସାମାଜିକ ପ୍ରଭାବ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ସଭାପତିତ୍ୱ କରି ଲୋକକଳା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟାପକ ଡକ୍ଟର ମନ୍ମଥ କୁମାର ପ୍ରଧାନ ଯୋଗଦେଇ ବହୁ ପୁରାତନ ବିଭିନ୍ନ ଲୋକନାଟ୍ୟ ରେ ସାମାଜିକ ଶିକ୍ଷା,ସନ୍ଦେଶ ସମ୍ପର୍କରେ



କହିଥିଲେ । ମୁଖ୍ୟବକ୍ତା ଭାବେ ଡଃ ପ୍ରଫୁଲ୍ଲ କୁମାର ଦେ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଇଂରାଜୀ ଅଧ୍ୟାପକ ତଥା ସ୍ନାତକୋତ୍ତର ସଂଯୋଜକ ସଂଗ୍ରାମ ପଟ୍ଟନାୟକ ବର୍ତ୍ତମାନର ନାଟ୍ୟ ସଂରଚନା, ସଂଯୋଜନା, ପରିବେଷଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅତିଥି ଅଧ୍ୟାପକ ସତ୍ୟମୟ ଆଚାର୍ଯ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଅଧ୍ୟାପକ କଳ୍ପନା ରାଜ ଅତିଥି ଆମନ୍ତ୍ରଣ କରିଥିଲେ । ମୁଖ୍ୟ ଅଧ୍ୟାପକ ସୂର୍ଯ୍ୟକାନ୍ତ ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ବବିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ତୃତୀୟ ଶ୍ରୀକ୍ଷେତ୍ରରେ ଦେବ ଦୀପାବଳି ନୀତି

**ନୀଳଗିରି, ୧୯।୧୧ (ସମିସ):** ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥ ମନ୍ଦିରରେ ଦେବ ଦୀପାବଳି ନୀତି ଆଜିଠାରୁ ଆରମ୍ଭ ହୋଇଛି । ମାର୍ଗଶିର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି ଠାରୁ ଆରମ୍ଭ ହୋଇ ଶୁକ୍ଳପକ୍ଷ ପ୍ରତିପଦା ପର୍ଯ୍ୟନ୍ତ ତିନି ଦିନ ଧରି ଏହି ଦେବ ଦୀପାବଳି ନୀତି ଅନୁଷ୍ଠିତ ହେବା ନେଇ ସୂଚନା ରହିଛି । ଶ୍ରୀ ମନ୍ଦିର ଚୂଡ଼ାରେ ଚୁନେରା ସେବାୟତ ପ୍ରଦୀପ ପ୍ରଜ୍ୱଳନ କରିବା ପରେ ମନ୍ଦିର ସମ୍ମୁଖରେ ଥିବା ଅରୁଣସ୍ତମ୍ଭ ଠାରେ ଭକ୍ତ ଏବଂ ଶ୍ରଦ୍ଧାଳୁ ମାନେ ପ୍ରଦୀପ ପ୍ରଜ୍ୱଳନ କରି ଏହି ଦେବ ଦୀପାବଳି ଉତ୍ସବକୁ ପାଳନ କରିଛନ୍ତି । ଏହି ଦେବ ଦୀପାବଳି ଉତ୍ସବ ରେ ଜଗନ୍ନାଥ ମନ୍ଦିରର ସେବାୟତ, ଆଚାର୍ଯ୍ୟ ପଣ୍ଡିତ,



ଠାକୁର ମାହାଲ କର୍ମଚାରୀ ଙ୍କ ସମେତ ବହୁ ଭକ୍ତ ଏବଂ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ଆର୍ଯ୍ୟସ୍ମିତା ପ୍ରଥମ

ବାଲିଆପାଳ, ୧୯।୧୧ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ମାଳତୀ ମଞ୍ଜରୀ ବିହାର ଶିଶୁ ମନ୍ଦିରର ଦ୍ୱିତୀୟ ଶ୍ରେଣୀର ଛାତ୍ରୀ ଆର୍ଯ୍ୟସ୍ମିତା ଜେନା ରାଜ୍ୟ ସ୍ତରୀୟ ବିଜ୍ଞାନ ମେଳାରେ ଉପଶୁଶ୍ରୁ ବିଭାଗରେ ସଜୀବ ଓ ନିର୍ଜୀବ ପ୍ରକଳ୍ପରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଆର୍ଯ୍ୟସ୍ମିତା ସୂର୍ଯ୍ୟାପୁର ଗ୍ରାମର ବାପା କରୁଣା କର ଜେନା ଓ ସୁଲତା ଜେନାଙ୍କ ଝିଅ । ଏହି ସଫଳତା ପରେ ଶିଶୁ ମନ୍ଦିର ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇ ଆର୍ଯ୍ୟସ୍ମିତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ସମ୍ବର୍ଦ୍ଧନା ଉତ୍ସବ ରେ ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ଜେନା, ପୁଲିନ କୁମାର ନନ୍ଦି,ସଞ୍ଜୁବାଳା ମହାନ୍ତି, ରଶ୍ମିତା ରାଉତ ଏବଂ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ ।

# ୮୭ ଲିଟର ମଦ ଜବତ, ୪ ଗିରଫ

**ଭୋଗରାଇ,୧୯।୧୧(ସମିସ):** ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅବକାରୀ ଥାନା ପକ୍ଷରୁ ଚଢାଉ କରାଯାଇ ୮୭ ଲିଟର ଚୋରା ମଦ ସହିତ ୪ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ କରିଛି । ଭୋଗରାଇ ବ୍ଲକ ଅନ୍ତର୍ଗତ ଜୟରାମପୁର ପଞ୍ଚାୟତ ସେହି ଗ୍ରାମର ଜୟକୃଷ୍ଣ ସାମଲଙ୍କ ପୁଅ ଦୀପକ ସାମଲ ୨୨ ଲିଟର, ଭୋଗରାଇ ପଞ୍ଚାୟତ ଲକ୍ଷ୍ମୀପାଟଣା ଗ୍ରାମର ନବକୃଷ୍ଣ ମିର୍ଦ୍ଧାଙ୍କ ପୁଅ ମନୋଜ୍ ମିର୍ଦ୍ଧା ୨୩ ଲିଟର, ଦେଉଳା ପଞ୍ଚାୟତର ସରସ୍ୱତୀ ଗ୍ରାମର ଭୀମ ମାଝୀଙ୍କ ସ୍ତ୍ରୀ ଲକ୍ଷ୍ମୀ ମାଝି ପାଖରୁ ୨୨ ଲିଟର, ସେହି ଗ୍ରାମର ସଞ୍ଜୟ ମାଝୀଙ୍କ ସ୍ତ୍ରୀ ଗିତାଞ୍ଜଳୀ ମାଝୀ ପାଖରୁ ୨୦ ଲିଟର ଚୋରା ମଦ ଜବତ କରିଛି ଅବକାରୀ ବିଭାଗ । ଏହି ଚଢ଼ଉରେ ଭୋଗରାଇ ଅବକାରୀ ଥାନା ଓଆଇସି ସୁନୀଲ ମାଝୀ, ଏଏସଆଇ ଦିଲ୍ଲୀପ ତ୍ରିପାଠୀ, କନଷ୍ଟେବଳ ବ୍ରହ୍ମଜିତ ଦାସ, ସ୍ନେହା ମାରାଣ୍ଡିଙ୍କ ସହିତ ଅନ୍ୟମାନେ ସାମିଲ ଥିଲେ ।

# ୩ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ

**ବସ୍ତା ବ୍ଲକ/ରାଜଘାଟ, ୧୯।୧୧ (ସମିସ):** ବାଲେଶ୍ୱର ଜିଲ୍ଲା ବସ୍ତା ପୁଲିସ ଇଡଦା ଛକରୁ ୩୨ ଗ୍ରାମ ବ୍ରାଉନସୁଗର ସହ ଜନୈକ ଯୁବକକୁ ଗିରଫ କରିଥିବା ଜଣା ପଡିଛି । ମଙ୍ଗଳବାର ଅପରାହ୍ନରେ କୁଣ୍ଡେଇ ଛକ ନିକଟରେ ଜଣେ ଯୁବକ ବ୍ରାଉନସୁଗାର ଖାଉଥିବା ଅବସ୍ଥାରେ ପୁଲିସ ଉକ୍ତ ଯୁବକକୁ ପିଛାକରି ଇଡ଼ଦା ଛକ ନିକଟରୁ ଉଠାଇ ଆଣି ପଚରା ଉଚରା ପରେ ସେ ବ୍ରାଉନସୁଗର ବିକ୍ରି କରୁଥିବା ପୁଲିସ ଜାଣିବାକୁ ପାଇଥିଲା । ବୁଧବାର ସକାଳେ ମାଜିଷ୍ଟ୍ରେଟ ତଥା ତହସିଲଦାର ସୁଶାନ୍ତ ପଟନାୟକଙ୍କ ଉପସ୍ଥିତିରେ ଉକ୍ତ ଯୁବକ ଜଣକ ବ୍ରାଉନସୁଗାର ରଖିଥିବା ସ୍ଥାନ ଦେଖାଇ ଥିଲା ଏବଂ ପୁଲିସ ସେଠାରୁ ୩୨ ଗ୍ରାମ ବ୍ରାଉନ ସୁଗର ଜବତ କରିଥିଲା । ଯାହାର ଆନୁମାନିକ ମୂଲ୍ୟ ତିନି ଲକ୍ଷ କୋଡିଏ ହଜାର ହେବ ବୋଲି କୁହାଯାଉଛି । ଅଭିଯୁକ୍ତ ଇଡ଼ଦା ଅଞ୍ଚଳର ଆଶୀଷ କୁମାର ଦାସ (୨୨) କୁ କୋର୍ଟ ଚାଲାଣ କରାଯାଇଛି ।

## ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଆନ୍ଦୋଳନ

# ମିଳିଲା ପ୍ରତିଶ୍ରୁତି, ଧାରଣାରୁ ଓହରିଲେ ଛାତ୍ରଛାତ୍ରୀ

ରାଜଘାଟ, ୧୯।୧୧ (ସମିସ)

ବସ୍ତା ବ୍ଲକ୍ ପୁରୁଷୋତ୍ତମପୁର ପଞ୍ଚାୟତର ବାଗଲଡିହା ୟୁଜିୟୁପି ବିଦ୍ୟାଳୟରେ ଶିକ୍ଷକ ବଦଳିକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକ ଧାରଣା ଦେବା ଘଟଣାରେ ଆଜି କିଛିଟା ଆଶ୍ୱସ୍ତି ମିଳିଛି । ବିଇଓଙ୍କ ପରିଦର୍ଶନ ଓ ପ୍ରତିଶ୍ରୁତି ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି । ବିଦ୍ୟାଳୟରେ ୯ଟି ଶ୍ରେଣୀ ପାଇଁ ୪ ଜଣ ଶିକ୍ଷକ ଥିବାବେଳେ ଗତ କିଛି ମାସ ମଧ୍ୟରେ ଦୁଇ ଜଣ ଶିକ୍ଷକଙ୍କୁ ଡେପୁଟେସନରେ ନିଆଯାଇଥିଲା ପୁଣି ଆଉ ଜଣେ କାର୍ଯ୍ୟରତ୍ ଶିକ୍ଷକ ବାଇଧର ଜେନାଙ୍କୁ ହଦମୌଦ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିଲା । ଶିକ୍ଷାଦାନ ପ୍ରଭାବିତ ହେବା



ଆଶଙ୍କା କରି ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ମାନେ ଏହି ବଦଳିକୁ ବିରୋଧ କରି ଗତକାଲିଠାରୁ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଗତକାଲିର ଖବରଟି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବସ୍ତା ବିଇଓ ଯଜ୍ଞେଶ୍ୱର ଜେନା, ସିଆରସିସି ଗଣେଶ ଚନ୍ଦ୍ର ଜେନା ଘଟଣାସ୍ଥଳରେ ପହଞ୍ଚିଥିଲେ । ଶିକ୍ଷକ ଶ୍ରୀ ଜେନାଙ୍କୁ ସେଠାରୁ ହଦମୌଦ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନରେ ନପଠାଯିବାକୁ ଧାରଣାରତ ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ଜିଦରେ ଅଡି ବସିଥିଲେ । ବିଦ୍ୟାଳୟରେ ୪ଜଣ ଶିକ୍ଷକ ରହିବେ, ଯେହେତୁ ଡେପୁଟେସନ ନିର୍ଦ୍ଦେଶଟି ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଜାରି କରାଯାଇଛି ତେଣୁ ସେ ଅଧିକାରୀଙ୍କ ସହ ଆଲୋଚନା କରି ନିର୍ଯ୍ୟାସ ବାହାର କରିବେ ବୋଲି ପ୍ରତିଶୃତି ଦେଇଥିଲେ । ପରେ ବିଦ୍ୟାଳୟର ଭିତ୍ତିଭୂମି, ଶୌଚାଳୟ, ପାଣି, ପାଚେରୀ, ଅତିରିକ୍ତ ଶ୍ରେଣୀଗୃହ ଭଳି କିଛି ସମସ୍ୟାର ତ୍ୱରିତ ସମାଧାନ ଓ ଅନ୍ୟ କେତେକ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା ।

# ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର ଆମରଣ ଅନଶନ ପ୍ରତ୍ୟାହୃତ

**ବସ୍ତା ବ୍ଲକ, ୧୯।୧୧ (ସମିସ):** ଦକ୍ଷିଣ ପୂର୍ବ ରେଳବାଇ ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ବସ୍ତା ରେଳ ଷ୍ଟେସନ ସମ୍ମୁଖରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଚାଲିଥିବା ଆମରଣ ଅନଶନ ଦ୍ୱିତୀୟ ଦିନରେ ପ୍ରତ୍ୟାହୃତ ହୋଇଛି । ବାଲେଶ୍ୱର ଜିଲ୍ଲା ଜେଏମଏମର ସଭାପତି କମଲ ଲୋଚନ ବାରିକ ନେତୃତ୍ୱରେ ଏହି ଅନଶନ ଚାଲିଥିଲା । ବସ୍ତା ଷ୍ଟେସନ ରେ କରୋନା ସମୟରେ ପୂର୍ବରୁ ଅଟକୁ ଥିବା ଇଷ୍ଟକୋଷ୍ଟ ଏକ୍ସପ୍ରେସକୁ ପୁନଃ ରହଣୀ, ୪ ନମ୍ବର ପ୍ଲାଟଫର୍ମ



ନିର୍ମାଣ ସହ ଯାତାୟାତ ସୁବିଧା, ନନ୍ଦନ କାନନ ଓ ନୀଳା ଚଳ ଏକ୍ସପ୍ରେସର ରହଣୀ, ଅମୃତ ଭାରତ ଏକ୍ସପ୍ରେସ ରହଣୀ ଭଳି ଦାବି ନେଇ ଏହି ଅନଶନ ରେ ସାମିଲ ହୋଇଛନ୍ତି ପୁରୁଷ ଓ ମହିଳା କର୍ମୀ । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆମରଣ ଅନଶନ ଚାଲିବ ବୋଲି ସଭାପତି ଶ୍ରୀ ବାରିକ ସୂଚନା ଦେଇଥିଲେ । ବୁଧବାର ରେଳବିଭାଗର ଅଧିକାରୀଙ୍କ ମଧ୍ୟରେ ସିଆଇଏସକେ ସହ ଇଣ୍ଟେଲିଜେନ୍ସ ବ୍ୟୁରୋ କିଶୋର ଭୁଇଁଆ, ଏଏସଆଇ ବିଶିକେଶନ ମଣ୍ଡଳ, ଷ୍ଟେସନ ମ୍ୟାନେଜର ବି. ନାୟକ ଅନଶନ ସ୍ଥଳରେ ପହଞ୍ଚି ଆନ୍ଦୋଳନ କାରୀଙ୍କ ସହିତ ଆଲୋଚନା କରି ଥିଲେ । କିଛି ଦାବି ଖୁବ୍ ଶୀଘ୍ର ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ଇଞ୍ଚୋଳରେ ବିଜୁ ଯୁବ ଛାତ୍ର ଜନତା ଦଳର ସମ୍ମିଳନୀ

ହାଟଡ଼ିହୀ, ୧୯।୧୧(ସମିସ)



ହାଟଡ଼ିହୀ ବ୍ଲକସ୍ଥିତ ଇଞ୍ଚୋଳ ଗ୍ରାମରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଯୁବ ଛାତ୍ର ନେତାଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଜିଲ୍ଲା ଯୁବ ସାଧାରଣ ସମ୍ପାଦକ ଦୀପ୍ତିରଞ୍ଜନ ଦାସ ଓ ଜିଲ୍ଲା ସୋସିଆଲ ମିଡିଆ ସଂଯୋଜକ ଅମରେନ୍ଦ୍ର ଧଳ ପରିଚାଳନା କରିଥିଲେ । ଯୁବନେତା ଦେବାପ୍ରିୟ ପାତ୍ର, ଜିଲ୍ଲା ଯୁବ ସଭାପତି ରାକେଶ କୁମାର ରାମ, ହାଟଡ଼ିହୀ ବ୍ଲକ ଯୁବ ସଭାପତି ଚିନ୍ମୟ କୁମାର ନାୟକ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳ, ଜିତେନ୍ଦ୍ର ସାମଲ, ସଭ୍ୟା କୌଶଲ୍ୟା ସେଠୀ, ହାଟଡ଼ିହୀ ବ୍ଲକ ସଭାପତି ସୁରେନ୍ଦ୍ର ନାୟକ, ଆନନ୍ଦପୁର ବିଜେଡ଼ି ମ୍ୟୁନସିପାଲିଟି ସଭାପତି ରମାକାନ୍ତ ବେହେରା, ଆନନ୍ଦପୁର ବ୍ଲକ ସଭାପତି ରାମଚନ୍ଦ୍ର ପଲେଇ, ହାଟଡ଼ିହୀ ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ନରେନ୍ଦ୍ର ନାୟକ, ବରିଷ୍ଠ ନେତା ବୈଦ୍ୟନାଥ ସାମଲ, କାମପାଳ ନାୟକ, ଗୋପାଳ ନାୟକ, ପୂର୍ବତନ ବ୍ଲକ ସଭାପତି ବିକ୍ରମକେଶରୀ ବିଶ୍ୱାଳ, ଶତ୍ରୁଘ୍ନ ପାତ୍ର, ଚକ୍ରଧର ପୁହାଣ, ଗଦାଧର ଦାସ, ସୂର୍ଯ୍ୟମଣି ବେହେରା, ବିଶ୍ୱନାଥ ନାୟକ, ବୀରେନ୍ଦ୍ର ବିଶ୍ୱାଳ, ଗୌରାଙ୍ଗ ରଣା, କୁଳମଣି ରାଉତ, ପ୍ୟାରୀମୋହନ ମଲ୍ଲିକ, ଦୁଶାସନ ସାହୁ, ବିମଳ କିଶୋର ଜେନା, ନନ୍ଦୁଚରଣ ଜେନା, ଉଦୟନାଥ ସା, ରଞ୍ଜନ କୁମାର ପହି, ତ୍ରୈଲୋକ୍ୟନାଥ ସାହୁ, ପତିତପାବନ ଦେଓ, ଜୀବନ କୁମାର ଜେନା, ଅଁରା ପଞ୍ଚାୟତ ସଭାପତି ଶତ୍ରୁଘ୍ନ ସା, ହାଟଡ଼ିହୀ ପଞ୍ଚାୟତ ସମିତିସଭ୍ୟ କୈଳାସ ରାଉତ, ପ୍ରଭାତ ବିଶ୍ୱାଳ, ଫେଟୁ ପଣ୍ଡା, ପ୍ରଦୀପ କୁମାର ଜେନା, ବଡ଼ରମ୍ପାସ ସରପଞ୍ଚ ରବିନ୍ଦ୍ର ଜେନା, ପଡିଆରିପଲ୍ଲୀ ସରପଞ୍ଚ ଅଜିତ ରାଉତ, ରବିନ୍ଦ୍ର କୁମାର ପାଢ଼ୀ, ଯୁବନେତା ଦିଲ୍ଲୀପ କୁମାର ମଲ୍ଲିକ, ରତ୍ନାକର ବିଶ୍ୱାଳଙ୍କ ସମେତ ପ୍ରଶାନ୍ତ କୁମାର ନାୟକ, ସୁଧାଂଶୁ ଶେଖର ନାୟକ, ରାକେଶ କୁମାର ଜେନା, ହିମାଂଶୁ ଶେଖର ଜେନାଙ୍କ ଦିଲ୍ଲୀପ କୁମାର ସା, ସୁବ୍ରତ କୁମାର ପାତ୍ର, ମୁକେଶ ରାଉତ, ଅଭଜିତ ସେନାପତି, ନିର୍ମଳ ସେଠୀ, ଅତୁଲ ବେହେରା, ଅରୂପ କୁମାର ସା, କାହ୍ନୁଚରଣ ସା, ରାଜେନ୍ଦ୍ର ଜେନାଙ୍କ ସମେତ ଶତାଧିକ କର୍ମୀ ଓ ଛାତ୍ରନେତା ଯୋଗ ଦେଇଥିଲେ । ପ୍ରତ୍ୟେକ ପଞ୍ଚାୟତର ବିଜେଡି କର୍ମୀଙ୍କୁ ନେଇ ବୈଠକ କରାଇ ସଂଗଠନକୁ ସୁଦୃଢ଼ କରି ପୁନର୍ବାର ବିଜେଡି ଦଳ ଓ କର୍ମୀଙ୍କ ହାତମୁଠାକୁ ମଜବୁତ୍ କରିବା ପାଇଁ ବିଧାୟକ ଶ୍ରୀ ସେଠୀ ଆହ୍ୱାନ ଦେଇଥିଲେ । ଏହି କର୍ମୀ ସମ୍ମିଳନୀରେ ମାଧ୍ୟମରେ ସମସ୍ତଙ୍କ ମନରେ ଆଗ୍ରହ ଏବଂ ଉତ୍ସାହ ଦୃଷ୍ଟିରୁ ବିଜେଡି ଦଳ ପୁନର୍ବାର ଶକ୍ତିଶାଳୀ ହେବା ନେଇ ଆଶା ସଞ୍ଚାର ହୋଇଛି ।

## ୨୦ ଦିନରେ ଉଠିଗଲା ପିଚୁ
# ଆନ୍ଦୋଳନ ପାଇଁ ମାସା ଆର୍ମୀ ସଜବାଜ



ବାରିପଦା, ୧୯ ।୧୧(ସମିସ): ପୂର୍ତ୍ତ ବିଭାଗ ପକ୍ଷରୁ ୨୦ ଦିନ ପୂର୍ବରୁ ବାରିପଦା ଷ୍ଟାଡିୟମ ଗୋଲେଇଠାରୁ ବସଷ୍ଟାଣ୍ଡକୁ ଯାଇଥିବା ସତ୍ୟସାଇ ଛକ ପର୍ଯ୍ୟନ୍ତ ରାସ୍ତାକୁ ମରାମତି କରାଯାଇଥିଲା; କିନ୍ତୁ ନିର୍ମାଣର ୨୦ ଦିନ ଭିତରେ ରାସ୍ତାରୁ ପିଚୁ ଉଠିବା ଆରମ୍ଭ ହୋଇଛି । ପୁଣି ରାସ୍ତାରେ ଖାଲଖମା ହେବା ସହିତ ଧୂଳି ଉଡି ବାୟୁ ମଣ୍ଡଳ ଦୂଷିତ ହେଉଛି । କାର୍ଯ୍ୟାଦେଶ ପାଇଥିବା ଠିକା ସଂସ୍ଥା ଠିକ ଭାବରେ କାମ କରି ନାହିଁ କି ବିଭାଗୀୟ ଯନ୍ତ୍ରୀ ମଧ ତଦାରଖ କରି ନାହାନ୍ତି । ଫଳରେ ରାସ୍ତାଟି ଅତି ନିମ୍ନମାନର କାମ କରାଯାଇଛି । ସେହିପରି ମୁର୍ଗାବାଡି ଗୋଲେଇ ଠାରୁ ଦେଉଳି ରାସ୍ତା ମଧ କିଛି ଦିନ ପୂର୍ବରୁ ମରାମତି କରାଯାଇଥିଲା । ସେହି ରାସ୍ତାରୁ ମଧ ପିଚୁ ଉଠି ପୁଣିଥରେ ଖାଲଢିପ ହେବା ସହ ଛୋଟ ବଡ ଦୁର୍ଘଟଣା ମାନ ଘଟୁଛି । ତେଣୁ ଆଗାମୀ ୭ ଦିନ ଭିତରେ ଉକ୍ତ ରାସ୍ତାକୁ ପୁନଃ ମରାମତି କରାଯିବା ସହିତ ନିମ୍ନମାନର କାମ କରିଥିବା ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ବାରିପଦା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟକୁ ଘେରଉ କରାଯିବ ବୋଲି ମାସା ଆର୍ମୀ ସଂଗଠନ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ଚେତାବନୀ ଦେଇଛନ୍ତି । ଶ୍ରୀ ମାରାଣ୍ଡି ନେତୃତ୍ୱରେ ଏକ ସ୍ମାରକପତ୍ର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ଗୌତମ ସିଂ, ବ୍ରଜେଶ୍ ମୁର୍ମୁ, କିରଣ କୁମାର ମାରାଣ୍ଡି, ଭୀମ ଚରଣ ଟୁଡୁ, ବିକ୍ରମ ମୁର୍ମୁ, ବାପି ହାଁସଦା, ଜନ ହାଁସଦା, ଦାସ୍ ବାସ୍କେ, ଦୀପକ କୁମାର ହେମ୍ବ୍ରମ, ଅବିନାଶ ମାରାଣ୍ଡି, ସତ୍ୟବ୍ରତ ବେହେରା ପ୍ରମୁଖ ସାମିଲ ଥିଲେ ।

## ନାବାଳକ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଉଦଳା,୧୯।୧୧(ସମିସ): ବାପାଛାଡିଦେଇଆସିଥିଲେକଲେଜରେ । ହେଲେଘରଠାରୁ ୧୧ କିମି ଦୂରରେ ମିଳିଲା ନାବାଳକ ଛାତ୍ରଙ୍କ ଝୁଲନ୍ତା ମୃତଦେହ । ଏଭଳି ଏକ ଘଟଣା ଘଟିଛି ଉଦଳା ଥାନା ଅନନ୍ତପୁର ଗ୍ରାମରେ । ଉଦଳା ଥାନା ଭୁରୁଡୁବଣୀ ଗ୍ରାମର ଭାନୁ ସିଂଙ୍କ ୧୭ ବର୍ଷର ପୁଅ ଜଗନ ସିଂ ବାରିପଦାର ଏକ ଘରୋଇ କଲେଜରେ ଆଇଟିଆଇ ପଢନ୍ତି । ମଙ୍ଗଳବାର ପୁଅ ଜଗନଙ୍କୁ କଲେଜରେ ଛାଡି ଦେଇ ଆସିଥିଲେ ବାପା ଭାନୁ । କିନ୍ତୁ ବୁଧବାର ସକାଳେ ଅନନ୍ତପୁର ଗ୍ରାମର ଏକ ନାଳ ନିକଟରେ ତାଙ୍କର ମୃତଦେହ ଝୁଲୁଥିବା ଅବସ୍ଥାରେ ପାଇଥିଲେ ପରିବାର । ପୁଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି । ହେଲେ ପାରିପାଶ୍ୱିକ ପରିସ୍ଥିତିରୁ ମୃତକ ଜଗନ ଆତ୍ମହତ୍ୟା କରିଥିବାପୁଲିସ୍ଅନୁମାନକରୁଛି । ହେଲେବାପାଭାନୁତାଙ୍କପୁଅକୁହତ୍ୟାକରାଯାଇଥିବା ଅଭିଯୋଗ କରିଛନ୍ତି । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଚୋରା ପଥର ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର/କରଞ୍ଜିଆ,୧୯।୧୧(ସମିସ): ଖଣି ବିଭାଗ ପକ୍ଷରୁ ଚୋରା ପଥର ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି । ଏହାସହିତ ଟ୍ରାକ୍ଟର ଚାଳକକୁ ଗିରଫ କରାଯାଇଛି । ଚାଳକ ଜଣକ ହେଲେ କରଞ୍ଜିଆ ଥାନା ଅନ୍ତର୍ଗତ ବାଦଲ କୁମାର ମହାନ୍ତ । ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି । ଯାହାକୁ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଅଧିକାରୀ ଚାମରୁ ମାଝୀଙ୍କ ନେତୃତ୍ୱରେ ଏକ ଟିମ କରଡ଼ିହି ଗ୍ରାମ ଅଞ୍ଚଳରେ ଚଢଉ କରିଥିଲେ । ଏକ ଟ୍ରାକ୍ଟରରେ ଲାଟେରାଇଟ ପଥର ବୋଝେଇ କରି ଦ୍ରୁତଗତିରେ ଆସୁଥିବାବେଳେ ଅଟକାଇ ପଚରାଉଚରା କରିଥିଲା ।

## ଅବକାରୀ ଚଢ଼ଉ; ପୋଚ ଓ ମହୁଲି ମଦ ନଷ୍ଟ

କରଞ୍ଜିଆ,୧୯।୧୧(ସମିସ): କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ ଝରବେଡା ଓ ଛେଳିଆପୋଷି ଗ୍ରାମରେ ଚଢ଼ଉ କରାଯାଇ ୭୬୫୦ କେଜି ପୋଚ ଓ ୩୬୫ଲିଟର ମହୁଲିମଦ ନଷ୍ଟ ହୋଇଛି । ଉଭୟ ଗ୍ରାମ ମହୁଲି ରନ୍ଧା ସ୍ଥଳରେ ଚଢ଼ଉ ହୋଇଥିଲା । ଚଢ଼ାଉ ପୂର୍ବରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି । ଘଟଣାସ୍ଥଳରୁ ମଦରନ୍ଧା ସାମଗ୍ରୀ ଜବତ ସମେତ ୭୬୫୦ କେଜି ପୋଚ ଏବଂ ୩୬୫ ଲିଟର ମହୁଲିକୁ ପରେ ନଷ୍ଟ କରାଯାଇଥିଲା ।

## ଜିଲ୍ଲା ଶିକ୍ଷାଧିକାରୀଙ୍କ ଦୁର୍ବ୍ୟବହାର ଅଭିଯୋଗ

ବାରିପଦା, ୧୯ ।୧୧(ସମିସ): ନିପୁଣ ଓଡିଶା ମହିଳା କର୍ମୀମାନେ ଧାରଣା ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି । ଏ ନେଇ ମା' ଅମ୍ବିକା ମହିଳା ମହାମଣ୍ଡଳ ସମ୍ପାଦିକା ଓ ଅନ୍ୟମାନଙ୍କ ନାମରେ ଭଞ୍ଜପୁର ଥାନାରେ ମାମଲା ରୁଜୁ ହୋଇଛି । ସୂଚନା ଅନୁଯାୟୀ, ନଭେମ୍ବର ୧୧ ତାରିଖରେ ବିଭିନ୍ନ ଦାବି ନେଇ ନିପୁଣ ଓଡିଶା ମହିଳା କର୍ମୀମାନେ ମା' ଅମ୍ବିକା ମହିଳା ମହା ମଣ୍ଡଳ ସମ୍ପାଦିକାଙ୍କ ନେତୃତ୍ୱରେ ମୁର୍ଗାବାଡ଼ି ସ୍ଥିତ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ତେବେ ଉକ୍ତ ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସେଠୀଙ୍କୁ ସେମାନେ ଦୁର୍ବ୍ୟବହାର କରିଥିଲେ । ତାଙ୍କୁ ଜୋର ଜବରଦସ୍ତି ଦିନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ମଧ୍ୟରେ ଅଟକାଇ ରଖିଥିଲେ । ସେ ଆଲୋଚନା କରିଥିଲେ ସୁଦ୍ଧା ମହିଳାମାନେ କୌଣସି କଥା ଶୁଣିନଥିଲେ ବୋଲି ସେ ଅଭିଯୋଗ କରିଛନ୍ତି । ଭଞ୍ଜପୁର ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ଆସେକାରେ ସାମାଜିକ ସଚେତନତା ଶିବିର

ବହଳଦା, ୧୯।୧୧(ସମିସ): ତିରିଂ ବ୍ଲକ ଅନ୍ତର୍ଗତ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ପରିଷଦ (ଆସେକା)ର ତିରିଂ ଶାଖା କାର୍ଯ୍ୟାଳୟରେ ଦିଶମ ହାପଲାମ ବୀରଗାଳ ପକ୍ଷରୁ ଏକ ସାମାଜିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଦିଶମ ହାପଲାମ ବୀରଗାଳ ସଂସ୍ଥାନ ପକ୍ଷରୁ ସାନ୍ତାଳୀ ସମ୍ପ୍ରଦାୟର ବିବାହ ବିଧି ଓ ରୋଗ ବ୍ୟାଧି ଉପଚାର ଉପରେ ଏକ ସାମାଜିକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ତିରିଂ ଆସକାର ଉପଦେଷ୍ଟା ରାମରାୟ ମାଝୀଙ୍କ ପକ୍ଷରୁ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଓଡିଶାର ବିଭିନ୍ନ ଅଞ୍ଚଳରୁ ଶିବିରରେ ଯୋଗଦେଇଥିଲେ । ଏହାପରେ କାର୍ତ୍ତିକ ହେମ୍ବ୍ରମ ସଭା ପରିଚାଳନା କରିଥିଲେ । ବୈଠକରେ ସାନ୍ତାଳ ସମାଜରେ ରହିଥିବା ବିଭିନ୍ନ ବିବାହ ପଦ୍ଧତି, ରୀତିନୀତି ଓ ପରମ୍ପରା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଆଇନଜୀବି ଲକ୍ଷ୍ମଣ ମାର୍ଣ୍ଡି ସାନ୍ତାଳ ସମାଜକୁ ଯୌତୁକଠାରୁ ଦୂରେଇ ରଖିବାକୁ ଆହ୍ୱାନ ଦେଇଥିଲେ । ଦିଶମ ହାପଲାମ ବୀରଗାଳ ସଂଗଠନ ମୁଖ୍ୟ ଲାଖାଇ ଟୁଡୁ ଦୀର୍ଘ ଦିନରୁ ବିଭିନ୍ନ ରୋଗ ବ୍ୟାଧିରେ ପଡିଥିବା ବ୍ୟକ୍ତି ଉପଚାର ପାଇଁ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଛେଳି, ମେଣ୍ଢା, କୁକୁଡା ସହ ହଜାର, ହଜାର ଟଙ୍କା ହରାଇ ଠକାମୀର ଶିକାର ହେଉଥିବା ଉଦାହରଣ ଉପସ୍ଥାପନ କରିଥିଲେ ।

## କରଞ୍ଜିଆ ପଞ୍ଚାୟତସମିତିର ବୈଠକ



କରଞ୍ଜିଆ, ୧୯।୧୧(ସମିସ): ବୁଧବାର କରଞ୍ଜିଆ ପଞ୍ଚାୟତ ସମିତିର ନବମ ସାଧାରଣ ବୈଠକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ, ସମ୍ମାନିତ ଅତିଥି ଭାବେ ବିଡ଼ିଓ ପ୍ରଦ୍ୟୁମ୍ନ କୁମାର ନାଏକ, ଉପାଧ୍ୟକ୍ଷ ଛତିଶ ଚନ୍ଦ୍ର ମହାନ୍ତ, କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ଦେବେନ୍ଦ୍ର ମହାନ୍ତ, ଜିଲ୍ଲାପରିଷଦ ସଦସ୍ୟା ଜ୍ୟୋସ୍ନାରାଣୀ ନାଏକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଲୋକନାଥ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ । ମହାତ୍ମା ଗାନ୍ଧୀ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ଗୃହ ନିର୍ମାଣ ବିଭାଗ, ବିଦ୍ୟୁତ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ବୈଠକରେ ଏବିଡ଼ିଓ ଦଳେଇ ସିଂ, ସହକାରୀ ଉଦ୍ୟାନ ଅଧିକାରିଣୀ ସ୍ୱର୍ଣ୍ଣମୟୀ ସିଂ, କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ସନ୍ଦୀପ ରଞ୍ଜନ ଜେନାଉପସ୍ଥିତ ଥିଲେ । ବ୍ଲକ ଉପାଧ୍ୟକ୍ଷ ଛତିଶ ଚନ୍ଦ୍ର ମହାନ୍ତ ଧନ୍ୟବାଦ ଦେଇଥିଲେ ।

## ଜିଲ୍ଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ



କେନ୍ଦୁଝର, ୧୯।୧୧(ସମିସ): ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ବିଶ୍ୱ ଶୌଚାଳୟ ଦିବସ-୨୦୨୫ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । କାର୍ଯ୍ୟକ୍ରମର ବିଷୟ 'ଆମ ଶୌଚାଳୟ, ଆମ ଭବିଷ୍ୟତ' । ଏହା ଆସନ୍ତା୧୦ ଡିସେମ୍ବର ଅନ୍ତର୍ଜାତୀୟ ମାନବ ଅଧିକାର ଦିବସ ପର୍ଯ୍ୟନ୍ତ ପାଳନ କରାଯିବ । ଏହି ଅବଧି ମଧ୍ୟରେ ବଂଚିତ ଥିବା ସମସ୍ତ ଯୋଗ୍ୟହିତାଧିକାରୀଙ୍କୁ ଚିହ୍ନଟକରି ପାଇଖାନା ନିର୍ମାଣ କାର୍ଯ୍ୟାଦେଶ ପ୍ରଦାନ କରିବା ସହିତ ଏହିଗୁଡିକର ସମସ୍ତ ନିର୍ମାଣ କାର୍ଯ୍ୟ ଏବଂ ବାକିଥିବା ଗୋଷ୍ଠୀସ୍ତରୀୟ ଶୌଚାଳୟଗୁଡିକର ନିର୍ମାଣ ଆସନ୍ତା ୩୧ ଡିସେମ୍ବର ମଧ୍ୟରେ ସମାପ୍ତ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଇତ୍ୟାଦିରେ ଶୌଚାଳୟଗୁଡିକର ସର୍ଭେକରି ଆବଶ୍ୟକସ୍ଥଳେ ଏହାର ଉପଲବ୍ଧତତା ସୁନିଶ୍ଚିତ କରାଇବା ସହ ଗ୍ରାମାଞ୍ଚଳରେ ଥିବା ବ୍ୟକ୍ତିଗତ ଘରୋଇ ପାଇଖାନା, ଆନୁଷ୍ଠାନିକ ତଥା ଗୋଷ୍ଠୀସ୍ତରୀୟ ଶୌଚାଳୟଗୁଡିକର ନିର୍ମାଣ, ମରାମତି, ରକ୍ଷଣାବେକ୍ଷଣ ଓ ଏହାର ସୌନ୍ଦର୍ଯ୍ୟକରଣ କରିବା ଏବଂ ଏହାର ବ୍ୟବହାର/କାର୍ଯ୍ୟକ୍ଷମ କରାଇବା ପାଇଁ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ପାଇଁ ଆଲୋଚନା କରାଯାଇଥିଲା ।

## ଜବରଦଖଲ ଉଚ୍ଛେଦ ନେଇ ଉତ୍ତେଜନା



ଆନନ୍ଦପୁର, ୧୯।୧୧ (ସମିସ): ଘସିପୁରା ତହସିଲ ଅନ୍ତର୍ଗତ ବସନ୍ତପୁରା ଗ୍ରାମରେ ଜବରଦଖଲ ଉଚ୍ଛେଦ ବେଳେ ଜେସିବି ଗାଡି ଏବଂ କର୍ମଚାରୀଙ୍କୁ ପ୍ରବଳ ବିରୋଧ ହେବା ଫଳରେ ଉତ୍ତେଜନା ପ୍ରକାଶ ପାଇଛି । ଉଚ୍ଛେଦ କରି ନପାରି ମଙ୍ଗଳବାର ଫେରିଆସିଥବା ପ୍ରଶାସନ ଆଜି ଜବରଦଖଲକୁ ଉଚ୍ଛେଦ କରିବାରେ ସଫଳ ହୋଇଛି । ବସନ୍ତପୁରା ଗାଁ ମୁଣ୍ଡରେ ଥିବା ଶ୍ମଶାନ ଜମିକୁ ଗାଁର କିଛି ଲୋକ ଅନେକ ବର୍ଷରୁ ଜବରଦଖଲ କରି ରଖିଥିଲେ । ଘଟଣାକୁ ନେଇ ଗାଁର କିଛି ଲୋକ ଅଦାଲତର ଆଶ୍ରୟ ନେଇଥିଲେ । ଅଦାଲତ ପ୍ରଶାସନକୁ ଜବରଦଖଲ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ସମ୍ପୃକ୍ତ ସ୍ଥାନରେ ନିର୍ମାଣ କରାଯାଇଥିବା ଘରକୁ ଗତ ବର୍ଷ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିଲା । ପୁନର୍ବାର ଦଖଲକାରୀମାନେ ସେହି ସ୍ଥାନରେ ଘର ନିର୍ମାଣ କରି ରହିଥିଲେ । ଘଷିପୁରା ତହସିଲଦାର ଅଭୟ କୁମାର ସ୍ୱାଇଁ ପୁଲିସ ଫୋର୍ସ ସହ ଏକ ଜେସିବି ମେସିନ ନେଇ ଉଚ୍ଛେଦ ପ୍ରକ୍ରିୟା କଲାବେଳେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା ।

## ଗାଡ଼ି ଧକ୍କାରେ ଜଣେ ମୃତ

ମହୁଲଡିହା,୧୯।୧୧(ସମିସ): ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ସାଗର ସାହି ଛକରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ଜଣକ ହେଉଛନ୍ତି ଅଖାପଲାଣ ଗ୍ରାମର ପ୍ରଦୀପ ମଡ଼େଇ(୩୫) । ଠାକୁରମୁଣ୍ଡା ପୁଲିସ ଖବର ପାଇ ଘଟଣାସ୍ଥଳରୁ ଅଗ୍ନିଶମ ବିଭାଗ ସହଯୋଗରେ ଆହତ ଯୁବକଙ୍କୁ ଠାକୁରମୁଣ୍ଡା ଡାକ୍ତରଖାନାକୁ ଆଣିଥିଲେ । ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ । ପୁଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି ।

## ଜୟନ୍ତୀ ଆଚାର୍ଯ୍ୟ ନୂତନ ଅବକାରୀ ନିରୀକ୍ଷକ

କରଞ୍ଜିଆ,୧୯।୧୧(ସମିସ): କରଞ୍ଜିଆ ଅବକାରୀ ବିଭାଗରେ ନୂତନ ଅବକାରୀ ନିରୀକ୍ଷକ ଭାବେ ଜୟନ୍ତୀ ଆଚାର୍ଯ୍ୟ କାର୍ଯ୍ୟରେ ଯୋଗ ଦେଇଛନ୍ତି । ସେ ପୂର୍ବତନ ଅବକାରୀ ନିରୀକ୍ଷକ ବିନୟ ପ୍ରକାଶ ତିରିୟାଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଶ୍ରୀମତୀ ଆଚାର୍ଯ୍ୟ ଏହା ଆଗରୁ ବୌଦ ମନୋମୁଣ୍ଡା ଠାରେ କାର୍ଯ୍ୟରତ ଥିଲେ । କରଞ୍ଜିଆରେ ଯୋଗଦେବା ପରେ ଅଂଚଳରେ ବେଆଇନ ମଦ କାରବାର କରୁଥିବା ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ବାରିପଦା, ୧୯।୧୧(ସମିସ): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ଭଞ୍ଜପୁର ଥାନା ପୁଲିସ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଚାଳକକୁ ଗିରଫ କରାଯାଇଛି । ଚାଳକ ଜଣକ ହେଲେ କୁଳିଅଣା ଥାନା ଅନ୍ତର୍ଗତ କୁଚେଇ ଗ୍ରାମର ଜିତରାଇ ସିଂ (୩୫) । ଖବର ପାଇ ପୁଲିସ ପକ୍ଷରୁ ମୁର୍ଗାବାଡ଼ି ଛକ ନିକଟରେ ଦ୍ରୁତଗତିରେ ଆସୁଥିବା ଗାଡିକୁ ଅଟକାଇ ପଚରାଉଚରା କରିଥିଲା । ମାଲିକଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ଭାବେ ବାଲି ଚୋରା ଚାଲାଣ କରୁଥିବା ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି । ଏନେଇ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି ।

## ● ଅଟେଇ ସଂରକ୍ଷିତ ଜଙ୍ଗଲରେ ତନାଘନା
# ଲାଗିଲା ଟ୍ରାପ୍ କ୍ୟାମେରା

ତୁରୁମୁଙ୍ଗା, ୧୯।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅନ୍ତର୍ଗତ ବଣ ମହୁଲଡିହା ଗାଁ ସୁନଖମ ସାହି ନିକଟ ଅଟେଇ ସଂରକ୍ଷିତ ଜଙ୍ଗଲ ଭିତରେ ଏକ ହରିଣର ଗଳିତ ମୃତଦେହ ମିଳିବା ସହ ବାଘର ପାଦ ଚିହ୍ନ ଦେଖିବା ପରେ ବନ ବିଭାଗ ପକ୍ଷରୁ ତନାଘନା ଆରମ୍ଭ ହୋଇଛି । ବୁଧବାର ବନ୍ୟଜୀବ ବିଜ୍ଞାନୀ ଘଟଣାସ୍ଥଳରେ ପହଞ୍ଚିବା ସହ ବାଘର ଗତିବିଧି ଉପରେ ନଜର ରଖିବା ପାଇଁ ଜଙ୍ଗଲ ଭିତରେ ଟ୍ରାପ କ୍ୟାମେରା ଲଗାଯାଇଛି । ବନ ବିଭାଗର ପାରାଷ୍ଟାଫ ପାଟ୍ରୋଲିଂ କରୁଥିବା ସମୟରେ ଏକ ହରିଣର ଗଳିତ ମୃତଦେହ ଦେଖିଥିଲେ । ପରେ ବନ ବିଭାଗ ତନାଘନା ଆରମ୍ଭ କରିଛି । ପାରିପାର୍ଶ୍ୱିକ ସ୍ଥିତିରୁ ୪ରୁ ୭ ଦିନ ପୂର୍ବରୁ ଏକ ବାଘ ହରିଣକୁ ଶିକାର କରିଥିବା ଅନୁମାନ କରାଯାଉଛି । ତେବେ ଏହା କୋଉ ବାଘ ତାହା ଜଣା ପଡି ନଥିବା ବେଳେ ବାଘର ଫଟୋ ଉତ୍ତୋଳନ ପାଇଁ ଅଟେଇ ଜଙ୍ଗଲରେ ବନ ବିଭାଗ ଟ୍ରାପ କ୍ୟାମେରା ଲଗାଇଛି । ଘଟଣାକୁ ନେଇ ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର କହିଛନ୍ତି, ଜଙ୍ଗଲରେ ଟ୍ରାପ କ୍ୟାମେରା ଲଗାଯାଇଛି । ତେବେ, ଏହି ପାଦ ଚିହ୍ନ ଏକ କଲରାପତ୍ରିଆ ବାଘର ପାଦ ଚିହ୍ନ ବୋଲି ଅନୁମାନ କରାଯାଉଥିବା ଏସିଏଫ ଡ ସୁଦୀପ୍ତ ପଣ୍ଡା କହିଛନ୍ତି ।



## ● ଜିଲ୍ଲାସ୍ତରୀୟ କିଷାନ ସମ୍ମାନ ନିଧି ସମାରୋହ
# ୨୧ତମ କିସ୍ତି ହସ୍ତାନ୍ତର; ୨.୩୭ ଲକ୍ଷ ଚାଷୀ ଉପକୃତ



ବାରିପଦା, ୧୯ ।୧୧(ସମିସ): ତାମିଲନାଡୁର କୋଏମ୍ବାଟୁର ଠାରେ ପିଏମ କିଷାନ ସମ୍ମାନ ନିଧି ସମାରୋହକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଉଦଘାଟନ କରିଛନ୍ତି । ଏହି ଅବସରରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ବାରିପଦା ପ୍ରକାଶ ସୋରେନ, ସମ୍ମାନିତ ଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ଯୋଗ ଦେଇ ମୟୂରଭଞ୍ଜ ଜିଲ୍ଲାର ୨,୩୭,୭୧୨ ଜଣ ଚାଷୀ ଉପକୃତ ହୋଇଛନ୍ତି ବୋଲି କହିଥିଲେ । ଶ୍ୟାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସଙ୍ଘମିତ୍ରା ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ ଏହି ଯୋଜନା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲୋକନାଥ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଟଙ୍କଧର କାଲୋ, ସହକାରୀ କୃଷି ନିର୍ଦ୍ଦେଶିକା ମଧୁସ୍ମିତା ଜେନା, ସହକାରୀ କୃଷି ଅଧିକାରୀ ରମ୍ୟ ରଞ୍ଜନ ମହାନ୍ତ, ଅର୍ଚ୍ଚନା ବଳ ଏବଂ କାର୍ଯ୍ୟାଳୟର ତୁଷାର କାନ୍ତ ମହାନ୍ତି, ମାନସ ରଞ୍ଜନ ମହାନ୍ତି, ସରୋଜ ଦାସ, ରାଜାରାମ ସାହୁଓ ଭାଗ୍ୟଶ୍ରୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବିଭିନ୍ନ ବ୍ଲକ୍ସ୍ତରୀୟ ବାଲ୍ ବୈଜ୍ଞାନିକ୍ ପ୍ରଦର୍ଶନୀ

ଆନନ୍ଦପୁର, ୧୯।୧୧ (ସମିସ)







ଘସିପୁରା ବ୍ଲକ ସୁଆଁପଦା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଏବଂ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ରଂଜିତ କୁମାର ସାହୁଙ୍କ ଆବାହନ ଏବଂ ବିଇଓ ସଦ୍ୟସ୍ନାନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ମୁଖ୍ୟବକ୍ତା ଭାବେ ବିଡିଓ ବିନିତା ବିଜୟିନି, ସ୍ୱତନ୍ତ୍ର ଅତିଥି ଭାବେ ଏଡିଇଓ ଶ୍ରୀକାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଏବିଇଓ ହାଡିବନ୍ଧୁ ସାହୁ, ଜିଲ୍ଲା ଓଷ୍ଟା ସମ୍ପାଦକ ରଞ୍ଜନ କୁମାର ଘଡେଇ, ଗୋବର୍ଦ୍ଧନ ଜେନା, ସୁରେଶଚନ୍ଦ୍ର ମହାନ୍ତି, ରଂଜିତ ପାତ୍ର, ସିଆରସିସି ବଳଭଦ୍ର ଜେନା ପ୍ରମୁଖ ଯୋଗ ଦେଇଥିଲେ । ପ୍ରାଥମିକ ବିଦ୍ୟାଳୟ ଏବଂ ମାଧ୍ୟମିକ ବିଦ୍ୟାଳୟରୁ ମୋଟ ୯୨ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ଶ୍ରେଷ୍ଠ ସାତଟି ସ୍ଥାନରେ ନରସିଂହପୁର ଉପ୍ରା ବିଦ୍ୟାଳୟର ସାଇଶ୍ରୀ ସାହୁ, ବଳରାମପୁର ଉଚ୍ଚବିଦ୍ୟାଳୟର ଅସିତ କୁମାର ସାହୁ, ସୁଆଁପଦା ଆଦର୍ଶ ବିଦ୍ୟାଳୟର ଅଂଶୁମାନ ଭଞ୍ଜ, ବଳରାମପୁର ଉଚ୍ଚବିଦ୍ୟାଳୟର ପରମେଶ୍ୱର ବେହେରା, ଗଡ଼ବନ୍ଧ ଗୋଡା ଉପ୍ରା ବିଦ୍ୟାଳୟର ଆରାଧ୍ୟା ମହାନ୍ତି, ସୁଆଁପଦା ଆଦର୍ଶ ବିଦ୍ୟାଳୟର ମନୀଷ କୁମାର ଓଝା, ଅଲେଖମହିମା ଉପ୍ରା ବିଦ୍ୟାଳୟର ଅନୁସୟା ପୃଷ୍ଟି ରହିବା ସହ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକୁ ମନୋନୀତ ହୋଇଛନ୍ତି । ସେହିପରି ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ପାଇଁ ମାଧ୍ୟମିକ ସ୍ତରରୁ ସୁଆଁପଦା ଆଦର୍ଶ ବିଦ୍ୟାଳୟର ଶୁଭ୍ରାଂଶୁ କୁମାର ରାଉତ, ମଛାଳୋ ଉଚ୍ଚବିଦ୍ୟାଳୟର ସତ୍ୟଶ୍ରୀ ସତ୍ୟସାଇ ପଣ୍ଡା, କୁଶଳେଶ୍ୱର ଉଚ୍ଚବିଦ୍ୟାଳୟର ନିଶିକାନ୍ତ ପାଣିଗ୍ରାହୀ ସୁଆଁଳୋ ଉପ୍ରା ବିଦ୍ୟାଳୟର ସାଇସ୍ୱଦ ଓଝା, ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟର ଲକ୍ଷ୍ମୀଧର ମହାରଣା ଏବଂ ଗଡ଼ବକ୍ଷନ୍ଦଗୋଡା ଉପ୍ରା ବିଦ୍ୟାଳୟର ଲୋପାମୁଦ୍ରା ସ୍ୱାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଉଦଯାପନୀ ଉତ୍ସବରେ ଅତିଥି ଭାବେ ବିଇଓ ସଦ୍ୟସ୍ନାନ ପଣ୍ଡା, ଏବିଇଓ ହାଡିବନ୍ଧୁ ସାହୁ, ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଓଡିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଅମୁଲ୍ୟ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସିଆରସିସି ପ୍ରସନ୍ନ ସା ଧନ୍ୟବାଦ ଅର୍ପଣ କରିଥିଲେ । ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପୀନାଥ ଜେନା, ଶିଶିର କୁମାର କର, ଅଧ୍ୟାପକ ପ୍ରବୀଣ କୁମାର କବି ଯୋଗ ଦେଇଥିବା ବେଳେ ଆଦର୍ଶ ବିଦ୍ୟାଳୟର ଶିକ୍ଷକ ପ୍ରସନ୍ନ ମହାପାତ୍ର, ସସ୍ମିତା ନାୟକ, ସ୍ୱସ୍ତିମତି ନାୟକ, ମନ୍ଦାଗିନୀ ବେହେରା, ରବିନା ଜେନା, ପ୍ରଦୀପ ସାହୁ, ପରିସୀମା ଓଝା, ସୁନୀଲ ସାହୁ, ପ୍ରଶାନ୍ତ ସାହୁ, ବିଭୂଭୂଷଣ ମହାନ୍ତି, ସୁବ୍ରତ ନାୟକ, ଭଜମନ ନାୟକ, ଦୀପକ ପଣ୍ଡା, ମନୀଷା ଆଚାର୍ଯ୍ୟ, ବିଦ୍ୟୁତପ୍ରଭା ମହାନ୍ତି, ସ୍ଥିତିପ୍ରଜ୍ଞା ମଲ୍ଲିକ, ବିରାଜ କୁଆଁର, ସିଆରସିସି ବିଶିକେସନ ଭୂୟାଁ, ସଞ୍ଜୟ ସାହୁ, ସଂଜୀବ ବେହେରା, ଆଦିକନ୍ଦ ସାହୁ, ନିତ୍ୟାନନ୍ଦ ମହାରଣା, ଜଗନ୍ନାଥ ଜେନା, ପ୍ରାଣନାଥ ଜେନା, ଧନୁର୍ଦ୍ଧର ସାହୁ, ପ୍ରଶାନ୍ତ ନାଥ, ତପନ ସାହୁ, ଆଲୋକ ରଞ୍ଜନ ବାରିକ, ପ୍ରଦ୍ୟୁମ୍ନ ବାରିକ, ମନୋଜ ପୃଷ୍ଟି, ଅଶୋକ ବାରିକ, ଶିକ୍ଷକ ପ୍ରଦ୍ୟୁମ୍ନ ଶତପଥୀ, କ୍ଷେତ୍ରବାସୀ ବେହେରା, ପ୍ରକାଶ ମହାପାତ୍ର ସହଯୋଗ କରିଥିଲେ ।

**ତେଲକୋଇ:** ତେଲକୋଇ ବ୍ଲକ ସଦର ମହକୁମା ସରକାରୀ ଉଚ୍ଚବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଦାଶରଥି ଶୁଣ୍ଡି, ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେଶ୍ୱର ବେହେରା, ଅକ୍ଷୟ ପାତ୍ର ଯୋଗ ଦେଇଥିଲେ । ୧୪ଟି କ୍ଲଷ୍ଟରରୁ ୧୫୦ରୁ ଅଧିକ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ବେଳେ ୭ଟି ପ୍ରକଳ୍ପ ଦୋବଲାପାଳ ଉଚ୍ଚବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ, ଶିବ ନାରାୟଣପୁର ଗୋଡା ଉଚ୍ଚପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞାନି ମହାନ୍ତ, ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର କେଶବ ଦାସ, ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଯଶରାଜ ବିଶ୍ୱାଳ, ଦୋବଲାପାଳ ଉଚ୍ଚବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଉଗ୍ରସେନ ପାତ୍ର, ଦୋବଲାପାଳ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ସୁଶୃତ ପ୍ରଧାନ, ଦୋବଲାପାଳ ଉଚ୍ଚବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରୀ ଜୟନ୍ତୀ ମହାକୁଡ଼ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି । ଉଦ୍ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ ଯୋଗ ଦେଇଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର୍ଷଣ ନାଏକ ପରିଚାଳନା କରିଥିବା ବେଳେ ସମସ୍ତ ସିଆରସିସି ଓ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

# ଓଡ଼ିଶା-ନାଗାଲାଣ୍ଡ ରଣଜୀ: ଜୟ-ପରାଜୟର ବ୍ୟବଚ୍ଛେଦ

## ସମୀରଙ୍କ ସ୍ପୋର୍ଟିଂ ୱିକେଟ କାମ ଦେଲା



ଭୁବନେଶ୍ୱର,୧୯ ।୧୧(ସମିସ): ଚଳିତ ରଣଜୀ ସିଜିନରେ ଓଡ଼ିଶା ସ୍ଥାନୀୟ କିଟ୍ ଗ୍ରାଉଣ୍ଡରେ ନାଗାଲାଣ୍ଡକୁ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି । ଚତୁର୍ଥ ତଥା ଅନ୍ତିମ ଦିବସର ତୃତୀୟ ସେସନରେ ହିଁ ଓଡ଼ିଶା ବିଜୟ ହାସଲ କରିଥିଲା । ଅର୍ଥାତ ଏହା ଏକ ସ୍ପୋର୍ଟିଂ ୱିକେଟ ବୋଲି ପ୍ରମାଣିତ ହୋଇଛି । ତେଣୁ କିଟ୍ କ୍ରିକେଟ ଗ୍ରାଉଣ୍ଡ କ୍ୟୁରେଟରର ସମୀର ନାୟକଙ୍କ ପରିଶ୍ରମ କାମ ଦେଇଛି । ମ୍ୟାଚ୍ ଅନ୍ତିମ ସେସନ ପର୍ଯ୍ୟନ୍ତ ଯାଇଥିବାରୁ ସେ ସନ୍ତୋଷ ପ୍ରକଟ କରିଛନ୍ତି । ସମୀର ପୂର୍ବତନ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) କ୍ୟୁରେଟର ପଙ୍କଜ ପଟ୍ଟନାୟକ ଓ ହୃଷିକେଶ ସିଂଙ୍କୁ ନିଜର ଗୁରୁ ମାନନ୍ତି । ପିଚ୍ ତିଆରି କରିବାର ପ୍ରକ୍ରିୟା ସେ ତାଙ୍କଠାରୁ ଶିକ୍ଷା କରିଛନ୍ତି । ପିଚ୍ ତିଆରି କରିବାରେ ସେ ନିପୁଣତା ହାସଲ କରିଛନ୍ତି । ୨୦୧୩ରୁ ସେ କିଟ୍ ସହିତ ଜଡିତ ରହିଆସିଛନ୍ତି । କିଟ୍ ପାଇଁ ସ୍ଥାୟୀ ଭାବେ ନିୟୋଜିତ ହୋଇ ସଫଳତାର ସହ ନିଜର ଦାୟିତ୍ୱ ବହନ କରୁଛନ୍ତି ।

## ବିଳମ୍ବରେ ପାଳି ଘୋଷଣା କରିଥିଲା ଓଡ଼ିଶା: ଦେବାଶିଷ



ଭୁବନେଶ୍ୱର,୧୯ ।୧୧(ସମିସ): ଓଡ଼ିଶା ଡେରିରେ ବିଜୟ ହାସଲ କରିଥିଲେ ମଧ୍ୟ ଏହି ବିଜୟ ଦଳକୁ ଆବଶ୍ୟକୀୟ ମୋମେଣ୍ଟମ୍ ପ୍ରଦାନ କରିଛି ବୋଲି ପୂର୍ବତନ ଓଡ଼ିଆ ଅନ୍ତର୍ଜାତୀୟ କ୍ରିକେଟର ତଥା ନାଗାଲାଣ୍ଡ କୋଚ୍ ଦେବାଶିଷ ମହାନ୍ତି କହିଛନ୍ତି । ବିପ୍ଲବ ସାମନ୍ତରାୟ ଓ ଅନୀଲ ପରିଡା ଏବଂ ଦ୍ୱିତୀୟ ଇନିଂସରେ ସ୍ୱସ୍ତିକ ସାମଲ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ବ୍ୟାଟିଂକୁ ସେ ପ୍ରଶଂସା କରିଛନ୍ତି । ପ୍ରଥମ ପାଳିରେ ବିପ୍ଲବ ଶତକରୁ ବଞ୍ଚିତ ହୋଇଥିଲେ ମଧ୍ୟ ଲଢୁଆ ପାଳି ଖେଳିଥିଲେ । ଏମାନଙ୍କ ପ୍ରଦର୍ଶନ ଯୋଗୁଁ ଓଡ଼ିଶା ବିଜୟର ହକ୍‌ଦାର ଥିଲା । କିନ୍ତୁ ଘରୋଇ ଦଳ ବିଳମ୍ବରେ ପାଳି ଘୋଷଣା କରିଥିଲା । ଯଦି ନାଗାଲାଣ୍ଡ ଆଉ ଟିକିଏ ଭଲ ବ୍ୟାଟିଂ କରିଥାନ୍ତା, ତାହେଲେ ଫଳାଫଳ ଅଲଗା ହୋଇଥାନ୍ତା ବୋଲି ସେ କହିଛନ୍ତି । କିନ୍ତୁ ନାଗାଲାଣ୍ଡର ଖେଳାଳି ଭଲ ଲଢ଼େଇ କରିଥିଲେ ବୋଲି ସେ କହିଛନ୍ତି । ନାଗାଲାଣ୍ଡର ବୋଲିଂ ଭଲ ଥିଲା । ତେବେ ବ୍ୟାଟିଂରେ ଉନ୍ନତିର ଆବଶ୍ୟକ ବୋଲି ସେ କହିଛନ୍ତି । ଆଗକୁ ଓଡ଼ିଶା ଗୋଟିଏ ମ୍ୟାଚ୍ ଘରୋଇ ମାଟିରେ ଓ ବାହାରେ ଖେଳିବ । ଏହି ଦୁଇଟି ମ୍ୟାଚ୍‌ରେ ଓଡ଼ିଶା ଭଲ ପ୍ରଦର୍ଶନ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । କ୍ରମାଗତ ୪ଟି ପରାଜୟ ପରେ ଏହି ବିଜୟ ଓଡ଼ିଶା ଖେଳାଳିଙ୍କୁ ଯଥେଷ୍ଟ ଆତ୍ମବିଶ୍ୱାସ ପ୍ରଦାନ କରିଛି ବୋଲି ସେ କହିଛନ୍ତି । ଦଳର ଏଥର ବହୁତ ନୂଆ ଖେଳାଳି ସ୍ଥାନ ପାଇଛନ୍ତି ଓ ସେମାନେ ଆଶା ଅନୁରୂପ ପ୍ରଦର୍ଶନ କରିଛନ୍ତି ବୋଲି ଦେବାଶିଷ କହିଛନ୍ତି ।

## ପ୍ରଦର୍ଶନରେ ସ୍ଥିରତା ନିହାତି ଆବଶ୍ୟକ: ଶୁଭ୍ରାଂଶୁ

ଭୁବନେଶ୍ୱର,୧୯ ।୧୧(ସମିସ): ଓଡ଼ିଶାର ବିଜୟ ନେଇ ଅଧିନାୟକ ଶୁଭ୍ରାଂଶୁ ସେନାପତି ବେଶ୍ ଉତ୍ସାହିତ ଅଛନ୍ତି । ଆଗକୁ ବାକିଥିବା ଦୁଇଟି ମ୍ୟାଚ୍‌ରେ ତାମିଲନାଡୁ ଓ ଝାଡଖଣ୍ଡ ବିପକ୍ଷରେ ଏହି ମୁମେନଟମ ବଜାୟ ରଖିବୁ ବୋଲି ସେ କହିଛନ୍ତି । ଚାପରେ ବିପ୍ଲବ ଭଲ ଖେଳିଥିଲେ ମଧ୍ୟ ଶତକ ହାସଲ କରିପାରି ନଥିଲେ । କିନ୍ତୁ ଏହି ଇନିଂସ କାମ ଦେଇଥିଲା । ୩ଟି ପରାଜୟ ପରେ ଏହି ବିଜୟ ଆମକୁ ଉତ୍ସାହିତ କରିଛି ଓ ଏହା ଆଗକୁ କାମ ଦେବ । କିନ୍ତୁ ଦଳର ପ୍ରଦର୍ଶନରେ ସ୍ଥିରତା ରହୁନାହିଁ ବୋଲି ସେ ସ୍ୱୀକାର କରିଛନ୍ତି । ସମସ୍ତେ ଏଥିପାଇଁ ଚିନ୍ତିତ ମଧ୍ୟ ଅଛନ୍ତି । ପ୍ରଦର୍ଶନରେ ସ୍ଥିରତା ଆବଶ୍ୟକ । ଆରମ୍ଭରୁ ଆମର ପ୍ରଦର୍ଶନ ଭଲ ନଥିଲା । ଦ୍ୱିତୀୟ ଇନିଂସରେ ଖେଳିଥିବା ୧୩୭ ରନର ଶତକୀୟ ପାଳିକୁ ନେଇ ସେ ସନ୍ତୁଷ୍ଟ ଅଛନ୍ତି ବୋଲି କହିଛନ୍ତି । ଅନୀଲ ପରିଡା ଶତକୀୟ ପାଳି ମଧ୍ୟ ପ୍ରଶଂସନୀୟ ବୋଲି ସେ କହିଛନ୍ତି । କିନ୍ତୁ ଆଗକୁ ଏହାକୁ ବଜାୟ ରଖିବାର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱ ଦେଇ କହିଛନ୍ତି ।




### ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ପ୍ରଦର୍ଶନୀ ମ୍ୟାଚ୍

## ଆଫ୍ଟରନୁନ୍ କ୍ଲବକୁ ହରାଇଲା ମର୍ଣ୍ଣିଂ କ୍ଲବ



ଭୁବନେଶ୍ୱର, ୧୯ ।୧୧ (ସମିସ): ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ମା ସୁନାଦେଇ ୱାର୍କସ, ତୁଷାର ଚାରିଟେବଲ୍ ଟ୍ରଷ୍ଟ ଏବଂ ନ୍ୟୁ ଏଜି କଲୋନୀର ମିଳିତ ଆନୁକୂଲ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ ମର୍ଣ୍ଣିଂ ଷ୍ଟାର୍ କ୍ଲବ ୪-୦ ଗୋଲ୍‌ରେ ଆଫ୍ଟରନୁନ କ୍ଲବକୁ ପରାସ୍ତ କରିଥିଲା । କୈଳାସ ପଣ୍ଡା ରେଫରୀ ଭାବେ ମ୍ୟାଚ୍ ପରିଚାଳନା କରିଥିଲେ । କମଳକାନ୍ତ ନାୟକ, ରାଜୀବ ଶେଖର ସାହୁ, ନ୍ୟୁ ଏଜି କଲୋନୀର ସମ୍ପାଦକ ଅଶୋକ ପଟ୍ଟନାୟକ, କାଳୀପ୍ରସାଦ ମିଶ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ । ମର୍ଣ୍ଣିଂ କ୍ଲବର ସୋମ ପଣ୍ଡା ଶ୍ରେଷ୍ଠ ଗୋଲ୍‌କିପର, ସତୀଶ କୁମାର ପାତ୍ର ଓ ଆୟୂଷ ଅସୁରଜିତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ ।

## ଦକ୍ଷିଣ ଆଫ୍ରିକା-ଏ'ର ସାନ୍ତ୍ୱନାମୂଳକ ବିଜୟ



ରାଜକୋଟ,୧୯ ।୧୧(ଏଜେନ୍ସି): ଲୁହାନ-ଡ୍ରେ ପ୍ରିଟୋରିୟସ ଓ ରିଭାଲ୍ଡୋ ମୁନୁସ୍ୱାମୀଙ୍କ ଶତକ ବଳରେ ଏଠାରେ ବୁଧବାର ଅନୁଷ୍ଠିତ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା-ଏ' ୭୩ ରନ୍‌ରେ ଭାରତକୁ ହରାଇ ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି । ଏହି ମ୍ୟାଚରେ ପ୍ରିଟୋରିୟସ ୧୨୩ ଓ ମୁନୁସ୍ୱାମୀଙ୍କ ୧୦୭ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା-ଏ' ୬ ୱିକେଟ ହରାଇ ୩୨୫ ରନ୍ କରିଥିଲା । ଜବାବରେ ଭାରତ-ଏ' ଆୟୂଷ ବଦୋନିଙ୍କ ୬୬ ଓ ଇଶାନ କିସାନଙ୍କ ୫୩ ରନ୍ ସତ୍ତ୍ୱେ ୪୯.୧ ଓଭରରେ ୨୫୨ ରନ୍ କରି ଅଲଆଉଟ ହୋଇଥିଲା । ବିଜୟୀ ଦଳର ପ୍ରିଟୋରିୟସଙ୍କୁ ଏହି ମ୍ୟାଚ୍‌ର ଶ୍ରେଷ୍ଠ ଓ ଭାରତର ଋତୁରାଜ ଗାଏକ୍ୱାଡ୍‌ଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି ।

C-1395

Email ID : gmwatcosbp@gmail.com

GOVERNMENT OF ODISHA
WATER CORPORATION OF ODISHA
OFFICE OF THE GENERAL MANAGER, WATCO DIVISION, SAMBALPUR.
NOTICE INVITING TENDERS
NATIONAL COMPETITIVE BIDDING THROUGH e-Procurement
Bid Identification No. GMWATCOSBP-12/2025-26 Dt. 03.11.2025

| | | |
|---|---|---|
| 01. | Name of the Work | : 1 no. work |
| 02. | Type of Bid | : Single Bid System |
| 03. | Estimated Cost | : Rs. 49.15 lakh |
| 04. | Period of Completion | : 8 (Eight) Calendar Months |
| 05. | Date & Time of availability of bid document in the portal | : From 11.00 AM of dt. 07.11.2025 to 5.00 PM of 17.11.2025 |
| 06. | Last date / time of receipt of bids in the portal | : 5.00 PM of 17.11.2025. |
| 07. | Date & Time of opening of Bids | : At 11.30 AM of 18.11.2025. |
| 08. | Name and Address of the Officer Inviting Bid | : General Manager, WATCO Division, Sambalpur, Brooks' Hill, Near Stadium, At/Po- Motijharan, Dist- Sambalpur-768001. |

Further details can be seen from the web site http://tenders.ori.nic.in or www.tendersorissa.gov.in

OIPR-

General Manager,
WATCO Division, Sambalpur

## ୧୦୦ତମ ଟେଷ୍ଟରେ ରହିମ୍‌ଙ୍କ ୯୯*

ମୀରପୁର, ୧୯ ।୧୧ (ଏଜେନ୍ସି): ଏଠାରେ ଆୟର୍ଲାଣ୍ଡ ଓ ଘରୋଇ ବାଂଲାଦେଶ ମଧ୍ୟରେ ପ୍ରଥମ ଟେଷ୍ଟମ୍ୟାଚ୍ ଆରମ୍ଭ ହୋଇଛି । ଏହା ହେଉଛି ବାଂଲାଦେଶର ପୂର୍ବତନ ଅଧିନାୟକ ମୁସ୍‌ଫିକୁର ରହିମ୍‌ଙ୍କ ୧୦୦ତମ ଟେଷ୍ଟ । ଏହି ସ୍ମରଣୀୟ ମ୍ୟାଚ୍‌କୁ ସବୁଦିନ ମନେରଖିବା ଭଳି ଇନିଂସ ଖେଳିଛନ୍ତି ରହିମ୍ । ସେ ୯୯ ରନ୍‌କରି ଅପରାଜିତ ରହିବା ସହ ଶତକ ଦ୍ୱାରରେ ରହିଛି । ଫଳରେ ପ୍ରଥମ ଦିନରେ ବାଂଲାଦେଶ ପ୍ରଥମ ଇନିଂସରେ ୪ ୱିକେଟ୍ ହରାଇ ୨୯୨ ରନ୍ କରିପାରିଛି । ଅନ୍ୟମାନଙ୍କ ମଧ୍ୟରେ ସାଦ୍‌ମାନ ଇସ୍‌ଲାମ ୩୫, ମୋମିନୁଲ ହମଖ ୬୩ ଓ ଲିଟନ ଦାସ ଅପରାଜିତ ୪୭ ରନ୍‌ର ଇନିଂସ ଖେଳିଛନ୍ତି । ଆୟରଲାଣ୍ଡର ଅଫ୍‌ସ୍ପିନର ଆଣ୍ଡି ମ୍ୟାକ୍‌ବ୍ରାଇନ୍ ୪ଟିଯାକ ୱିକେଟ୍ ନେଇଛନ୍ତି ।

OFFICE OF THE PRINCIPAL
GANGESWARI HIGHER SECONDARY SCHOOL
POTTANGI, KORAPUT PIN: 764039

Letter No: GHSS.168/2025 Date: 19/11/2025

QUOTATION CALL NOTICE

Sealed quotations are invited from intending firms/FPM/DGS&D rate contract suppliers having CST/VAT, TIN/PAN number to reach by Dated: 05/12/2025 by Registered Post/Speed Post for supply of the following items. Item quoted need to be super scribed on the envelope. The rate should be inclusive of all taxes and F.O.R. destination. The undersigned reserves the right to accept or reject any or all the quotations without assigning any reason thereof.

| Sl No. | ITEM | SPECIFICATION |
|---|---|---|
| 1. | Rack (8 Nos.) | Iron open Rack of 6 feet length & 4.5 feet breadth with 5 tray. |
| 2. | Printer (1 Nos.) | HP Laser Jet 1020 Plus |
| 3. | Xereox Machine | EPSON L6490 /HP LaserJet/Bizhub 227, Kanika |
| 4. | Library Almirah (1 Nos.) | Front Glass fitting Almirah of General Size |
| 5. | Almirah (01 Nos) | Almirah of General Size 6 fit |

SD/- PRINCIPAL
Gangeswari Higher Secondary School
Pottangi, Koraput

## ଟେନିସ୍ ହଲ୍ ଅଫ ଫେମ୍‌ରେ ଫେଡେରର

ଜେନେଭା,୧୯।୧୧(ଏଜେନ୍ସି): ବିଶ୍ୱବିଖ୍ୟାତ ଖେଳାଳି ସ୍ୱିଜରଲାଣ୍ଡର ରୋଜର ଫେଡେରର ଟେନିସ ହଲ ଅଫ୍ ଫେମ୍‌ରେ ସାମିଲ ହୋଇଛନ୍ତି । ରୋଡସ ଦ୍ୱୀପପୁଞ୍ଜରେ ଅବସ୍ଥିତ ଏହି କାର୍ଯ୍ୟାଳୟ ପକ୍ଷରୁ ଏ ସମ୍ପର୍କରେ ଘୋଷଣା କରାଯାଇଛି । ଫେଡେରର ତାଙ୍କ ଜୀବନ କାଳରେ ୨୦ଟି ଗ୍ରାଣ୍ଡସ୍ଲାମ ଟାଇଟଲ ବିଜୟୀ ହୋଇଛନ୍ତି । କିନ୍ତୁ ତାଙ୍କ ସମୟରେ ବିଶ୍ୱର ଆଉ ଦୁଇଜଣ କିଂବଦନ୍ତି ଖେଳାଳି ରାଫେଲ ନାଦାଲ ଓ ନୋଭାକ ଜୋକୋଭିଚ୍‌ଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ଖୁବ୍ ଉଚ୍ଚକୋଟୀର ହୋଇଥିଲା ।

## ଗ୍ରେଟ୍‌ବ୍ୟାଚ୍ ନ୍ୟୁଜିଲାଣ୍ଡ କ୍ରିକେଟ ସଭାପତି

ଖ୍ରୀଷ୍ଟଚର୍ଚ୍ଚ,୧୯।୧୧(ଏଜେନ୍ସି): ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି, ସିଲେକ୍ଟର ତଥା କୋଚ୍ ମାର୍କ ଗ୍ରେଟବ୍ୟାଚ୍ ନ୍ୟୁଜିଲାଣ୍ଡ କ୍ରିକେଟର ନୂଆ ସଭାପତି ନିର୍ବାଚିତ ହୋଇଛନ୍ତି । ସେ ଲେସ୍‌ଲୀ ମୁଡ୍ରୋଚ୍‌ଙ୍କ ସ୍ଥାନରେ ଏହି ଦାୟିତ୍ୱ ନେବେ । ୧୯୮୮ରୁ ୯୬ ମଧ୍ୟରେ ନ୍ୟୁଜିଲାଣ୍ଡ ପକ୍ଷରୁ ୪୧ ଟେଷ୍ଟ ଓ ୮୪ଟି ଦିନିକିଆ ମ୍ୟାଚ୍ ଖେଳିଥିବା ଗ୍ରେଟ୍‌ବ୍ୟାଚ୍ ଜଣେ ଟପ୍ ଅର୍ଡରବ୍ୟାଟର ଭାବେ ସୁନାମ ଅର୍ଜନ କରିଥିଲେ । ଏହାଛଡ଼ା ବୋର୍ଡ ଚେୟାରମ୍ୟାନ୍ ଭାବେ ଡାଏନା ତାଙ୍କ ପଦ ବଜାୟ ରଖିଛନ୍ତି । ୩ଜଣ ଖେଳାଳି ରେବେକା ରୋଲ୍ସ, ମାର୍ଟିନ ସ୍ନେଡେନ୍ ଓ ଇୱେନ ଚାଟଫିଲ୍ଡ ଆଜୀବନ ସଦସ୍ୟଭାବେ ନିର୍ବାଚିତ ହୋଇଛନ୍ତି ।

■ ଚେସ୍ ବିଶ୍ୱକପ୍

## ଭାରତର ଚ୍ୟାଲେଞ୍ଜ ଶେଷ

ପଣଜୀ,୧୯।୧୧(ଏଜେନ୍ସି): କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ଏକମାତ୍ର ଭାରତୀୟ ଖେଳାଳି ଅର୍ଜୁନ ଏରିଗାଏସି ଚୀନ୍‌ର ୱେଇ ୟିଙ୍କଠାରୁ ପରାଜିତ ହେବା ପରେ ଏଠାରେ ଚାଲିଥିବା ପୁରୁଷ ଚେସ୍ ବିଶ୍ୱକପ୍‌ରେ ଭାରତର ଚ୍ୟାଲେଞ୍ଜ ଶେଷ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ୧୯ଜଣ ଭାରତୀୟ ଅଂଶଗ୍ରହଣ କରିଥିଲାବେଳେ ମାତ୍ର ଜଣେ ଖେଳାଳି କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଯାଇପାରିଥିଲେ । ୟିଙ୍କ ସହ ସେ ପ୍ରଥମ ମୁକାବିଲା ଡ୍ର କରିବା ପରେ ଦ୍ୱିତୀୟ ରାଉଣ୍ଡରେ ହାରିଯାଇଥିଲେ ।

## ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ଶୃଙ୍ଖଳା ଜିତିଲା ନ୍ୟୁଜିଲାଣ୍ଡ

ନାପିଅର, ୧୯ ।୧୧ (ଏଜେନ୍ସି): ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଟ୍ୱେଣ୍ଟି୨୦ ଶୃଙ୍ଖଳା ଜିତିନେଇଛି ନ୍ୟୁଜିଲାଣ୍ଡ । ବୁଧବାର ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ୫ ୱିକେଟ୍‌ରେ ନ୍ୟୁଜିଲାଣ୍ଡ ପରାସ୍ତ କରିଛି । ଫଳରେ ୨-୦ରେ ଆଗୁଆ ହୋଇ ନ୍ୟୁଜିଲାଣ୍ଡ ତିନି ମ୍ୟାଚ୍‌ର ଶୃଙ୍ଖଳା ହାତେଇ ପାରିଛି । ବର୍ଷା ଯୋଗୁଁ ମ୍ୟାଚ୍ ୩୪ ଓଭରର ହୋଇଥିଲା । ସାଇ ହୋପ୍‌ଙ୍କ ଅପରାଜିତ ଶତକ ବଳରେ ପ୍ରଥମେ ବ୍ୟାଟିଂକରି ୱେଷ୍ଟଇଣ୍ଡିଜ୍ ୯ ୱିକେଟ୍‌ରେ ୨୪୭ ରନ୍ କରିଥିଲା । ପରେ ଡେଭନ୍ କନ୍‌ୱେଙ୍କ ୯୦ ରନ୍ ବଳରେ ୩ଟି ବଲ୍ ବାକିଥାଇ ୫ ୱିକେଟ୍ ହରାଇ ନ୍ୟୁଜିଲାଣ୍ଡ ଜିତି ନେଇଥିଲା ।

### ଆନ୍ତଃସ୍କୁଲ ଖୋ ଖୋ'

## କିସ୍ ଚାମ୍ପିଅନ, ପୁରୀ ରନର୍ସଅପ୍



ଭୁବନେଶ୍ୱର, ୧୯ ।୧୧ (ସମିସ): ଯାଜପୁରର ବରୁଣେଶ୍ୱର କଲେଜରେ ଅନୁଷ୍ଠିତ ଆନ୍ତଃସ୍କୁଲ ଉଚ୍ଚ ମାଧ୍ୟମିକ ବାଳକ ଖୋ ଖୋ ଟୁର୍ଣ୍ଣାମେଣ୍ଟରେ କିସ୍ ଚାମ୍ପିଅନ ହୋଇଛି । ଭୁବନେଶ୍ୱରର କିସ୍ ଓ ପୁରୀ ହାଇସ୍କୁଲ ମଧ୍ୟରେ ଫାଇନାଲ ଖେଳାଯାଇଥିଲା । ଏହି ମୁକାବିଲାରେ କିସ୍ ୯ ପଏଣ୍ଟରେ ପୁରୀକୁ ପରାସ୍ତ କରିଥିଲା । ଦୁଇ ଦିନିଆ ଏହି ସମ୍ମାନଜନକ ଖୋ ଖୋ ଚାମ୍ପିଅନସିପ୍‌ରେ ମୋଟ୍ ୯ଟି ଦଳ ଅଂଶଗ୍ରହଣ କରିଥିଲେ । ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଦଳର ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

THE BISRA STONE LIME COMPANY LIMITED
CIN: L14100OR1910GO1033904
Registered office: House No: 255, Pristine Green, Pokhariput, Bhubaneswar, Odisha-751020

STATEMENT OF FINANCIAL RESULTS FOR THE QUARTER ENDED 30TH SEPTEMBER 2025

| Sl. No. | Particulars | Half Year Ended 30.09.2025 | Year Ended 30.09.2024 | Year Ended 31.03.2025 |
|---|---|---|---|---|
| | | (Reviewed) | (Reviewed) | (Audited) |
| 1 | Total Income from Operation (including Other Income) | 4,937.51 | 3,124.00 | 6,260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 695.79 | 539.93 | 671.34 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 695.79 | 539.93 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 455.14 | 400.03 | 438.51 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 455.14 | 400.03 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,725.14) | (21,273.21) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.52 | 0.46 | 0.50 |
| | (ii) Diluted | 0.52 | 0.46 | 0.50 |

1. The above results of the Company were approved by the Board of Directors at their respective meetings held on 18.11.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Vishakhapatnam
Date: 18.11.2025

## ଆଜିର ରାଶିଫଳ

**ମେଷ:** କୌଣସି କାର୍ଯ୍ୟରୁ ଲାଭ ମିଳିବ । ଦିନଟି ହସଖୁସିରେ ଅତିବାହିତ ହେବ । କୌଣସି ନୂଆ ଜିନିଷ କିଣିବେ । ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ ।

**ବୃଷ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ । ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ । ଅବିବାହିତଙ୍କ ବିବାହ ସ୍ଥିର ହେବ । କର୍ମକ୍ଷେତ୍ରରେ କାର୍ଯ୍ୟଭାର ବଢ଼ିବ । ସମୟ ପୂର୍ବରୁ କାର୍ଯ୍ୟ ସମ୍ପାଦନ କରିବେ ।

**ମିଥୁନ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ପ୍ରେମ ଜୀବନ ସୁଖମୟ ହେବ । ସାଙ୍ଗ ଦ୍ୱାରା ଲାଭବାନ ହେବେ । ବ୍ୟବସାୟରେ ସଫଳତା ମିଳିବ । ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ ।

**କର୍କଟ :** ପଡ଼ୋଶୀଙ୍କ ସହ ବିବାଦ ହୋଇପାରେ । ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ । ନୂଆ ବ୍ୟବସାୟର ଯୋଜନା କରିବେ । ଗୁରୁଜନଙ୍କ ସହଯୋଗ ମିଳିବ ।

**ସିଂହ:** ଦିନଟି ଭଲରେ କଟିବ । ଚାକିରିରେ ପରିବର୍ତ୍ତନ ଆସିବ । କୌଣସି ନୂଆ ଦାୟିତ୍ୱ ତୁଲାଇବେ । ବ୍ୟବସାୟ ସମ୍ବନ୍ଧିତ ଦୂର ସ୍ଥାନକୁ ଯାତ୍ରା କରିବେ । କାର୍ଯ୍ୟକ୍ଷେତ୍ରରେ କିଛି ସମସ୍ୟା ଆସିବ ।

**କନ୍ୟା:** ଘରକୁ ଅତିଥି ଆଗମନ କରିବେ । ସ୍ୱାମୀ-ସ୍ତ୍ରୀ ସୁଖଦ ମୁହୂର୍ତ୍ତ ଅତିବାହିତ କରିବେ । ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ । ଅଟକି ରହିଥିବା ଧନ ଆଗମନ ହେବ ।

**ତୁଳା:** ବନ୍ଧୁଙ୍କ ସହ କୌଣସି ନୂଆ କାର୍ଯ୍ୟର ଯୋଜନା କରିବେ । ବାପାମାଆଙ୍କ ସହଯୋଗରେ କିଛି ନୂଆ ଦାୟିତ୍ୱ ଗ୍ରହଣ କରିବେ । ଅଟକିଥିବା କାର୍ଯ୍ୟକୁ ପୂରା କରିବେ ।

**ବିଛା:** ନୂଆ ଚାକିରି ପାଇଁ ଉତ୍ସାହିତ ରହିବେ । ବଡ଼ ଭାଇଙ୍କ ପରାମର୍ଶ ନେବେ । କ୍ରୀଡ଼ାବିତ୍‌ଙ୍କୁ ସଫଳତା ପ୍ରାପ୍ତି ହେବ । ଛାତ୍ରଛାତ୍ରୀଙ୍କର ନୂଆ ବିଷୟ ପ୍ରତି ରୁଚି ବଢ଼ିବ । ବ୍ୟବସାୟରେ ଅର୍ଥ ନିବେଶ କରନ୍ତୁ ନାହିଁ ।

**ଧନୁ:** ବ୍ୟାଙ୍କ ଓ ଆଇଟିରେ ସଫଳତା ମିଳିବ । ବ୍ୟବସାୟକୁ ବିସ୍ତାର କରିବେ ଏବଂ ଏହାକୁ ନେଇ କୌଣସି ନୂଆ ସମସ୍ୟା ସୃଷ୍ଟି ହେବ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ । ଧାର୍ମିକ ସ୍ଥାନକୁ ଯାତ୍ରା କରିବେ ।

**ମକର:** ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରଣ କରିବେ । ପୁରୁଣା ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ । ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ । ବାଦବିବାଦଠାରୁ ଦୂରେଇ ରହିବେ ।

**କୁମ୍ଭ:** ବ୍ୟବସାୟିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବେ । ଉଚ୍ଚଶିକ୍ଷା ପାଇଁ ଉତ୍ତମ ସମୟ । ଧାର୍ମିକ କାର୍ଯ୍ୟରେ ସାମିଲ ହେବେ । ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ । ଜାଗାବାଡ଼ି କିଣିବେ ।

**ମୀନ:** ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଡାକ୍ତରଙ୍କ ସହ ପରାମର୍ଶ କରିବେ । ରାଜନୀତିରେ ସଫଳତା ମିଳିବ । ସାଙ୍ଗସାଥୀଙ୍କ ସହ ସମୟ ଅତିବାହିତ କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ ।



**ବାଦାମ ତେଲ:** ଶୀତ ଦିନେ ଏହି ତେଲକୁ ଲଗାଇଲେ ତ୍ୱଚା ସୁନ୍ଦର ଓ କୋମଳ ରହେ । ତା'ସହ ଦାଗ ଆଦି ମଧ୍ୟ ଦୂର ହୋଇଥାଏ ।

**ଆଭକାଡୋ ଅଏଲ୍:** ଏହାକୁ ନିତିଦିନ ଲଗାଇବା ଦ୍ୱାରା ତ୍ୱଚା ଉଜ୍ଜ୍ୱଳ ଦିଶେ ।

**କୁମକୁମାଦି ତେଲ:** ଏହି ତେଲକୁ ମୁହଁରେ ଲଗାଇଲେ ମୁହଁ ସୁନ୍ଦର ଦେଖାଯାଏ । ତ୍ୱଚା ଉଜ୍ଜ୍ୱଳ ଦେଖାଯିବା ସହ ତ୍ୱଚା ଜନିତ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଦୂର ହୋଇଥାଏ ।

**ଅଲିଭ୍ ଅଏଲ:** ଅଲିଭ୍ ତେଲକୁ ମୁହଁରେ ମାଲିସ୍ କରିବା ଦ୍ୱାରା ତ୍ୱଚା କୋମଳ ହୋଇଥାଏ । ତା'ସହ ଶୁଷ୍କତା ଦୂର ହୁଏ ।

**ନଡ଼ିଆ ତେଲ:** ତ୍ୱଚାକୁ କୋମଳ ରଖିବାକୁ ଚାହୁଁଥିଲେ ନଡ଼ିଆ ତେଲ ବ୍ୟବହାର କରିବା ଉତ୍ତମ । ତ୍ୱଚା କୁଞ୍ଚନ ସମସ୍ୟା ଦୂର ହୁଏ ।

# ତ୍ୱଚା ପାଇଁ ତେଲ

**ଶୀତ ଦିନେ ତ୍ୱଚା ଶୁଷ୍କ ହୋଇଯାଏ । ଏଥିପାଇଁ ଅନେକେ ବଡିଲୋସନ୍ ଲଗାଇଥାନ୍ତି । ହେଲେ ଏହା ଦୀର୍ଘ ସମୟ ପାଇଁ ପ୍ରଭାବୀ ହୋଇ ନ ଥାଏ । ଏପରିସ୍ଥଳେ ପ୍ରାକୃତିକ ତେଲ ଲଗାଇ ତ୍ୱଚାକୁ ମଏଶ୍ଚରାଇଜ୍ କରିପାରିବେ ।**

# ନିମ୍ବ ବଡ଼ିରୁ ବ୍ୟବସାୟ



**ସାଧାରଣତଃ ନିମ୍ବ ଫୁଲ ବର୍ଷକେ ଥରେ ଆସିଥାଏ । ତେଣୁ ଏହାର ଚାହିଦା ଅଧିକ ଥାଏ । ଅଧିକାଂଶ ଲୋକେ ଏହାକୁ ତରକାରୀ, ଭଜା ଓ ପିଠଉ କରି ଖାଇଥାନ୍ତି; କିନ୍ତୁ ଛତିଶଗଡ଼ ଜାଂଜଗୀର - ଚାମ୍ପା ଜିଲ୍ଲାର ମହିଳାମାନେ ଏହି ନିମ୍ବଫୁଲକୁ ଉପଯୋଗ କରି ବଡ଼ି ପ୍ରସ୍ତୁତ କରୁଛନ୍ତି । ଏହାକୁ ସ୍ଥାନୀୟ ଅଞ୍ଚଳ ଓ ବଜାରରେ ବିକ୍ରି କରି ଅର୍ଥ ଉପାର୍ଜନ କରିଥାନ୍ତି । ମହିଳାଙ୍କ କହିବାନୁଯାୟୀ, ଏହି ବଡ଼ି ସ୍ୱାସ୍ଥ୍ୟ ପାଇଁ ହିତକର ହେବା ସହ ସ୍ୱାଦିଷ୍ଟ ଲାଗିଥାଏ । ଏଥିସହ ଏହା ଶରୀରରେ ଶର୍କରା ମାତ୍ରା ନିୟନ୍ତ୍ରଣ କରିଥାଏ ।**



ଗଙ୍ଗା ମୈୟା ସ୍ୱୟଂ ସହାୟକ ଗୋଷ୍ଠୀର ପୁଷ୍ପା ଯାଦବଙ୍କ କହିବାନୁଯାୟୀ, ବହେରାଡିହ ଗ୍ରାମର ମହିଳାମାନେ ଏକାଠି ହୋଇ ଏହି ବଡ଼ି ପ୍ରସ୍ତୁତ କରିଥାନ୍ତି । ଏଥିପାଇଁ ପ୍ରଥମେ ମହିଳାମାନେ ସ୍ଥାନୀୟ ଅଞ୍ଚଳରୁ ନିମ୍ବଫୁଲ ସଂଗ୍ରହ କରି ଖରାରେ ଶୁଖାନ୍ତି । ଏହାପରେ ଫୁଲକୁ ଧୋଇ ଗରମପାଣିରେ ପକାଇ କିଛି ସମୟ ଫୁଟାନ୍ତି । ଫୁଟିଗଲା ପରେ ପାଣିରୁ ନିମ୍ବ ଫୁଲକୁ ଛାଣି ପୁଣି ଥରେ ଖରାରେ ସୁଖାଇବାକୁ ପଡ଼ିଥାଏ । ଏହାପରେ ବଡ଼ି ପାଇଁ ବିରିଡାଲି ବତୁରାଇ ଗୋଟିଏ ରାତି ରଖନ୍ତି । ପରେ ଡାଲିକୁ ବାଟି ନିମ୍ବଫୁଲ ମିଶାଇ ଲୁଣ, ଲଙ୍କାଗୁଣ୍ଡ, ହେଙ୍ଗୁ, ଜୁଆଣି ଆଦି ପକାଇ ଛୋଟ ଛୋଟ ଗୁଳା କରି ବଡ଼ି ପ୍ରସ୍ତୁତ କରନ୍ତି । ଏହାପରେ ବଡ଼ିକୁ ଟାଣ ଖରାରେ ଦିନେ କିମ୍ବା ଦୁଇ ଦିନ ଶୁଖାନ୍ତି । ଏହାକୁ ଲୋକେ ସେମାନଙ୍କ ପସନ୍ଦ ମୁତାବକ ଖାଇଥାନ୍ତି ।

ଅନେକେ ଏହାକୁ ଲାଉ ବଡ଼ି ଭଳି ତେଲରେ ଭାଜି ଖାଆନ୍ତି । ସ୍ଥାନୀୟ ଅଞ୍ଚଳରେ ଏହି ବଡ଼ିର ବେଶ୍ ଚାହିଦା ରହିଛି । କିଲୋପିଛା ଏହାର ମୂଲ୍ୟ ୧୦୦୦ ଟଙ୍କା । ଏହାକୁ ଖାଲି ପେଟରେ ଖାଇଲେ ଅଧିକ ସୁଫଳ ମିଳେ ବୋଲି ଗୋଷ୍ଠୀର ସଭାପତି ପୁଷ୍ପା କହିଛନ୍ତି । ଏହାକୁ ପିଲାଠୁ ନେଇ ବୟସ୍କ ସମସ୍ତେ ଖାଇପାରିବେ । ହେଲେ ସୁଗାର ଥିବା ଲୋକଙ୍କ ପାଇଁ ଏହା ବେଶ୍ ଲାଭଦାୟକ । ଦୈନିକ ଏହି ବଡ଼ି ଖାଇଲେ ସୁଗାର(ଶର୍କରା) ମାତ୍ରା କମ୍ ହୋଇଥାଏ । ବଜାରରେ ଏହାର ଖୁବ୍ ଚାହିଦା ରହିଛି । ମହିଳାମାନେ ପ୍ରତ୍ୟେକ ବର୍ଷ ନିମ୍ବଫୁଲ ଆସିଲେ ଏହି ବଡ଼ି ପ୍ରସ୍ତୁତ କରିଥାନ୍ତି । ଅନ୍ୟ ଦିନଗୁଡ଼ିକରେ ଲାଉ, ଫୁଲ, ଲିଆ ଭଳି ବିଭିନ୍ନ ବଡ଼ି ପ୍ରସ୍ତୁତ କରନ୍ତି । ଏହାକୁ ପ୍ୟାକେଟ୍ କରି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି । ଘରର ସବୁକାମ ସରିବା ପରେ ଫାଙ୍କା ସମୟକୁ ଉପଯୋଗ କରି ମହିଳାମାନେ ବଡ଼ି ବ୍ୟବସାୟ କରିଥାନ୍ତି । ଗୋଷ୍ଠୀରେ ଏବେ ୨୦ ଜଣ ମହିଳା ଥିବାବେଳେ ଆଗାମୀ ଦିନରେ ଅଧିକ ମହିଳାଙ୍କୁ ଏଥିରେ ସାମିଲ କରିବାକୁ ପୁଷ୍ପା ଆଶା ରଖିଛନ୍ତି ।

# ଅମୃତ ଅଁଳା

**ଶୀତଦିନେ କେଶ ରୁକ୍ଷ, ଦୁର୍ବଳ ଓ ନିର୍ଜୀବ ଦେଖାଯାଏ । ଥଣ୍ଡା ଓ ବାୟୁର ଆର୍ଦ୍ରତା କେଶକୁ କ୍ଷତି ପହଞ୍ଚାଇଥାଏ । ଏପରି ସ୍ଥଳେ ଅଁଳା କେଶ ପାଇଁ ଖୁବ୍ ହିତକର ହୋଇଥାଏ । ଏଥିରେ ଭିଟାମିନ୍ ସି, ଆଣ୍ଟିଅକ୍ସିଡାଣ୍ଟ ଓ ଅନ୍ୟ ପୋଷକ ତତ୍ତ୍ୱ ଥାଏ । ଏହା କେଶକୁ ପୋଷଣ ଦେବା ସହ ରୂପି ସମସ୍ୟା ଦୂର କରିଥାଏ । ଏହା ନିୟମିତ ବ୍ୟବହାର କଲେ କେଶ ଘନ, ଉଜ୍ଜ୍ୱଳ ଓ ଭିତରୁ ମଜଭୂତ୍ ରହିଥାଏ ।**

### ଅଁଳା ତେଲରେ ମସାଜ୍

ଅଁଳା ତେଲକୁ ନଖଉଷୁମ କରି କେଶରେ ମସାଜ କରନ୍ତୁ । ଏହା କେଶମୂଳକୁ ପୋଷଣ ଦେବା ସହ ରକ୍ତ ସଞ୍ଚାଳନ ବୃଦ୍ଧି କରି କେଶ ବଢ଼ାଇ ଥାଏ. ।



### ଅଁଳା ଓ ନଡ଼ିଆ ତେଲ

ଅଁଳା ପାଉଡରକୁ ନଡ଼ିଆ ତେଲରେ ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହାକୁ କେଶମୂଳରେ ଲଗାଇ ୩୦ ମିନିଟ୍ ପରେ ଧୋଇ ଦିଅନ୍ତୁ । ଏହା କେଶକୁ ଆର୍ଦ୍ର ଓ ମଜଭୂତ ରଖିଥାଏ ।

### ଅଁଳା ଓ ଦହି

ଅଁଳା ପାଉଡରରେ ଦହି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହା ରୁକ୍ଷକେଶ ସମସ୍ୟା ଦୂର କରିଥାଏ । କେଶରେ ଚମକ ଆଣିଥାଏ ।

### ଅଁଳା ଓ ହେନା ମାସ୍କ

ଅଳ୍ପ ପାଣି ନେଇ ସେଥିରେ ହେନା ପାଉଡର ମିଶାଇ ହେୟାର ମାସ୍କ ପ୍ରସ୍ତୁତ କରନ୍ତୁ । ଏହାକୁ ତିନି ଚାରି ଘଣ୍ଟା ରଖି ଦିଅନ୍ତୁ । ଏହାପରେ ଭଲରେ ମିକ୍ସ କରି କେଶରେ ଲଗାନ୍ତୁ । ଏକ ଘଣ୍ଟାପରେ କେଶକୁ ଧୋଇ ଦିଅନ୍ତୁ । ଏହାକେଶକୁ ପ୍ରାକୃତିକ ଚମକ ଓ ମଜଭୂତ କରିଥାଏ ।

# ମେକ୍ଅପ୍‌ରୁ ବିରତି

ମେକ୍ଅପ୍ କରିବାକୁ ସମସ୍ତେ ପସନ୍ଦ କରନ୍ତି । ଏହା ତ୍ୱଚାରେ ଥିବା ଦାଗ, ବ୍ରଣ ଦୂର କରି ପ୍ରାକୃତିକ ଚମକ ଆଣିଥାଏ । କିନ୍ତୁ ଲଗାତାର ମେକ୍ଅପ୍ କଲେ ଏହା ତ୍ୱଚାରେ ଅନେକ ସମସ୍ୟା ସୃଷ୍ଟି କରିଥାଏ । ଶରୀରକୁ ସୁସ୍ଥ ରଖିବା ପାଇଁ ଯେପରି ଡିଟକ୍ସ କରାଯାଏ, ସେହିପରି ତ୍ୱଚାକୁ ମଧ୍ୟ ମେକ୍ଅପ୍‌ରୁ ବିରତି ଦେବାକୁ ପଡ଼ିଥାଏ । ନଚେତ୍ ତ୍ୱଚାର ପୋର୍ସଗୁଡ଼ିକ ବନ୍ଦ ହୋଇ ପ୍ରାକୃତିକ ଚମକ ହଜିଯାଏ । ତେଣୁ ସମୟେ ସମୟେ ମେକ୍ଅପ୍‌ରୁ ବିରତି ନେବା ଆବଶ୍ୟକ ।



### ଚମକ ବିହୀନ ତ୍ୱଚା

ମେକ୍ଅପ୍ ପରେ ତ୍ୱଚାରେ ଚମକ ଆସିଥାଏ; କିନ୍ତୁ ହାଇଲାଇଟର୍ ଓ ବ୍ଲଶ୍ ଲଗାଇବା ପରେ ତ୍ୱଚା ରୁକ୍ଷ, ତଥା ନିର୍ଜୀବ ଲାଗୁଥିଲେ, ଏହା ବିପଦର ସଂକେତ ହୋଇପାରେ । ଦୀର୍ଘ ସମୟ ତ୍ୱଚାରେ ମେକ୍ଅପ୍ ରହିଲେ, ଏହା ତ୍ୱଚାର ଥିବା କଣିକାକୁ କ୍ଷତି ପହଞ୍ଚାଇଥାଏ । ତେଣୁ ସୁସ୍ଥ ତ୍ୱଚା ପାଇଁ ମଝିରେ ମଝିରେ ମେକ୍ଅପ୍‌ରୁ ବିରତି ନେବା ଜରୁରୀ ।

### ଶୁଷ୍କତା

ଦୈନିକ ମେକ୍ଅପ୍ କରିବା ଦ୍ୱାରା ତ୍ୱଚାରେ ଥିବା ପ୍ରାକୃତିକ ତେଲ କମିଯାଏ । ତ୍ୱଚାର ସୁରକ୍ଷା ପରସ୍ତ ଦୁର୍ବଳ ହୋଇଯାଏ । ଏହା ଉପରେ ମେକ୍ଅପ୍ କଲେ ତ୍ୱଚାରେ ଶୁଷ୍କତା ଓ ଫଟା ଫଟା ଦାଗ ଦେଖିବାକୁ ମିଳିଥାଏ । ତେଣୁ ତ୍ୱଚାରେ ମେକ୍ଅପ୍ ନ ଲଗାଇ କ୍ରିମ୍ ମଏଶ୍ଚରାଇଜର୍ ଲଗାଇ ଦେଖାଶୁଣା କରିପାରିବେ ।

### ବାରମ୍ବାର ବ୍ରଣ

ତ୍ୱଚାରେ ଫାଉଣ୍ଡେସନ୍, କନ୍‌ସିଲର୍, ବ୍ଲଶ୍ ଆଦି ବାରମ୍ବାର ଲଗାଇଲେ ତ୍ୱଚାରେ ଏହା ଜମିରହେ । ଫଳରେ ଧୂଳି, ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ମୁହଁରେ ବ୍ରଣ ହୋଇଥାଏ । ତେଣୁ ଏପରି ସ୍ଥିତି ଉପୁଜୁଥିଲେ ତ୍ୱଚାରେ କିଛିଦିନ ପାଇଁ ମେକ୍ଅପ୍ ଲଗାଇବା ଛାଡ଼ି ଦିଅନ୍ତୁ ।

# ଶୀତଦିନେ ଘରକୁ ଦିଅନ୍ତୁ ନୂଆ ରଙ୍ଗ

**ଋତୁ ଅନୁଯାୟୀ ଲୋକେ ଖାଦ୍ୟ, ପାନୀୟ ତଥା ପୋଷାକ ଆଦିରେ ପରିବର୍ତ୍ତନ କରିଥାନ୍ତି । ସେହିପରି ଘରକୁ ମଧ୍ୟ ଋତୁ ଅନୁସାରେ ରଙ୍ଗ କରିବା ଜରୁରୀ । ଏପରି କରିବା ଦ୍ୱାରା ଘର ସୁନ୍ଦର ଦିଶିବା ସହ ଆରାମଦାୟକ ଅନୁଭୂତି ମିଳିଥାଏ ।**

- ଶୀତଦିନେ ହାଲୁକା, ନ୍ୟୁଟ୍ରାଲ୍ ରଙ୍ଗ ଖୁବ୍ ଭଲ ହୋଇଥାଏ । ଅଫ୍‌ହ୍ୱାଇଟ୍, କ୍ରିମ୍ ଭଳି ରଙ୍ଗ ଘରକୁ ବଡ଼ ଦେଖାଇବା ସହ ବିଭିନ୍ନ ସାଜଉପକରଣ ସହ ମେଳ ଖାଇଥାଏ । କାଠ ତଥା ଫର୍ଣ୍ଣିଚର ପାଇଁ ଏହି ରଙ୍ଗ ଖୁବ୍ ସୁନ୍ଦର ଦିଶିଥାଏ ।
- ସେହିପରି ଶୀତଦିନେ ଘରକୁ ଟିକେ ଉଷୁମ ରଖିବାକୁ ଚାହୁଁଥିଲେ, ଗାଢ଼ ନାଲି ରଙ୍ଗ କରିପାରିବେ । ଏହା ଘରକୁ ସୁନ୍ଦର କରିଥାଏ । ଏଥିସହ ଚାହିଁଲେ ଘରେ ମେରୁନ୍ ରଙ୍ଗ ଲଗାଇପାରିବେ । ଏହା ଘରକୁ ଏକ ଫେଷ୍ଟିଭ୍ ଲୁକ୍ ଦେଇଥାଏ ।
- ଘରେ ପ୍ରାକୃତିକ ଚମକ ଆଣିବାକୁ ଚାହୁଁଥିଲେ, ବ୍ରାଉନ୍ ଓ କଫିସେଡ୍ ବ୍ୟବହାର କରିପାରିବେ । ଏହି ରଙ୍ଗ କାଠ, ଉଲ୍ ଓ ଲାଇଲେନ୍ ଭଳି ଫାବ୍ରିକ୍‌କୁ ସୁନ୍ଦର ଦିଶିଥାଏ । ଏହାଦ୍ୱାରା ଘରେ ଶାନ୍ତି ଅନୁଭୂତ ହୋଇଥାଏ ।



ମୋ ହାଣ୍ଡିଶାଳରୁ...

# ପିଜ୍ଜା ପରଟା



### ଆବଶ୍ୟକ ସାମଗ୍ରୀ

ଅଟା -୨୫୦ ଗ୍ରାମ୍, କଟା ପିଆଜ - ଅଧା କପ୍, କଟା କ୍ୟାପ୍ସିକମ୍ - ଅଧା କପ୍, ମିଠା ମକ୍କା- ଅଧା କପ୍, ଟମାଟୋ - ଅଧା କପ୍, ମ୍ୟାଗି ମସଲା - ଅଧା ଚାମଚ, ଟମାଟୋ ସସ୍ - ଏକ ଚାମଚ, ଚିଜ୍ - ଅଧା କପ୍ , ଲୁଣ- ସ୍ୱାଦ ଅନୁସାରେ, ତେଲ - ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଅଟାରେ ପାଣି ଅଳ୍ପ ଲୁଣ ଦେଇ ଚକଟି ଦିଅନ୍ତୁ । ଏହାକୁ ଗୁଳା କରି ଗୋଲାକାରରେ ବେଲନ୍ତୁ । ଏହାପରେ ରୁଟିରେ ଏକ ଚାମଚ ତେଲ ଓ ମ୍ୟାଗି ମସଲା ଦେଇ ରୁଟିର ଚାରିକଡ଼େ ଲଗାନ୍ତୁ । ଗୋଟିଏ କଣ୍ଟା ଚାମଚ ସାହାଯ୍ୟରେ ମଝିରେ ଦାଗ ଦିଅନ୍ତୁ । ଗ୍ୟାସ୍ ଲଗାଇ ତାୱା ଗରମ କରି ରୁଟିକୁ ସେକନ୍ତୁ । ଦୁଇପାଖ ହାଲୁକା ସେକି ହୋଇଯିବା ପରେ ଏହାକୁ ଏକ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ । ରୁଟି ଉପରେ ପିଜ୍ଜା ସସ୍ ଟମାଟୋ ସସ୍, ଚିଜ୍, ମିଠାମକା ଦେଇ ଏହା ଉପରେ କ୍ୟାପ୍‌ସିକମ୍, ଟମାଟୋ, ପିଆଜ ଦିଅନ୍ତୁ । ଏହାକୁ ଏକ ପ୍ୟାନ୍‌ରେ ବସାଇ ଉପରେ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । ୧୦ ମିନିଟ୍ ପରେ ଢାଙ୍କୁଣି ଖୋଲି ଏହାକୁ ପ୍ଲେଟ୍‌ରେ କାଢ଼ନ୍ତୁ । ପ୍ରସ୍ତୁତ ହୋଇଗଲା 'ପରଟା ପିଜ୍ଜା' ।

# ଟ୍ରେଣ୍ଡରେ ବବଲ୍ ହେମ୍ ଆଉଟ୍‌ଫିଟ୍



**ଫେଶନ ଦୁନିଆରେ ଅନେକ ଷ୍ଟାଇଲ୍ ରହିଛି, ଯାହା କେବେ ହେଲେ ପୁରୁଣା ହୁଏନି । ଏହା ସମୟାନୁସାରେ ନୂଆ ରୂପରେ ଦେଖିବାକୁ ମିଳିଥାଏ । ସେମିତି ଏକ ଟ୍ରେଣ୍ଡ ହେଲା ବବଲ୍ ହେମ୍ ଆଉଟଫିଟ୍ । ଏହା ଅଶି ଦଶକରେ ଖୁବ୍ ଲୋକପ୍ରିୟ ଥିଲା । ଏବେର ମହିଳାଙ୍କ ମଧ୍ୟରେ ଏହାର ଚାହିଦା ରହିଛି । ଏହା ପାର୍ଟି, ଫଙ୍କ୍‌ଶନ୍, ଉତ୍ସବ, କାଜୁଆଲ୍ ସବୁ ଆଉଟ୍‌ଫିଟ୍‌କୁ ଭଲ ମାନିଥାଏ ।**

- ଏ ପ୍ରକାର ଡ୍ରେସ୍‌ରେ କପଡ଼ାକୁ ତଳକୁ ମୋଡ଼ି ସିଲେଇ କରାଯାଇଥାଏ । ଏହାଦ୍ୱାରା ତଳଅଂଶ ଫୁଲି ଏକ ବେଲୁନ୍ ଆକାର ଦେଖାଯାଏ । ଏହା ସୁନ୍ଦର ଓ ଆକର୍ଷଣୀୟ ଦେଖାଯାଏ ।
- ଏହି ଡିଜାଇନ୍ ମିନି, ମିଡି ଓ ମ୍ୟାକ୍ସି ଆଦି ବିଭିନ୍ନ ଲମ୍ବର ରହିଛି । ତେବେ କୌଣସି ପାର୍ଟି, ଫଙ୍କସନ୍‌ରେ ପିନ୍ଧିବାକୁ ଚାହୁଁଥିଲେ , ସିଲ୍‌କ ବା ସାଟିନ୍ କପଡ଼ାର ପୋଷାକ ପିନ୍ଧିପାରିବେ ।
- ଏହି ଡ୍ରେସ୍ ସବୁ ପ୍ରକାର ଶାରୀରିକ ଗଠନକୁ ଭଲ୍ ମାନିଥାଏ । ତେଣୁ ଏହାର ଲୋକପ୍ରିୟତା ଖୁବ୍ ରହିଛି । ଏହି ବବଲ୍‌ଆକୃତି ଶରୀରକୁ ଏକ ବାଲାନ୍ସ ଲୁକ୍ ଦେଇଥାଏ । ଏହି ପୋଷାକ ଜୁଏଲାରୀ ବିନା ଅଧିକ ଆକର୍ଷଣୀୟ ଦିଶିଥାଏ ।



**କିଟ୍ ରଣଜୀ ଲଢ଼େଇ: ନାଗାଲାଣ୍ଡ ୨୯୯ରେ ପରାସ୍ତ**

# ଓଡ଼ିଶାକୁ ସିଜିନ୍‌ର ପ୍ରଥମ ବିଜୟ ପଏଣ୍ଟ

ଭୁବନେଶ୍ୱର, ୧୯ ।୧୧ (ସମିସ)

ସ୍ଥାନୀୟ କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଭ୍ରମଣକାରୀ ନାଗାଲାଣ୍ଡ ବିପକ୍ଷରେ ଅନୁଷ୍ଠିତ ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ୨୯୯ ରନର ବୃହତ୍ ବ୍ୟବଧାନରେ ବିଜୟୀ ହୋଇଛି। ଦୁଇ ସ୍ପିନର ଗୋବିନ୍ଦ ପୋଦ୍ଦାର (୫/୬୯) ଓ ବାଦଲ ସ୍ୱାଇଁ (୩/୩୮) ମିଳିତ ଭାବେ ୮ ୱିକେଟ୍ ନେଇ ଘରୋଇ ଓଡ଼ିଶାକୁ ଚଳିତ ସିଜନରେ ପ୍ରଥମ ବିଜୟ ଭେଟି ଦେଇଥିଲେ। ପୂର୍ବରୁ ବରୋଦା (୭ ୱିକେଟ୍), ଆନ୍ଧ୍ର ପ୍ରଦେଶ (ଇନିଂସ ଓ ୫୦ ରନ) ଓ ବିଦର୍ଭ (୧୦୦ ରନ) ନିକଟରୁ ହାରିଥିବା ଓଡ଼ିଶା କେବଳ ଉତ୍ତର ପ୍ରଦେଶ ବିପକ୍ଷରେ ଡ୍ର ରଖିଥିଲା। ଏବେ ୫ଟି ମ୍ୟାଚ୍ ଖେଳି ଓଡ଼ିଶା ୭ ପଏଣ୍ଟ ସହ ଏଲିଟ୍ ଗ୍ରୁପ୍-ଏ'ରେ ୬ଷ୍ଠ ସ୍ଥାନରେ ରହିଛି।

ଓଡ଼ିଶା ପକ୍ଷରୁ ଧାର୍ଯ୍ୟ ୪୬୫ ରନର କଷ୍ଟସାଧ୍ୟ ଲକ୍ଷ୍ୟକୁ ପିଛା କରିଥିବା ନାଗାଲାଣ୍ଡ ବୁଧବାର ମ୍ୟାଚର ଅନ୍ତିମ ତଥା ୪ର୍ଥ ଦିବସରେ ୧୬୫ ରନ କରି ଦ୍ୱିତୀୟ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା। ନାଗାଲାଣ୍ଡକୁ ଅଲ୍‌ଆଉଟ୍ କରିବାକୁ ଓଡ଼ିଶା ବୋଲରଙ୍କୁ ୮୩ ଓଭର ବୋଲିଂ କରିବାକୁ ପଡ଼ିଥିଲା। ଭ୍ରମଣକାରୀ ଦଳ ପକ୍ଷରୁ ଓପନର୍ ଡେଗା ନିଶ୍ଚଳ (୧୨୬ ବଲରେ ୫୨ ରନ) ଓ ହେମ ଛେତ୍ରୀ (୧୦୨ ବଲରେ ୩୭ ରନ) ଧୀମା ବ୍ୟାଟିଂ କରି ମ୍ୟାଚକୁ ଡ୍ର ରଖିବାକୁ ଚେଷ୍ଟା କରିଥିଲେ। କିନ୍ତୁ ପାର୍ଟଟାଇମ ସ୍ପିନର ଗୋବିନ୍ଦ ଉଭୟଙ୍କୁ ଆଉଟ୍ ଓଡ଼ିଶା ଦଳ ପାଇଁ ବିଜୟ ପଥ ପରିଷ୍କାର କରିଦେଇଥିଲେ। ଗୋବିନ୍ଦ ୩୧ ଓଭର ବୋଲିଂ କରି ୧୩ ମେଡେନ ସହ ୬୯ ରନ ବ୍ୟୟରେ ସର୍ବାଧିକ ୫ଟି ୱିକେଟ୍ ନେଇଥିଲେ। ପ୍ରଥମଶ୍ରେଣୀ ଫର୍ମାଟରେ ଏହା ତାଙ୍କର ୩ୟ ୫ ୱିକେଟ ସଫଳତା ଥିଲା। ସେହିଭଳି ବାମହାତୀ ସ୍ପିନର ବାଦଲ ୧୯ ଓଭର ବୋଲିଂ କରି ୧୦ ମେଡେନ ସହ ୩୮ ରନ ଦେଇ ୩ଟି ୱିକେଟ୍ ନେଇଥିଲେ। ସମ୍ବିତ ବରାଳଙ୍କୁ ଗୋଟିଏ ୱିକେଟ୍ ମିଳିଥିବାବେଳେ ଅଭିଜ୍ଞ ଚେତନ ବିଷ୍ଟ ୧୯ ବଲ ଖେଳିଥିଲେ ମଧ୍ୟ ଖାତା ଖୋଲି ନ ପାରି ରନଆଉଟ୍ ହୋଇଥିଲେ। ପୂର୍ବରୁ ଅନିଲ ପରିଡ଼ା (୧୧୮)ଙ୍କ ଶତକ ବଳରେ ଓଡ଼ିଶା ପ୍ରଥମ ଇନିଂସରେ ୨୭୫ ରନ କରିଥିଲା। ଜବାବରେ ୧୬୧ ରନରେ ସୀମିତ ରହିଥିଲା। ୧୧୪ ରନରେ ଅଗ୍ରଣୀ ଥାଇ ଘରୋଇ ଦଳ ଦ୍ୱିତୀୟ ଇନିଂସରେ ୫ ୱିକେଟରେ ୩୫୦ ରନ କରି ପାଳି ଘୋଷଣା କରିଥିଲା। ଓପନର୍ ସ୍ୱସ୍ତିକ ସାମଲ ୧୬୯ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୩୭ ରନର ଶତକୀୟ ପାଳି ଖେଳିଥିଲେ। ସ୍ୱସ୍ତିକଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସୟଦ ମୁସ୍ତାକ ଅଲି ଟ୍ରଫି ଲାଗି ରଣଜୀ ଟ୍ରଫିରେ ଏବେ ସାମୟିକ ବ୍ରେକ୍ ଲାଗିଛି। ଜାନୁଆରୀ ୨୨ରୁ ୬ଷ୍ଠ ଓ ୨୯ରୁ ଅନ୍ତିମ ତଥା ୭ମ ରାଉଣ୍ଡ ମ୍ୟାଚ୍ ଖେଳାଯିବ। ଏହି ଦୁଇଟି ମ୍ୟାଚରେ ଓଡ଼ିଶା ଯଥାକ୍ରମେ ତାମିଲନାଡୁ ଓ ଝାଡ଼ଖଣ୍ଡକୁ ଭେଟିବ।


ଗୋବିନ୍ଦ ପୋଦ୍ଦାର



ସ୍ୱସ୍ତିକ ସାମଲ

**ସଂକ୍ଷିପ୍ତ ସ୍କୋର**

**ଓଡ଼ିଶା ପ୍ରଥମ ଇନିଂସ**: ୨୭୫/୧୦ (ଅନିଲ-୧୧୮, ବିପ୍ଳବ- ୯୨, ଲମଲିୱତି ଲେମତୁର- ୩/୨୬)।
**ନାଗାଲାଣ୍ଡ ପ୍ରଥମ ଇନିଂସ**: ୧୬୧/୧୦ (ଡେଗା- ୭୨, ଗୋବିନ୍ଦ- ୩/୨୨)।
**ଓଡ଼ିଶା ୨ୟ ଇନିଂସ**: ୩୫୦/୫, ୭୧ ଓଭର (ସ୍ୱସ୍ତିକ- ୧୬୯, ଶୁଭ୍ରାଂଶୁ- ୧୩୭, ସମ୍ବିତ- ଅପରାଜିତ ୧୯, ପୋଦ୍ଦାର- ୧୨, ଭିନୋ- ୨/୭୯)।
**ନାଗାଲାଣ୍ଡ ୨ୟ ଇନିଂସ**: ୪୧/୧, ୧୮ ଓଭର (ଟାର୍ଗେଟ- ୪୬୫)।

**■ ଗୌହାଟୀରେ ଶନିବାରରୁ ଦ୍ୱିତୀୟ ଟେଷ୍ଟ**

## ଗିଲ୍‌ଙ୍କ ଖେଳିବା ନେଇ ସନ୍ଦେହ



ଗୌହାଟୀ,୧୯।୧୧(ଏଜେନ୍ସି): ଦକ୍ଷିଣ ଆଫ୍ରିକା ସହ ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଭାରତୀୟ କ୍ରିକେଟ ଦଳ ଏଠାରେ ବୁଧବାର ପହଞ୍ଚିଛି। ଏହି ଟେଷ୍ଟ ଆସନ୍ତା ଶନିବାର ବା ନଭେମ୍ବର ୨୨ରୁ ଆରମ୍ଭ ହେବ। ଇଡେନ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ ତୃତୀୟ ଦିନରେ ଶେଷ ହୋଇଥିଲା। ଏହା ଫଳରେ କୋଲକାତାରେ ଭାରତୀୟ ଦଳକୁ ୨ ଦିନ ଛୁଟିରେ ରହିବାକୁ ପଡ଼ିଲା। ଭାରତୀୟ କ୍ରିକେଟ ଦଳର ଟୁର୍ ପ୍ଲାନ୍ ଅନୁଯାୟୀ ଆଜି ଖେଳାଳି ଓ ସପୋର୍ଟ ଷ୍ଟାଫ୍ ଗୁଅହାଟୀରେ ପହଞ୍ଚିଛନ୍ତି। କିନ୍ତୁ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନ ୩ଟି ବଲ ଖେଳିବା ପରେ ଆହତ ହୋଇ ରିଟାୟର୍ଡ ହୋଇଥିବା ଭାରତୀୟ ଅଧିନାୟକ ଶୁବମନ ଗିଲ୍‌ଙ୍କ ଖେଳିବା ନେଇ ସନ୍ଦେହ ଦୂର ହୋଇନାହିଁ। କୋଲକାତାରେ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଉନ୍ନତି ଘଟୁଛି। ଏବେ ସେ ବିସିସିଆଇ ମେଡିକାଲ ଟିମ୍ ତତ୍ତ୍ୱାବଧାନରେ ରହିଛନ୍ତି। କିନ୍ତୁ ବର୍ଷାପଡାରେ ସେ ଖେଳିବେ କି ନାହିଁ ତାହା ଶେଷ ମୁହୂର୍ତ୍ତରେ ଟିମ୍ ମ୍ୟାନେଜ୍‌ମେଣ୍ଟ ନିଷ୍ପତ୍ତି ନେବ ବୋଲି ଜଣାଯାଇଛି।

**■ ଅଲ୍‌ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକରରେ ବିପର୍ଯ୍ୟୟ**

## ଅଗରୱାଲଙ୍କୁ ହରାଇଲେ ସିଂଘାଲ



ଭୁବନେଶ୍ୱର,୧୯।୧୧(ସମିସ): ପୂର୍ବତନ ଜାତୀୟ ବିଲିୟାର୍ଡ୍ସ ରନର୍ସ ଅପ୍ କୁନାଲ ଅଗରୱାଲଙ୍କୁ ହରାଇ ୧୫ ବର୍ଷୀୟ ରାଜ୍ୟ ଜୁନିଅର ଚାମ୍ପିଅନ୍ ବିଶେଷ ସିଂଘାଲ ଏଠାରେ ଚାଲିଥିବା ଅଲଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ର୍‌ୟାଙ୍କିଂ ପ୍ରତିଯୋଗିତାରେ ସବୁଠାରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ଆଜି ଖେଳାଯାଇଥିବା ସିନିଅର ସ୍ନୁକର ଚାମ୍ପିଅନସିପ୍‌ରେ ୧୫ ବର୍ଷୀୟ ବିଶେଷ ୩-୨ ଫ୍ରେମ୍‌ରେ କୁନାଲ ଅଗରୱାଲଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ବିଲିୟାର୍ଡ୍ସ ଚାମ୍ପିଅନ ଆଶୁତୋଷ ପାଢ଼ୀ ଓ ରନର୍ସ ଅପ୍ ସୁବ୍ରତ ଦାସଙ୍କ ଆଜିର ମୁକାବିଲାରେ ୱାକ୍ ଓଭର ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ରାକେଶ ରୋଶନ ପ୍ରଧାନ, ସିଦ୍ଧାର୍ଥ ସେନ୍, ଅନୁଜ ପଣ୍ଡା, ସୁଦୀପ୍ତ ଦାସ ମଧ୍ୟ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।

**■ ଷ୍ଟେଟ-ଏ ଟ୍ରଫି: ମୁମ୍ବାଇଠାରୁ ହାରିଲା**

## ଆନ୍ଧ୍ରଠୁ ଜିତିଲେ କ୍ୱାର୍ଟର ଖେଳିବ ଓଡ଼ିଶା



କଟକ,୧୯।୧୧(ସମିସ): ୨୩ବର୍ଷରୁ କମ୍ ପୁରୁଷ ଷ୍ଟେଟ-ଏ ଟ୍ରଫିର ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୮ ୱିକେଟରେ ମୁମ୍ବାଇ ଠାରୁ ପରାସ୍ତ ହୋଇଛି। ବରୋଦାର କୋଦାମ୍ବି ଷ୍ଟାଡିୟମରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ମୁମ୍ବାଇ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଡାକରା ଦେଇଥିଲା। ଦିନେଶ ମାଝୀଙ୍କ ୬୦ରନ୍ ସହାୟତାରେ ଓଡ଼ିଶା ସମସ୍ତ ୱିକେଟ ହରାଇ ୧୯୭ରନ ସଂଗ୍ରହ କରିଥିଲା। ମୁମ୍ବାଇର ହିମାଂଶୁ ସିଂହ ୩ଟି ୱିକେଟ ଦଖଲ କରିଥିଲେ। ୱିକେଟ କିପର ପ୍ରତୀକ ଯାଦବ(୬୩ରନ) ଏବଂ ଜୟ ଜୈନ(୭୭ରନ) ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ମୁମ୍ବାଇକୁ ସହଜ ବିଜୟ ପ୍ରଦାନ କରିଥିଲେ। ୬ଟି ମ୍ୟାଚରୁ ୪ଟି ବିଜୟ ଏବଂ ୨ଟି ପରାଜୟ ବଳରେ ୧୬ ପଏଣ୍ଟ ହାସଲ କରି ଓଡ଼ିଶା ଗ୍ରୁପ-ବି ଟେବଲର ୩ୟ ସ୍ଥାନରେ ରହିଛି। ମୁମ୍ବାଇ(୨୪ପଏଣ୍ଟ) ଏବଂ ଆନ୍ଧ୍ରପ୍ରଦେଶ(୧୬ପଏଣ୍ଟ) ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଆସନ୍ତା ୨୧ରେ ଓଡ଼ିଶା ଅନ୍ତିମ ଲିଗ୍‌ରେ ଆନ୍ଧ୍ରପ୍ରଦେଶକୁ ଭେଟିବ। ଏହି ମ୍ୟାଚ୍ ଜିତିଲେ ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାର ସୁଯୋଗ

**● ୨୩ ବର୍ଷରୁ କମ୍ ଜାତୀୟ ମହିଳା ଟି-୨୦**

## ଅଲିପ୍ସା ଓଡ଼ିଶା ଦଳର ଅଧିନାୟିକା



ଭୁବନେଶ୍ୱର, ୧୯ ।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଆସନ୍ତା ୨୪ ତାରିଖରୁ ୨୩ ବର୍ଷରୁ କମ୍ ଜାତୀୟ ମହିଳା ଟି-୨୦ ଟ୍ରଫି ଆରମ୍ଭ ହେବ। ଏଥିଲାଗି ବୁଧବାର ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ)ର ସିନିୟର ମହିଳା ଚୟନ କମିଟି ଅଧକ୍ଷା ସସ୍ମିତା ପଟ୍ଟନାୟକ ଓ ମୁଖ୍ୟ କୋଚ୍ ସ୍ୱାଗତିକା ରଥ ୧୬ ଜଣିଆ ରାଜ୍ୟ ଦଳ ଘୋଷଣା କରିଥିଲେ। ଅଲିପ୍ସା ବିଶ୍ୱାଳଙ୍କୁ ଦଳର ନେତୃତ୍ୱ ଭାରତ ପ୍ରଦାନ କରାଯାଇଛି। ଓଡ଼ିଶା ନଭେମ୍ବର ୨୪ରେ ସିକ୍କିମ, ୨୫ରେ ଉତ୍ତରାଖଣ୍ଡ, ୨୭ରେ ହରିୟାଣା, ୨୯ରେ ବରୋଦା ଓ ଡିସେମ୍ବର ୧ରେ ମୁମ୍ବାଇ ବିପକ୍ଷରେ ଶେଷ ଲିଗ୍ ମ୍ୟାଚ୍ ଖେଳିବ। ଓଡ଼ିଶା ଏହାର ସମସ୍ତ ମ୍ୟାଚ୍ କେରଳର ତିରୁଅନନ୍ତପୁରମରେ ଖେଳିବ।

ଓଡ଼ିଶା ୨୩ ବର୍ଷରୁ କମ୍ ମହିଳା ଦଳ: ଅଲିପ୍ସା ବିଶ୍ୱାଳ (ଅଧିନାୟିକା), ତନ୍ମୟୀ ବେହେରା (ଉପ-ଅଧିନାୟିକା), ପୂଜାରାଣୀ ଦାସ, ଦିବ୍ୟା ରାଉତରାୟ, ତନ୍ୱୀ ରଞ୍ଜନା (ଉଭୟ ୱିକେଟ୍‌କିପର), ସୁଚିସ୍ମିତା ପଣ୍ଡା, ଅଙ୍କିତା ଗିରି, ପ୍ରାର୍ଥନା ପ୍ରତିଶ୍ରୁତି, ଶୁଭ୍ରା ସ୍ୱାଇଁ, ଜିଏମ୍ ଅଳକାନନ୍ଦା, ଅନନ୍ୟା ମିଶ୍ର, ସୁଲଗ୍ନା ନାୟକ, ଏସ୍‌ବି ଲରେନ୍ସ, ଶ୍ରେୟା ପ୍ରିୟଦର୍ଶିନୀ, ଜ୍ୟୋତି ପ୍ରସାଦ, କଲାନ୍ସି ଧରିତ୍ରୀ। ଷ୍ଟାଣ୍ଡବାଏ: ଜୟସ ନାୟକ, ରାଣୀ ପ୍ରସାଦ, ଏସ୍. ସ୍ୱାଇଁ ଓ ସୋନାଲିସା ସାହୁ।

**ସୟଦ ମୁସ୍ତାକ ଅଲ୍ଲୀ ଟି-୨୦**

## ୫ ବର୍ଷ ପରେ ବିପ୍ଳବଙ୍କୁ ନେତୃତ୍ୱ

କଟକ,୧୯।୧୧(ସମିସ)



**୬ ନୂଆ ମୁହଁ; ୧୭ବର୍ଷୀୟ ରାଜଙ୍କୁ ସୁଯୋଗ**

ବିସିସିଆଇ ଆନୁକୂଲ୍ୟରେ ଆସନ୍ତା ୨୬ ତାରିଖରୁ ସୟଦ ମୁସ୍ତାକ ଅଲ୍ଲୀ ଟି-୨୦ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଥି ନିମନ୍ତେ ଘୋଷିତ ୨୦ଜଣିଆ ରାଜ୍ୟ ଦଳରେ ବିପ୍ଳବ ସାମନ୍ତରାୟଙ୍କୁ ନେତୃତ୍ୱ ମିଳିଛି। ପାଞ୍ଚବର୍ଷ ପରେ ବିପ୍ଳବ ଟି-୨୦ ଫର୍ମାଟର ଅଧିନାୟକ ପଦକୁ ଫେରିଛନ୍ତି। ସେହିଭଳି ଦଳରେ ୬ ନୂଆ ମୁହଁ ସ୍ଥାନ ପାଇଛନ୍ତି। ଅନିଲ ପରିଡ଼ା, ବାଦଲ ବିଶ୍ୱାଳ ଏବଂ ସୌରଭ ଗୌଡ ପ୍ରଥମଶ୍ରେଣୀ କ୍ରିକେଟରେ ପଦାର୍ପଣ କରିଥିଲେ ମଧ୍ୟ ଟି-୨୦ ଫର୍ମାଟରେ ନୂଆ ଚେହେରା। ଏହାଛଡ଼ା ୧୭ବର୍ଷୀୟ ସ୍ପିନର ରାଜ ଯାଦବ ଏବଂ ପେସ୍ ବୋଲର ଭଗୀଶ ଶର୍ମାଙ୍କ ସମେତ ସୌମ୍ୟରଞ୍ଜନ ଲେଙ୍କା ରାଜ୍ୟ ବରିଷ୍ଠ ଦଳରେ ପ୍ରଥମ ଥର ସୁଯୋଗ ପାଇଛନ୍ତି। ସେହିଭଳି ବାମହାତୀ ସ୍ପିନର ପପୁ ରାୟ ପାଖାପାଖି ୪୪ ମାସ ପରେ ସିନିଅର ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଘୋଷିତ ଦଳରେ ଗୌରବ ଚୌଧୁରୀ, ସ୍ୱସ୍ତିକ ସାମଲ, ଆଦିତ୍ୟ ରାଉତ, ଆଶୀର୍ବାଦ ସ୍ୱାଇଁ, ପ୍ରୟାସ କୁମାର ସିଂହ, ସମ୍ବିତ ବରାଳ, ରାଜେଶ ମହାନ୍ତି, ଶୁଭ୍ରାଂଶୁ ସେନାପତି, ଶୁଭମ ଶତ୍ରୁଜିତ, ସନ୍ଦୀପ ପଟ୍ଟନାୟକ, ପପୁ ରାୟ, ଗୋବିନ୍ଦ ପୋଦ୍ଦାର, ସର୍ବେଶ୍ୱର ମହାନ୍ତି ରହିଛନ୍ତି। ଲକ୍ଷ୍ନୌର ଏକନା କ୍ରିକେଟ ଷ୍ଟାଡିୟମରେ କେରଳ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

## ଫିଫା ବିଶ୍ୱକପ୍‌ରେ କ୍ଷୁଦ୍ରତମ ଦେଶ

ଜାମାଇକା, ୧୯ ।୧୧ (ଏଜେନ୍ସି): କାରିବୀୟାନ ଦୀପ ରାଷ୍ଟ୍ର କୁରାକାଓ କ୍ଷୁଦ୍ରତମ ଦେଶ ଭାବେ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାର ସୌଭାଗ୍ୟ ଲାଭ କରିଛି। ବୁଧବାର ଅନୁଷ୍ଠିତ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ କୁରାକାଓ ଗୋଲ୍‌ଶୂନ୍ୟ ଭାବେ ଜାମାଇକା ବିପକ୍ଷରେ ଡ୍ର ରଖିଥିଲା। ଫଳରେ ଗ୍ରୁପ୍-ଏର୍‌ରେ ୬ ମ୍ୟାଚ୍ ଖେଳି ୩ଟି ଲେଖାଏ ବିଜୟ ଓ ଡ୍ର ସହ କୁରାକାଓ ୨୦୨୬ ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରି ଇତିହାସ ରଚିଛି। ୧୭୧ ସ୍କୋୟାର ମାଇଲ୍ସ ବିଶିଷ୍ଟ କୁରାକାଓର ଜନସଂଖ୍ୟା ୧ ଲକ୍ଷ ୫୬ ହଜାର। ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବାରେ ଏହା ବିଶ୍ୱର କ୍ଷୁଦ୍ରତମ ଦେଶ ହେବାର ରେକର୍ଡ କରିଛି।

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ

ବିତର୍କ ପ୍ରତିଯୋଗିତା ୨୦୨୫

ଭାଷା: ଓଡ଼ିଆ

Presented by:
BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

In Association with:
CBSE-XI & XII
SRI VINAYAKA Concept School
BHUBANESWAR




ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୭୬ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୬୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୨୧୭୨୯ |
| କଟକ | ସାରଳା ଭବନ ,ବିଜୁ ପଟ୍ଟନାୟକ ଛକ , ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିରିଂ ବୈଷିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୨୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୬୨୫୬୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୨୨୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଦୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୧୧୨୨୦୫୫ |

୨୩ ନଭେମ୍ବର ୨୦୨୫ । ରବିବାର

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS